

ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର

ଭିତର ପୃଷ୍ଠାରେ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-202 • BHUBANESWAR • TUESDAY • 16 JANUARY 2024 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୦୨ • ଭୁବନେଶ୍ୱର • ମଙ୍ଗଳବାର • ୧୬ ଜାନୁଆରୀ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦









ଭକତ ଭାବରେ ବନ୍ଧା ମହାବାହୁ ଶ୍ରୀଜଗନ୍ନାଥ
ଗୌରବମୟ ଶ୍ରୀକ୍ଷେତ୍ରରେ ଯୋଡି ହେବ ଆଉ ଏକ ସ୍ୱର୍ଣ୍ଣିମ ପୃଷ୍ଠା
ଜଗତକର୍ତ୍ତାଙ୍କ କୃପାରୁ ସମ୍ଭବ ହୋଇଛି

## "ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ"

ଶ୍ରଦ୍ଧାଳୁମାନେ କରିପାରିବେ ଶ୍ରୀମନ୍ଦିରର ଶାନ୍ତିପୂର୍ଣ୍ଣ ପରିକ୍ରମା

ଆସନ୍ତାକାଲି ବିଶ୍ୱବାସୀଙ୍କ ନିମନ୍ତେ
ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ
୧୭ ଜାନୁଆରୀ ୨୦୨୪

ସକାଳ ୭ ଘଟିକାରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ
ସମସ୍ତ ଓଡ଼ିଆ ଟିଭି ଚାନେଲ୍ ଏବଂ "IPR Odisha" ୟୁଟ୍ୟୁବ୍ ଚାନେଲ୍‌ରେ ଦେଖିପାରିବେ ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-202 ◆BHUBANESWAR ◆TUESDAY ◆16 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୨ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଦିନକ ପରେ ବର୍ଷା ଆଶଙ୍କା

**ଭୁବନେଶ୍ୱର, ୧୫ ।୧(ସମିସ):** ଦିନକ ପରେ ବଦଳିବ ପାଗ। ଆସନ୍ତା ୧୭ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ୧୬ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ କିଛି ଅଞ୍ଚଳରେ ଶୀତ ଅନୁଭୂତ ହେବ। ହେଲେ ୧୭ ତାରିଖ ବେଳକୁ ରାଜ୍ୟରେ ପଶ୍ଚିମା ଝଡ ସକ୍ରିୟ ହେବ ଓ ପରବର୍ତ୍ତୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ୧୭ ତାରିଖରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ଦେବଗଡ଼ ଓ ମୟୂରଭଞ୍ଜ ଆଦିରେ ବର୍ଷା ଆଶଙ୍କା ରହିଛି। ସେହିପରି ୧୮ରେ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର ଓ ଭଦ୍ରକରେ ବର୍ଷା ଆଶଙ୍କା ରହିଛି। ରାଜ୍ୟରେ ବର୍ତ୍ତମାନ ତାପମାତ୍ରା ହ୍ରାସ ଯୋଗୁଁ ଅନେକ ସ୍ଥାନରେ ଶୀତ ଜାରି ରହିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ।






# ଓଡ଼ିଶା ହେବ 'ଅକ୍ଷୟ' ସମୃଦ୍ଧ

**ଭୁବନେଶ୍ୱର, ୧୫ ।୧(ସମିସ):** ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ ସେ ନେଇ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨କୁ ମଧ୍ୟ ପ୍ରଣୟନ କରିଛନ୍ତି। ଏହି ନୀତିକୁ



କାର୍ଯ୍ୟକାରୀ କରିବା ପାଇଁ ଶକ୍ତି ବିଭାଗ ପରିଚାଳନା ନିୟମାବଳୀକୁ ଅନୁମୋଦନ କରିଛି। ଫଳରେ ଅକ୍ଷୟ ଶକ୍ତି ବ୍ୟବହାର, ଉତ୍ପାଦନ କ୍ଷେତ୍ରରେ ଆହୁରି ସହଜତା ଆସିବ।

ଏହି ନୀତିର କାର୍ଯ୍ୟକାରିତା ପାଇଁ ଗ୍ରୀଡ୍‌କୋକୁ ନୋଡାଲ ଏଜେନ୍ସି ଭାବେ ମନୋନୀତ କରାଯାଇଛି। ଏହାକୁ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ସିଙ୍ଗଲ ୱିଣ୍ଡୋ କମିଟି, ଷ୍ଟେଟ ଲେଭଲ ଫ୍ୟାସିଲିଟେସନ ସେଲ୍‌ଫ ମଧ୍ୟ ଗଠନ କରିଛନ୍ତି। ଯାହାଫଳରେ ନିବେଶକମାନେ ଅଧିକ ଆକୃଷ୍ଟ ହେବା ସହ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିପାରିବେ। ଓଡ଼ିଶାରେ ନିକଟ ଅତୀତରେ ପବନ, ସୌର ଏବଂ ଜଳ ବିଦ୍ୟୁତ୍

**■ ଅକ୍ଷୟ ଶକ୍ତି ନୀତି ପରିଚାଳନା ନିୟମାବଳୀକୁ ଅନୁମୋଦନ**
**■ ନିୟମାବଳୀର ଅନୁପାଳନ ପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ**

କ୍ଷେତ୍ରରେ ନିବେଶକଙ୍କୁ ଆକୃଷ୍ଟ କରିବାରେ ଅକ୍ଷୟ ଶକ୍ତି ନୀତି ୨୦୨୨ ବେଶ୍ ସହାୟକ ହୋଇପାରିଥିବା ବେଳେ ବିପୁଳ ପରିମାଣର ନିବେଶ ପ୍ରସ୍ତାବ ମଧ୍ୟ ଆସୁଛି। ଗତ ନଭେମ୍ବର ମାସରେ ସୌର ଶକ୍ତିରେ ନିବେଶ ପାଇଁ ପ୍ରାୟ ୪୯୪୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା। ଏହି ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ପ୍ରାୟ ୫୭୫ ମେଗାୱାଟ୍ ପବନ ଶକ୍ତି ରାଜ୍ୟରେ ଉତ୍ପାଦିତ ହୋଇପାରିବ। ସେହିପରି ବିଭିନ୍ନ ସମୟରେ ରାଜ୍ୟରେ ଥିବା ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବିଭିନ୍ନ ସମୟରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ପ୍ରଦାନ କରୁଛି। ନିକଟରେ ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଗଠିତ ସିଙ୍ଗଲ ୱିଣ୍ଡୋ କମିଟି ଏକ ବଡ଼ ନିଷ୍ପତ୍ତି ନେଇଛି। ରାଜ୍ୟରେ ୧୦୭୯.୬୨ କୋଟି ଟଙ୍କାର ସବୁଜ ଶକ୍ତି ନିବେଶ ପ୍ରସ୍ତାବକୁ କମିଟି ଅନୁମୋଦନ ଦେଇଥିବା ବେଳେ ଏହାଦ୍ୱାରା ରାଜ୍ୟରେ ମୋଟ ୧୧୨.୫୩ ମେଗାୱାଟ କ୍ଷମତା ବିଶିଷ୍ଟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଅନୁମୋଦନ ମିଳିଥିବା ପ୍ରକଳ୍ପ ମଧ୍ୟରେ ୩୦ ମେଗାୱାଟ୍ ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପ, ୧୯.୫୩ ରୁଫ୍‌ଟପ ସୋଲାର ପ୍ରକଳ୍ପ ଏବଂ ୬୩ ମେଗାୱାଟ୍ ବିଶିଷ୍ଟ ବୃହତ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ ରହିଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ବର୍ତ୍ତମାନ ପବନ ଓ ସୌର ଶକ୍ତି ସହ ରୁଫ୍‌ଟପ୍ ସୋଲାର ପ୍ରକଳ୍ପ, ଜଳ ବିଦ୍ୟୁତ୍ ପ୍ରକଳ୍ପ ସହ ପମ୍ପ ଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଅଧିକରୁ ଅଧିକ ପରିମାଣରେ ସବୁଜ ଶକ୍ତି ଉତ୍ପାଦନକୁ ପ୍ରାଥମିକତା ଦେଉଛନ୍ତି।

## ଆଉ ଫାସ୍‌ଟ୍ୟାଗ୍‌ରେ ଆଦାୟ ହେବନି ଟୋଲ୍

**ନୂଆଦିଲ୍ଲୀ,୧୫।୧(ଏଜେନ୍ସି):** ଆଗକୁ ଆଉ ଫାସ୍‌ଟ୍ୟାଗ ଜରିଆରେ ହେବନି ଟୋଲ୍ ସଂଗ୍ରହ। ଆସନ୍ତା ଫେବୃଆରୀରୁ ସିଧାସଳଖ ଭାବେ ଜିପିଏସ୍ ଟେକ୍ନୋଲୋଜି ଜରିଆରେ ଟୋଲ ଆଦାୟ କରାଯିବ। କାରଣ ଦେଶରେ ଖୁବ ଶୀଘ୍ର ଟୋଲ ଆଦାୟ ପଦ୍ଧତି ବଦଳିବାକୁ ଯାଉଛି। ୩ ବର୍ଷ ପୂର୍ବେ ଦେଶରେ ଫାସ୍‌ଟ୍ୟାଗ

**ଫେବ୍ରୁଆରୀରୁ ଜିପିଏସ୍ ଆଧାରରେ ହେବ ଟିକସ ସଂଗ୍ରହ**

ଜରିଆରେ ଆରମ୍ଭ କରାଯାଇଥିବା ଟୋଲ୍ ସଂଗ୍ରହ ପ୍ରକ୍ରିୟାରେ ବଦଳିବା ପରେ ଏଣିକି ସିଧାସଳଖ ଭାବେ ଜିପିଏସ୍ ଆଧାରରେ ଟୋଲ୍ ଆଦାୟ କରାଯିବ। ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଆସନ୍ତା ମାସରୁ ଦେଶର ପ୍ରାୟ ୧୦ଟି ଜାତୀୟ ରାଜପଥରେ ଆରମ୍ଭ ହେବାକୁ ଯାଉଛି। ନୂତନ ବ୍ୟବସ୍ଥାରେ ଟୋଲ୍ ଆଦାୟ ରୁଟ ଆଧାରରେ କରାଯିବ। ଏଥିପାଇଁ ଜାତୀୟ ରାଜପଥର ଜିଓଫେନ୍ସିଂ କରାଯିବ ଯାହା ଗ୍ଲୋବାଲ୍ ପୋଜିସନ୍ ସିଷ୍ଟମ୍ (ଜିପିଏସ୍) କିମ୍ବା ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍ (ଆର୍‌ଏଫ୍‌ଆଇଡି) ମାଧ୍ୟମରେ କାର୍ଯ୍ୟକାରୀ ହେବ।

**■ ପ୍ରକାଶ ପାଇଲା ପରୀକ୍ଷା ଫଳ**

## ମାସ ଶେଷ ସୁଦ୍ଧା କନିଷ୍ଠ ଶିକ୍ଷକ ନିଯୁକ୍ତି

**ଭୁବନେଶ୍ୱର,୧୫ ।୧(ସମିସ):** ପ୍ରକାଶ ପାଇଲା କନିଷ୍ଠ ଶିକ୍ଷକ(ସ୍କିମାଟିକ) ଲିଖିତ ପରୀକ୍ଷା ଫଳ। ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ୱେବସାଇଟ୍‌ରେ ସୋମବାର ପରୀକ୍ଷା ଫଳ ଉପଲବ୍ଧ ହୋଇଛି। କଳା, ବିଜ୍ଞାନ, ତେଲୁଗୁ, ଉର୍ଦ୍ଦୁ ଓ ବଙ୍ଗଳା ଶିକ୍ଷକ ପାଇଁ ମୋଟ୍ ୧୮, ୭୮୮ ଜଣ ଆଶାୟୀ ତାଲିକାରେ ସ୍ଥାନ ପାଇଛନ୍ତି। ବିଭିନ୍ନ ବର୍ଗ ପାଇଁ ସଂରକ୍ଷିତ ସିଟ୍ ପୂରଣ ହୋଇ ନଥିବାରୁ ଅବଶିଷ୍ଟ ପଦ ଖାଲି ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ପ୍ରଥମରୁ ପଞ୍ଚମ ଶ୍ରେଣୀ ଶିକ୍ଷକ ପାଇଁ ମୋଟ ୯୯୮୨ ଜଣ ଆଶାୟୀ ସ୍ଥାନ ପାଇଛନ୍ତି। ତନ୍ମଧ୍ୟରୁ ବିଜ୍ଞାନରେ ମୋଟ ୫୯୯୬ ଜଣ ସ୍ଥାନ ପାଇଥିବା ବେଳେ କଳାରେ ୩୭୯୯ ଜଣ, ତେଲୁଗୁରେ ୧୬ ଜଣ, ଉର୍ଦ୍ଦୁରେ ୧୫୯ଜଣ ଏବଂ ବଙ୍ଗଳାରେ ୧୨ଜଣ ସ୍ଥାନ ପାଇଛନ୍ତି। ସେହିପରି ଷଷ୍ଠରୁ ଅଷ୍ଟମ ଶିକ୍ଷକ ପାଇଁ ମୋଟ ୮୮୦୬ଜଣ ଆଶାୟୀ ସ୍ଥାନ ପାଇଛନ୍ତି। ତନ୍ମଧ୍ୟରୁ ବିଜ୍ଞାନରେ ମୋଟ ୫୦୧୪ଜଣ ସ୍ଥାନ ପାଇଥିବା ବେଳେ କଳାରେ ୩୭୫୦ ଜଣ, ତେଲୁଗୁରେ ୧୧ ଜଣ, ଉର୍ଦ୍ଦୁରେ ୨୪ ଜଣ ଏବଂ ବଙ୍ଗଳାରେ ୭ଜଣ ଆଶାୟୀ ସ୍ଥାନ ପାଇଛନ୍ତି। ଆସନ୍ତା ବୁଧବାର ମଧ୍ୟରେ ଡକ୍ୟୁମେଣ୍ଟ ଭେରିଫିକେସନ୍ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସପ୍ତାହେ ମଧ୍ୟରେ ଏହି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ ହୋଇଛି। ଏହାସହ ଚଳିତ ମାସ ଶେଷ ସୁଦ୍ଧା କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି।

**କୃତୀ ତାଲିକାରେ ୧୮, ୭୮୮ ଆଶାୟୀ**

ନିଯୁକ୍ତି ପାଇଁ ଓସେପା ପୂର୍ବରୁ ପ୍ରସ୍ତୁତି ଚଳାଇଛି। ଇତିମଧ୍ୟରେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ମାନେ ପ୍ରାଥମିକତା ଭିତ୍ତିରେ ଶିକ୍ଷକ ଆବଶ୍ୟକ କରୁଥିବା ବିଦ୍ୟାଳୟର ତାଲିକା ପ୍ରଦାନ କରିଛନ୍ତି। ସେହି ତାଲିକା ଭିତ୍ତିରେ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଦିଆଯିବ।

ସୂଚନାଯୋଗ୍ୟ, ମୋଟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ମୋଟ ୯୩୯୬୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥଲେ। ଯାହାର ଫଳ ଆଜି ପ୍ରକାଶ ପାଇଛି।




# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆ବର୍ଷ-୪୧ ◆ସଂଖ୍ୟା-୨୦୨ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦
◆VOLUME- 41 ◆ISSUE-202 ◆BHUBANESWAR ◆TUESDAY ◆16 JANUARY 2024 ◆PAGE-16 ◆₹ 6.00




### ଜୟ ଜଗନ୍ନାଥ



ସମସ୍ତଙ୍କୁ ନମସ୍କାର।

ଆପଣମାନଙ୍କୁ ସମସ୍ତଙ୍କୁ ମକର ସଂକ୍ରାନ୍ତି ଅବସରରେ ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ। ପ୍ରତି ଓଡ଼ିଆ ଜଗନ୍ନାଥଙ୍କୁ ସ୍ମରଣ କରି ଶୁଭ କାର୍ଯ୍ୟ ଆରମ୍ଭ କରିଥା'ନ୍ତି। ସେ ଜଗତର ନାଥ। ସାରା ବିଶ୍ୱ ତାଙ୍କର ସୃଷ୍ଟି। ସବୁ ଧର୍ମ ସମନ୍ୱୟର ସେ ହେଉଛନ୍ତି ପ୍ରତୀକ।

ଆମ ସଂସ୍କୃତି, ଆମ ପରମ୍ପରା, ଆମ ଚେତନା- ସବୁର ଆଧାର ହେଉଛନ୍ତି ମହାପ୍ରଭୁ। ଜଗନ୍ନାଥ ସଂସ୍କୃତି ହେଉଛି, ଓଡ଼ିଶାର ସଂସ୍କୃତି। ଓଡ଼ିଶା ଇତିହାସ, ଜଗନ୍ନାଥ ମନ୍ଦିରର ଇତିହାସ ସହ ଯୋଡ଼ି ହୋଇରହିଛି। ତାଙ୍କ ଚରଣରେ ମୋର କୋଟି କୋଟି ପ୍ରଣାମ।

ମହାପ୍ରଭୁଙ୍କ ଇଚ୍ଛାରେ ଆସନ୍ତା ୧୭ ତାରିଖ ଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ମହାପ୍ରଭୁ ସକଳ ଶକ୍ତିର ଆଧାର। ତାଙ୍କ ବିନା ଇଚ୍ଛାରେ ପତ୍ରଟିଏ ମଧ୍ୟ ହଲେ ନାହିଁ। ଆମମାନଙ୍କର ପରମ ସୌଭାଗ୍ୟ, ଆମ ଜୀବନକାଳ ମଧ୍ୟରେ ଆମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସାକ୍ଷୀ ହୋଇପାରିଛୁ।

ଶହ ଶହ ବର୍ଷ ଧରି ସାଧୁ, ସନ୍ଥ, ରାଜା-ମହାରାଜାମାନେ ଶ୍ରୀ ମନ୍ଦିରକୁ ସୁରକ୍ଷା ଦେଇଆସିଥିଲେ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜା ମହାରାଜାମାନେ ଶ୍ରୀମନ୍ଦିର ସୁରକ୍ଷା ଉପରେ ବିଶେଷ ଧ୍ୟାନ ରଖିଥିଲେ। ସାଧୁ, ସନ୍ଥ, ସାଧାରଣ ଭକ୍ତ ଓ ଲୋକମାନେ ଏହି ମାର୍ଗରେ ପରିକ୍ରମା କରୁଥିଲେ। ଶାନ୍ତି ଓ ଦିବ୍ୟ ଆନନ୍ଦର ସହ ଭକ୍ତମାନେ ଯେପରି ଶ୍ରୀମନ୍ଦିର ପରିକ୍ରମା କରିବେ, ତାହା ହେଉଛି ଆମ ଏହି ପ୍ରକଳ୍ପର ଲକ୍ଷ୍ୟ।

ଗଜପତି ମହାରାଜାଙ୍କ ଭାଷାରେ, '୭୦୦ ବର୍ଷ ଭିତରେ ଶ୍ରୀମନ୍ଦିର ପାଇଁ ଏମିତି କାମ ହୋଇନାହିଁ।'

ଏହା ହେଉଛି ସାରା ଓଡିଆ ଜାତି ପାଇଁ ଏକ ଉତ୍ସବର ଦିନ। ତେଣୁ ମୋର ଅନୁରୋଧ, ଆମେ ସମସ୍ତେ ଏହି ଦିନଟିକୁ, ଏହି ଉତ୍ସବଟିକୁ, ମହାପ୍ରଭୁଙ୍କୁ ସମର୍ପଣ କରି ପାଳନ କରିବା।

ନିଜ ନିଜ ଭାବରେ ଭକ୍ତି ପ୍ରକାଶ କରିବା। ଦୀପ ଜାଳିବା, ଶଙ୍ଖ ଫୁଙ୍କିବା, ଘଣ୍ଟି ବଜାଇବା, ପୂଜା କରିବା, ଭଜନ ଗାନ କରିବା, କୀର୍ତ୍ତନ କରିବା ଓ ପ୍ରଭୁଙ୍କ ନାମ ଜପ କରିବା। ସାରା ଓଡ଼ିଶାର ଘରେ ଘରେ ଭକ୍ତି, ସମର୍ପଣ, ଆନନ୍ଦ ଓ ଉତ୍ସାହର ସହ ଏହି ଦିନଟିକୁ ଆମେ ପାଳନ କରିବା।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ। ସାରା ବିଶ୍ୱର କୋଣ ଅନୁକୋଣରେ ତାଙ୍କର ଅନେକ ଭକ୍ତ ଓ ଜଗନ୍ନାଥପ୍ରେମୀ ରହିଛନ୍ତି। ସବୁ ଧର୍ମର ସେ ହେଉଛନ୍ତି ଠାକୁର। ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ସହ ସେ ଯୋଡ଼ି ହୋଇ ରହିଛନ୍ତି।

ଦେଶ-ବିଦେଶରେ ରହୁଥିବା ସବୁ ଜଗନ୍ନାଥପ୍ରେମୀଙ୍କୁ ମୋର ଅନୁରୋଧ, ଆପଣମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନିଜ ନିଜ ଭାବରେ ଆନନ୍ଦ, ଭକ୍ତି ଓ ସମର୍ପଣ ଭାବ ସହ ପାଳନ କରନ୍ତୁ। ବିଶ୍ୱନିୟନ୍ତାଙ୍କ ଏହି ଉତ୍ସବରେ ପରିବାର ସହ ନିଜକୁ ସାମିଲ କରନ୍ତୁ।

ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କୁ ଏକ ଦିବ୍ୟ ଅନୁଭବ ଦେବା ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ଓଡ଼ିଆ ଜାତିର ଇତିହାସରେ ଏହା ଏକ ଗୌରବମୟ ମୁହୂର୍ତ୍ତ।'

ସେହିପରି, ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ସମସ୍ତେ ଯେପରି, ଏକ ଦିବ୍ୟ ଅନୁଭବ ନେଇ ଫେରିବେ, ତାକୁ ଦୃଷ୍ଟିରେ ରଖି ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ସୁବିଧା ସୁଯୋଗର ବିକାଶ ମଧ୍ୟ କରାଯାଇଛି।

ଏହାଦ୍ୱାରା ମହାପ୍ରଭୁଙ୍କ ବାହାର ଯାନିଯାତ୍ରା ମଧ୍ୟ ସୁନ୍ଦର ଭାବରେ ହୋଇପାରିବ। ଜନ୍ମ ଜନ୍ମର ପୁଣ୍ୟ ବଳରେ ଏହି ଐତିହାସିକ ମୁହୂର୍ତ୍ତରେ ସାମିଲ ହେବାକୁ ମହାପ୍ରଭୁ ଆମକୁ ସୁଯୋଗ ଦେଇଛନ୍ତି, ଆଶୀର୍ବାଦ କରିଛନ୍ତି। ଓଡ଼ିଆ ଜାତିକୁ ତାଙ୍କ କୃପା ଓ କରୁଣା ବଳରେ ଧନ୍ୟ କରିଛନ୍ତି।

ଏହି ଅବସରରେ ପରିକ୍ରମା ପ୍ରକଳ୍ପ ପାଇଁ ତ୍ୟାଗ କରିଥିବା ସମସ୍ତଙ୍କ ପାଖରେ ମୋର କୃତଜ୍ଞତା ଜଣାଉଛି। ଜମି ଦାନ କରିଥିବା ଲୋକମାନଙ୍କୁ ମୋର କୃତଜ୍ଞତା ଜଣାଉଛି। ମୁଁ ଧନ୍ୟବାଦ ଜଣାଉଛି ସେବାୟତମାନଙ୍କୁ। ମହାପ୍ରଭୁଙ୍କ ଏହି କାର୍ଯ୍ୟରେ ନିୟୋଜିତ ନିର୍ମାଣ ଶ୍ରମିକ, କାରିଗର ଓ ଶିଳ୍ପୀ- ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମହାପ୍ରଭୁଙ୍କ ଇଚ୍ଛା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସବୁରି ଉପରେ ମହାପ୍ରଭୁଙ୍କ ଇଚ୍ଛା।

ଆସନ୍ତୁ, ଆମେ ସମସ୍ତେ ଆଜିର ଏହି ପବିତ୍ର ଅବସରରେ ତାଙ୍କ ଆଶୀର୍ବାଦ ପାଇଁ ପ୍ରାର୍ଥନା କରିବା। ମହାପ୍ରଭୁଙ୍କ ଆଶିଷ ଲାଭ କରିବା।

**ଜୟ ଜଗନ୍ନାଥ**

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପରିକ୍ରମା ମହାଯଜ୍ଞ ଆରମ୍ଭ
# ବେଦଜ୍ଞଙ୍କ ଦେବ ଆବାହନ



■ **ପୁରୀ, ୧୫ ।୧(ସମିସ):** ଆଉ ମାତ୍ର ଦିନକ ପରେ ଶ୍ରୀମନ୍ଦିର ଇତିହାସରେ ଯୋଡି ହେବ ସ୍ୱର୍ଣ୍ଣିମ ଫର୍ଦ୍ଦ। ରାଜ୍ୟ ସରକାରଙ୍କ ସ୍ୱପ୍ନର ପ୍ରକଳ୍ପ ନେବ ବାସ୍ତବ ରୂପ। ଶ୍ରୀକ୍ଷେତ୍ର ମାଟିରୁ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଦିବ୍ୟ ମୁହୂର୍ତ୍ତକୁ ସମସ୍ତଙ୍କର ଅପେକ୍ଷା ଥିବାବେଳେ ଏ ସବୁର ସାକ୍ଷୀ ରହିବ ଶ୍ରୀକ୍ଷେତ୍ର। ତେବେ ଏହି ପରିକ୍ରମା ଲୋକାର୍ପଣ ପାଇଁ ସୋମବାରଠାରୁ ଆରମ୍ଭ ହୋଇଛି ମହାଯଜ୍ଞ। ପୌଷ ଶୁକ୍ଳ ପଞ୍ଚମୀ ତିଥି ତଥା ପବିତ୍ର ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ଏହି ତ୍ରିଦିନାତ୍ମକ ମହାଯଜ୍ଞ ସମଗ୍ର ଶ୍ରୀକ୍ଷେତ୍ରରେ ସୃଷ୍ଟି କରିଛି ଭିନ୍ନ ଏକ ଆଧ୍ୟାତ୍ମିକ ପରିବେଶ। ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନିରେ କମ୍ପୁଛି ବଡ଼ଦାଣ୍ଡ। ପୁଣି ଶ୍ରୀମନ୍ଦିର ଚାରିଦ୍ୱାରରେ ଶୁଭୁଛି ବେଦପାଠର ସେହି ଅମୃତ ଧ୍ୱନି। ସତେଯେମିତି ଭାବଭକ୍ତିର ଫଲ୍‌ଗୁ ବିଛାଡି ହୋଇପଡ଼ିଛି ଶ୍ରୀକ୍ଷେତ୍ର ମାଟିରେ।

ସକାଳେ ଶ୍ରୀମନ୍ଦିରରୁ ଅଖଣ୍ଡଦୀପ ଆସି ଯଜ୍ଞ ମଣ୍ଡପରେ ସଂସ୍ଥାପିତ ହେବା ପରେ ପଞ୍ଚକର୍ମ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ରାଜଗୁରୁଙ୍କ ଦ୍ୱାରା ବ୍ରାହ୍ମଣ ବରଣ କରାଯାଇଥିଲା। ଶ୍ରୀନଅରରେ ୧୦ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ବରଣ ହୋଇଥିବା ବେଳେ ପ୍ରାଧାନ ଆଚାର୍ଯ୍ୟ ଆଉ ୩୮ ଜଣଙ୍କୁ ବରଣ କରିଥିଲେ। ବରଣ ହୋଇଥିବା ବ୍ରାହ୍ମଣମାନେ ସୂର୍ଯ୍ୟ ପୂଜା ସାରି ଯଜ୍ଞ ଶାଳା ଚାରିପଟେ ପରିକ୍ରମା କରିଥିଲେ। ସୂର୍ଯ୍ୟପୂଜା ପରେ ଯଜ୍ଞମଣ୍ଡପ ଚତୁଃପାର୍ଶ୍ୱରେ ପଞ୍ଚାମୃତ ଓ ଶସ୍ୟ ସିଞ୍ଚନ କରାଯାଇ ଯଜ୍ଞସ୍ଥଳକୁ ସଂସ୍କାର କରାଯାଇଥିଲା। ପରେ ଶାଳା ପ୍ରବେଶ ଓ ମଣ୍ଡଳ ପୂଜା କରାଯାଇଥିବା ବେଳେ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ଚଣ୍ଡୀପାଠ ଓ ବିଭିନ୍ନ ଦେବଦେବୀଙ୍କୁ ଆବାହନ କରାଯାଥିଲା। ବାସ୍ତୁ ମଣ୍ଡଳ, ଦେବୀ ମଣ୍ଡଳ, ବିଷ୍ଣୁ ସର୍ବତ୍ର ଭଦ୍ର ମଣ୍ଡଳ, ନବଗ୍ରହ ମଣ୍ଡଳମାନଙ୍କରେ ଠାକୁରମାନେ ଅଧିଷ୍ଠିତ ହୋଇଥିଲେ। ଯଜ୍ଞ କୁଣ୍ଡ ସଂସ୍କାର କରାଯାଇ ଯଜ୍ଞ ଦେବତାଙ୍କୁ ଆବାହନ କରାଯାଇଥିଲା। ଅପରାହ୍ଣରେ ▶ପୃଷ୍ଠା-୧୪

**ବେଦପାଠରେ ଝଙ୍କୃତ ହେଉଛି ଶ୍ରୀମନ୍ଦିର ଚଉହଦୀ**

**ନାମ ସଂକୀର୍ତ୍ତନରେ ଅନ୍ତଃପ୍ରଦକ୍ଷିଣ ପଥ ମୁଖରିତ**

## 'ଲୋକାର୍ପଣ' ପ୍ରସ୍ତୁତିରେ ଶେଷ ସ୍ପର୍ଶ
# ସମସ୍ତଙ୍କ ସହଯୋଗ ଲୋଡ଼ିଲେ '୫-ଟି' ଅଧ୍ୟକ୍ଷ



■ **ପୁରୀ, ୧୫।୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବ୍ୟବହିତ ପୂର୍ବରୁ ନୀଳାଦ୍ରି ଭକ୍ତ ନିବାସରେ '୫-ଟି'ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ବରିଷ୍ଠ ସେବାୟତ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ପୁରୀକୁ ବିଶ୍ୱର ଶ୍ରେଷ୍ଠ ସହରରେ ପରିଣତ କରିବା ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତଙ୍କୁ ଅବିସ୍ମରଣୀୟ ଅନୁଭବ ପ୍ରଦାନ ନିମନ୍ତେ ଶ୍ରୀ ପାଣ୍ଡିଆନ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହା ସହ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ▶ପୃଷ୍ଠା-୧୪

**ପୁରୀକୁ ବିଶ୍ୱର ଶ୍ରେଷ୍ଠ ସହରରେ ପରିଣତ କରାଯିବ**

**ଶ୍ରୀମନ୍ଦିରର ଟିଭି, ରେଡିଓ ଷ୍ଟେସନ ପ୍ରସ୍ତାବକୁ ସମର୍ଥନ**

## ଅପୁଷ୍ଟି ଦୂର ପାଇଁ ୫ ବର୍ଷିଆ ରଣନୀତି
# ୨୫୯୮ କୋଟିରେ ସମନ୍ୱିତ କାର୍ଯ୍ୟକ୍ରମ




■ **ଭୁବନେଶ୍ୱର, ୧୫।୧ (ସମିସ):** ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଦୂର ପାଇଁ ପ୍ରସ୍ତୁତ ହୋଇଛି ରଣନୀତି। ଏଥିଲାଗି ଆଗାମୀ ୫ ବର୍ଷରେ ରାଜ୍ୟ ସରକାର ୨୫୯୭.୩୩ କୋଟି ଟଙ୍କା ବ୍ୟୟ କରିବେ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍‌ଏସ୍‌ପିୱାଇ) ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ରାଜ୍ୟରେ ମହିଳା ଓ ଶିଶୁ ମାନଙ୍କ ମଧ୍ୟରେ ଅପପୁଷ୍ଟି ଦୂର କରିବାରେ ରାଜ୍ୟ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ତଥାପି କିଛି ଜିଲ୍ଲାରେ ଏହି ସମସ୍ୟା ଏବେ ବି ବଳବତ୍ତର ଅଛି। ଏଥିପାଇଁ ସରକାର ୨୦୨୦-୨୧ରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସୋପାନ ଯୋଜନାରେ ୧୮୯.୭୧ କୋଟି ଟଙ୍କା ବ୍ୟୟ କରିଛନ୍ତି। ରାଜ୍ୟର ୨୨ଟି ଜିଲ୍ଲାର ୧୨୫ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି।

ଏହି ଯୋଜନାରେ ସମସ୍ତ ୩୩୮ଟି ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍)କୁ ସାମିଲ କରାଯିବ। ରାଜ୍ୟ ବଜେଟ ସମେତ ଓମ୍ବାଡସି ଏବଂ ଡିଏମ୍‌ଏଫ୍ ପାଣ୍ଠିରୁ ଏଥିପାଇଁ ▶ପୃଷ୍ଠା-୧୪

## ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଉଦ୍‌ଘାଟିତ
# ଉଗ୍ରସେନ ଗାଦିଚ୍ୟୁତ, ମଥୁରାରେ କଂସ ରାଜୁତି

■ **ବରଗଡ଼, ୧୫।୧ (ସମିସ):** ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ପରିଚିତ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରଥମ ଦିନରେ ମଥୁରାଧିପତି ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସ ରାଜସିଂହାସନ ଅକ୍ତିଆର କରିଛନ୍ତି।



କଂସଙ୍କ ନିର୍ଦ୍ଦେଶରେ ଉଗ୍ରସେନ୍‌ଙ୍କ ସମସ୍ତ ରାଜକ୍ଷମତା ଉଚ୍ଛେଦ ହେବା ସହ ତାଙ୍କ ମନ୍ତ୍ରୀ, ପାତ୍ର, ଅମାତ୍ୟଙ୍କୁ ରାଜସେବକରୁ ନିବୃତ୍ତ କରାଯାଇଛି। ଅପରପକ୍ଷେ ମଥୁରାର ଶାସନଭାର କଂସଙ୍କ ହାତକୁ ଯାଉଯାଉ ସାରା ରାଜ୍ୟରେ ଅଶାନ୍ତିର ବାତାବରଣ ଦେଖାଦେଇଛି।

ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ସୁରେଶ ପୂଜାରୀ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପାପ ଉପରେ ପୁଣ୍ୟର ବିଜୟ ବାର୍ତ୍ତା ନେଇ ପାଳିତ ହୋଇଆସୁଥିବା ଏହି ଧନୁଯାତ୍ରାର ଶୁଭକାମନା କରିବା ସହ ଅତିଥିଦ୍ୱୟ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଯାତ୍ରା କମିଟିର ସଭାପତି ଜିଲ୍ଲାପାଳ ଶ୍ରୀମତୀ ବାନାର୍ଜୀ ଓ କାର୍ଯ୍ୟକାରୀ ସଭାପତି ଶ୍ରୀ ମୀନା ଧନୁଯାତ୍ରା ମହୋତ୍ସବର ସଫଳତା କାମନା କରିଥିଲେ।

ଉଦ୍‌ଘାଟନୀ ଉତ୍ସବ ଉପଲକ୍ଷେ ଅପରାହ୍ଣ ୨ଟାରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ପରେ ପରେ ଗାନ୍ଧୀ ଛକରେ ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା ପୂର୍ବକ ମାଁ ସମଲେଇ ମନ୍ଦିରକୁ ପହଞ୍ଚିଥିଲା। ସେଠାରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଇଙ୍କ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ହାଟପଦାସ୍ଥିତ ରାଜଦରବାରକୁ ପହଞ୍ଚିଥିଲା। ପରେ ସେଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହକୁ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ଏସ୍‌ପି ପିଏସ୍ ମୀନା, ଅତିରିକ୍ତ ଜିଲ୍ଲାପାଳ ଲଲାଟ ଲୁହା, ନଗରପାଳ କଳ୍ପନା ମାଝୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମାରୋହରେ ରାଜଦରବାର କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ଧନ୍ୟବାଦ ଦେଇଥିଲେ।

## ଲୋକକଥା



ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାରେ
ଶଙ୍କରାଚାର୍ଯ୍ୟଙ୍କ ଆପତ୍ତି,
ଅଧାଗଢ଼ା କାମେ ଉତ୍ସବ ପାଳନ
ପ୍ରକାଶ କରନ୍ତି ବିରକ୍ତି।
ଅଶୁଭ ରୋକିବ ପ୍ରଗତି,
ବିଧି ହୁଡ଼ି କାମ କରିଲେ କୁଆଡ଼େ,
ଗୋଡ଼େଇ ଆସିବ ଦୁର୍ଗତି !!

# ଦୁଇ ବର୍ଷରେ 'ହିଟ୍ ଆଣ୍ଡ ରନ୍' ୨ ଗୁଣ
## ଅନୁକମ୍ପା ରାଶି ବୃଦ୍ଧି ପାଇଁ ସରକାରଙ୍କୁ ସୁପାରିସ

■ **ଭୁବନେଶ୍ୱର, ୧୫ ।୧(ସମିସ):** ଗୋଟିଏ ପଟେ ଅଜଣା ଗାଡି ଧକ୍କା (ହିଟ୍ ଆଣ୍ଡ ରନ୍) ମାମଲାରେ କଠୋର ଦଣ୍ଡବିଧାନକୁ ନେଇ ସମଗ୍ର ଦେଶରେ ଗାଡି ଚାଳକମାନେ ଆନ୍ଦୋଳନକୁ ଓହ୍ଲାଇ ଥିବା ବେଳେ ଅନ୍ୟ ପଟେ ରାଜ୍ୟରେ ହିଟ୍ ଆଣ୍ଡ ରନ୍ ମାମଲା ବଢ଼ି ବଢ଼ି ଚାଲିଛି। ଦୁଇ ବର୍ଷ ଭିତରେ ଅଜଣା ଗାଡ଼ି ଧକ୍କା ମାମଲା ଦୁଇଗୁଣ ବୃଦ୍ଧି ପାଇଛି। ତେବେ ଅଧିକାଂଶ ପୀଡିତଙ୍କ ପରିବାର ସରକାରଙ୍କ ଠାରୁ କ୍ଷତିପୂରଣ ରାଶି ପାଇବା ଲାଗି ଆବେଦନ କରୁ ନାହାନ୍ତି। ଅପରପକ୍ଷେ ହିଟ୍ ଆଣ୍ଡ ରନ୍ ମାମଲାରେ ମୃତକ ଓ ଆହତଙ୍କ ପରିବାରକୁ ମିଳୁଥିବା ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି କରିବା ପାଇଁ ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି।

ସୂଚନା ଅନୁସାରେ ୨୦୨୨ରେ ଦେଶରେ ସମୁଦାୟ ୬୭, ୩୮୭ ହିଟ୍ ଆଣ୍ଡ ରନ୍ ମାମଲା ଘଟିଥିବା ବେଳେ ସେଥିରେ ୩୦, ୪୮୬ ଜଣ ପ୍ରାଣ ହରାଇଥିଲେ। ସେହି ସମୟରେ ଓଡ଼ିଶାରେ ୨୧୦୯ଟି ହିଟ୍ ଆଣ୍ଡ ରନ୍ ମାମଲା ପଞ୍ଜିକୃତ ହୋଇଥିଲା। ୨୦୨୨ରେ ଅଜଣା ଗାଡ଼ି ଧକ୍କାରେ ୧୧୬୪ ଜଣ ପ୍ରାଣ ହରାଇଥିଲେ। ଅପରପକ୍ଷେ ପଛରୁ ଧକ୍କା ଦେବା ନେଇ ୨୧୫୨ଟି ମାମଲା ରୁଜୁ ହୋଇଥିଲା ବେଳେ ସେଥିରେ ୯୯୨ ଜଣ ପ୍ରାଣ ହରାଇଥିଲେ। ସେହିପରି ସାଇଡ୍‌ରୁ ଅବା ପାର୍ଶ୍ୱ ପଟୁ ଧକ୍କା ଦେବା ନେଇ



ଫାଇଲ୍ ଫଟୋ

୧୨୭୨ଟି ଦୁର୍ଘଟଣା ଘଟିଥିଲା ଏବଂ ସେଥିରେ ୪୬୪ ଜଣ ପ୍ରାଣ ହରାଇଥିଲେ। ୨୦୧୯ରେ ଓଡ଼ିଶାରେ ୧୧୦୮ ଜଣ ଅଜଣା ଗାଡି ଧକ୍କାରେ ପ୍ରାଣ ହରାଇଥିଲେ ଏବଂ ୧୨୫୦ ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ୨୦୨୦ରେ ୯୦୭ ଜଣ ପ୍ରାଣ ହରାଇଥିଲେ ଏବଂ ୯୦୨ ଜଣ ଗୁରୁତର ଆହତ ହୋଇଥିଲେ। ୨୦୧୯-୨୧ରେ କେବଳ କଟକ ଜିଲ୍ଲାରେ ୩୦୧ଟି ହିଟ୍ ଆଣ୍ଡ ରନ୍ ମାମଲାରେ ୧୧୪ ଜଣ ମୃତ୍ୟୁ ବରଣ ଏବଂ ୨୫୨ ଆହତ ହୋଇଥିଲେ। ତେବେ ମାତ୍ର ୧୦ ଜଣ ମୃତକ ଏବଂ ୧୫ ଜଣ ଆହତଙ୍କୁ ହିଟ୍ ଆଣ୍ଡ ରନ୍ ମାମଲାରେ କ୍ଷତିପୂରଣ ରାଶି ମିଳିଥିଲା। ରାଜ୍ୟ ସ୍ତରରେ ୨୦୧୯-୨୦ରେ ମାତ୍ର ୧୪୦ଟି ଆବେଦନ ଆସିଥିବା ବେଳେ ମୃତକ ଓ ଆହତଙ୍କୁ ମିଶାଇ ୯୨ ଜଣଙ୍କୁ କ୍ଷତିପୂରଣ ମିଳିଥିଲା।

ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କ ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ସୋଲାସିୟମ୍ ଫଣ୍ଡ ଗଠନ କରିଥିଲେ। ନିୟମ ଅନୁସାରେ ଅଜଣା ଗାଡି ଧକ୍କାରେ କାହାର ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କିୟଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଦେବା ପ୍ରାବଧାନ ଅଛି। ଯଦି ମୃତକ ବୀମା କମ୍ପାନୀରୁ କ୍ଷତିପୂରଣ ପାଇଥିବେ ତା ହେଲେ ସିଏ ଆଉ ସୋଲାସିୟମ୍ ଫଣ୍ଡ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ଏବେ ମୃତକଙ୍କୁ ବାର୍ଷିକ ପ୍ରାୟ ୨ କୋଟି ଏବଂ ଗୁରୁତର ଆହତଙ୍କୁ ୩୦/୪୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉଛି। ତେବେ ଦେଶର ସବୁ ରାଜ୍ୟରେ ହିଟ୍ ଆଣ୍ଡ ରନ୍ ମାମଲା ବଢୁଥିବା ପରିପ୍ରେକ୍ଷୀରେ କ୍ଷତିପୂରଣ ରାଶି ▶ପୃଷ୍ଠା-୧୪

## ପ୍ରସିଦ୍ଧ ଠେମରା ମକର ମେଳା

# ପ୍ରସାଦ ପାଇଲେ, ମକର ବସିଲେ

**ସମ୍ବଲପୁର, ୧୫।୧(ସମିସ)**

ସମ୍ବଲପୁର ଉପକଣ୍ଠ ଠେମରା ଗ୍ରାମର ପ୍ରସିଦ୍ଧ ମକର ମେଳା ଆରମ୍ଭ ହୋଇଛି। ଆଜି ସକାଳେ ହରି ଓ ହର ମନ୍ଦିରରୁ ବାହାରି ଗାଁ ଦାଣ୍ଡରେ ରଥ ଉପରେ ବିରଜମାନ ହୋଇ ଦର୍ଶନ ଦେଇଛନ୍ତି। ସୁସଜ୍ଜିତ ରଥ ଉପରେ ବିରଜମାନ ହେବା ପରେ ରୀତନୀତିରେ ପୂଜା ହୋଇଥିଲା। ପରେ ଅପରାହ୍ନ ୧୨ରେ ଭଗବାନଙ୍କ ପାଖରେ ମକର ଚାଉଳ ଲାଗି

### ରାମଲୀଳା, ମନୋରଞ୍ଜନ କାର୍ଯ୍ୟକ୍ରମ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ହୋଇଥିଲା। ଗୁଡ, କୁସେର, ଚାଉଳ, ରାଶି, ମିଷ୍ଟାନ୍ନରେ ତିଆରି ହୋଇଥିଲା ମକର ଚାଉଳ। ଭଗବାନଙ୍କ ପାଖରେ ଲାଗି ହେବା ପରେ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ଗାଁର ପ୍ରତ୍ୟେକ ଘରେ ମକର ଚାଉଳ ପହଞ୍ଚିଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଥ ଉପରେ ହରିହର ଦର୍ଶନ ଦେଇଥିଲେ। ମକର ଚାଉଳ ଭୋଗ ଖାଇବା ପରେ ଯୁବତୀ ଓ ଯୁବକ ମାନେ ମକର ବସିଥିଲେ। ରଥ ସମ୍ମୁଖରେ ମକର ବସି ନୂତନ ସମ୍ପର୍କ ଯୋଡ଼ିଥିଲେ। ଦିନତମାମ ଠେମରା ତଳିପଡ଼ା ଓ ଉପର ପଡ଼ାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ମଧ୍ୟ କାର୍ଯ୍ୟକ୍ରମ ହୋଇଥିଲା। ରାମଲୀଳା, ଅର୍କେଷ୍ଟ୍ରା, ଭଜନ, କୀର୍ତ୍ତନ୍ୟ ଭଳି ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଠେମରା ମକର ମେଳା ବହୁବର୍ଷରୁ ହୋଇଆସୁଛି। ଦଳବର୍ଣ୍ଣ ନିର୍ବିଶେଷରେ ସମସ୍ତ ଗ୍ରାମବାସୀ ଏକାଠି ହୋଇଥାନ୍ତି। ଗ୍ରାମ ତଥା ପ୍ରତ୍ୟେକ ପରିବାର ମକର



ମେଳା ପାଇଁ ମାସକ ପୂର୍ବରୁ ପ୍ରସ୍ତୁତି କରନ୍ତି। ଦୁଇଦିନ ଧରି ଗାଁ ଚଳଚଞ୍ଚଳ ହୋଇପଡ଼ିଥାଏ। ଘରକୁ ଅତିଥି ଓ ବାହାରେ ରହୁଥିବା ପରିବାର ଫେରିଥାନ୍ତି। ମତାନ୍ତର ଛାଡ଼ି ମକର ଭେଟରେ ଯୋଗ ଦିଅନ୍ତି। ପ୍ରଥମ ଦିନରେ ଗାଁ ଦାଣ୍ଡରେ ହରିହର ଦର୍ଶନ ଦିଅନ୍ତି। ଦ୍ୱିତୀୟ ଦିନରେ ହରିହର ଭେଟ ହେବାପରେ ମକର ମେଳା ଉଦ୍‌ଯାପିତ ହୋଇଥାଏ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୁଲିସ ମୁତାୟନ କରାଯାଇଥିଲା। ଗ୍ରାମର ସ୍ୱେଚ୍ଛାସେବୀ ମାନେ ମଧ୍ୟ ସହଯୋଗ କରିଥିଲେ।

**ମକର ସଂକ୍ରାନ୍ତିର ମହତ୍ତ୍ୱ**

ହିନ୍ଦୁ ଧର୍ମରେ ମକର ସଂକ୍ରାନ୍ତି ପର୍ବ ଖୁବ୍ ଧୁମଧାମରେ ପାଳନ କରାଯାଏ। ଏହି ଦିନ ସୂର୍ଯ୍ୟ ଦେବତାଙ୍କୁ ସମର୍ପିତ ହେଲେ ଧନ-ବୈଭବ ସର୍ବଦା ରହିଥାଏ ବୋଲି ବିଶ୍ୱାସ ରହିଛି। ମକର ସଂକ୍ରାନ୍ତି ଦିନ ଭଗବାନ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ। ସୋମବାର ପବିତ୍ର ମକର ସଂକ୍ରାନ୍ତି ଗାଁ ତଥା ସହ ସବୁଆଡ଼େ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ପରମ୍ପରା ଅନୁସାରେ ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି। ମକର ସଂକ୍ରାନ୍ତୀରେ ଇଷ୍ଟ ଦେବୀଙ୍କ ଠାରେ ମକର ଚାଉଳ ଭୋଗ ଲାଗି ହେବା ପରେ ଘରେ ଘରେ ସଭିଏଁ ଏହାକୁ ଖାଇଥାନ୍ତି। ନୂତନ ବସ୍ତ୍ର ପରିଧାନ କରି ଘରର ବୟୋଜ୍ୟେଷ୍ଠ ମାନଙ୍କୁ ପ୍ରଣାମ କରିବା ପରେ ଘରେ ପ୍ରସ୍ତୁତ ଭଳିକି ଭଳି ପୀଠା ଖାଇବାର ନିଆରା ପରମ୍ପରା ରହିଛି। ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବାର ମଧ୍ୟ ପରମ୍ପରା ରହିଛି। ମକର ସଂକ୍ରାନ୍ତ ସୂର୍ଯ୍ୟ ପୂଜା ପାଇଁ ବେଶ୍ ଭଲ ଦିନ ହୋଇଥାଏ। ଏହିଦିନ କିଛି ନିର୍ଦ୍ଦିଷ୍ଟ ରାଶିର ଲୋକଙ୍କ ଭାଗ୍ୟ ସୂର୍ଯ୍ୟ ଚମକାଇ ଦିଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଦିନ ବୁଧ ଓ ମଙ୍ଗଳ ଗୋଟାଏ ରାଶି ଧନୁରେ ବିରାଜମାନ କରିବେ।



## ପିଇଓ କ୍ୱାର୍ଟରକୁ ଢାଙ୍କି ଦେଲାଣି ଅନାବନା ଗଛଲତା



**କୁଚିଣ୍ଡା, ୧୫।୧(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି କୁସୁମୀ ଗ୍ରାମପଞ୍ଚାୟତ ଆଦର୍ଶ ବିଦ୍ୟାଳୟ ପାଖରେ ଥିବା ପିଇଓ କ୍ୱାର୍ଟର ଚାରିପଟେ ଅନାବନା ଗଛଲତା ଢାଙ୍କିହୋଇଛି। କ୍ୱାର୍ଟସ ଭିତରକୁ ପ୍ରବେଶ କରିବାକୁ କୌଣସି ପଟେ ବାଟ ନାହିଁ। ବିଡ଼ମ୍ବନାର ବିଷୟ ସରକାର ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରୁଛନ୍ତି ହେଲେ ବହୁ ଅର୍ଥ ଅଧିକାରୀ ଏହାର ସତ୍ ବ୍ୟବହାର କରୁନାହାନ୍ତି। ବହୁ ଅର୍ଥ ବ୍ୟୟରେ କ୍ୱାର୍ଟସଟି ନିର୍ମାଣ କରାଯାଇଥିଲେ ମଧ୍ୟ ନିର୍ମାଣ ଦିନ ଠାରୁ ଯେମିତି କି ସେମିତି ପଡ଼ିରହିଛି। କାହାପାଇଁ ନିର୍ମାଣ କରାଯାଇଛି, କାହିଁକି କିହେ ରହୁନାହାନ୍ତି କିଛି ଜଣାପଡୁ ନାହିଁ। ଏତେ ଟଙ୍କା ଖର୍ଚ୍ଚ କରାଯାଇ କାହିଁକି ସରକାରୀ ଅର୍ଥର ଅପବ୍ୟୟ କରାଯାଉଛି ବୋଲି ବୁଦ୍ଧିଜୀବୀ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଆହୁରି ମଧ୍ୟ ଘର ଉପରେ ୮୦ହଜାର ଟଙ୍କା ବିନିମୟରେ ବର୍ଷା ଜଳ ଅମଳ ପ୍ରକଳ୍ପ ତିଆରି କରାଯାଇଛି। କେବଳ କିଛି ଖଣ୍ଡ ପ୍ଲାଷ୍ଟିକ ପାଇପ୍ ଉପରୁ ତଳକୁ କରି ଜଳ ଅମଳ ପ୍ରକଳ୍ପକୁ ସାରି ଦେଇଥିବା ଜଣାପଡ଼ିଛି।




## ଅଲସୁଆ ବାବା ବାର୍ଷିକ ଉତ୍ସବ ପାଳିତ

**ରେଢ଼ାଖୋଲ, ୧୫।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଂଶାଜାଲ ଗ୍ରାମ ପଞ୍ଚାୟତ ଅଧୀନ ସାଧୁପାଳ ଠାରେ ଅଲସୁଆ ବାବାଙ୍କ ଏକ ମନ୍ଦିର ଅଛି। ପ୍ରତିବର୍ଷ ପୌଷ ମାସ ଚତୁର୍ଥୀ ତିଥିରେ ହରେକୃଷ୍ଣ ହରେରାମ ମହାମନ୍ତ୍ର ରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ପାଳନ କରାଯାଏ। ଚଳିତବର୍ଷ ୫୧ତମ ଅଲସୁଆ ବାବାଙ୍କ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବରେ ଆଶୀର୍ବାଦ ପ୍ରଧାନ ଓ ତାଙ୍କ ପତ୍ନୀ ରୋଜି ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବଂଶାଜାଲ, ଭରତାପୁର, ତ୍ରିବଣପୁର ୩ଟି ଗ୍ରାମ ପଞ୍ଚାୟତର ଲୋକ ପ୍ରତିବର୍ଷ ସକ୍ରିୟ ସହଯୋଗ କରିଥାନ୍ତି। ଏହି ଉତ୍ସବ ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥିଲେ। ଏହି ବାର୍ଷିକ ଉତ୍ସବରେ କମିଟିର ଜଗନ୍ନାଥ ଦେହୁରୀ, ପ୍ରଶାନ୍ତ ପ୍ରଧାନ, ମହେଶ ପ୍ରଧାନ, ରୋହିତ ପ୍ରଧାନ, ପ୍ରଶାନ୍ତ ବେହେରା, ମାଜନୁ ବେହେରା, ମୁନୁ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଆଜି ସକାଳ ସମୟରେ ଦହି ହାଣ୍ଡି ଭାଙ୍ଗି ସମସ୍ତେ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ।



## ଘୁନଘୁଟିପଡ଼ା ବିକ୍ଷୋଭକାରୀଙ୍କୁ ସମର୍ଥନ



**ସମ୍ବଲପୁର, ୧୫।୧(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ମହାନଗର ନିଗମ ଘୁନଘୁଟି ପଡ଼ାବାସୀ ଥଇଥାନ ଦାବିରେ ଆନ୍ଦୋଳନ କରିଆସୁଛନ୍ତି। ପରିବାର ସହ ଧାରଣାରେ ବସୁଛନ୍ତି। ଆଜି ଆନ୍ଦୋଳନ ସ୍ଥଳକୁ ଯାଇ ଶ୍ରୀରାମ ଜନ୍ମଭୂମି ତୀର୍ଥଯାତ୍ରା କ୍ଷେତରାଜପୁର ଶାଖାର ସଦସ୍ୟମାନେ ଭେଟି ସମର୍ଥନ କରିଛନ୍ତି। ଏହାସହ ଅକ୍ଷତ ଚାଉଳ ଦେବା ସହ ନିମନ୍ତ୍ରଣ କରିଛନ୍ତି। ଘୁନଘୁଟି ପଡ଼ାବାସୀଙ୍କ ଦାବି ସରକାର ଓ ପ୍ରଶାସନ ଆଲୋଚନା କରି ଶୀଘ୍ର ସମାଧାନ କରନ୍ତୁ ବୋଲି ଦାବି କରିଥିଲେ। ସୁଧୀର ରଞ୍ଜନ ବହିଦାର, ଦେବରାଜ ପଟେଲ, ରାଜୁ ସାହୁ, ଭକ୍ତବନ୍ଧୁ ମହନ୍ତ ଉପସ୍ଥିତ ଥିଲେ। ସେମାନେ ଆନ୍ଦୋଳନକାରୀଙ୍କୁ ସମର୍ଥନ କରି ଏକଜୁଟ ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ଏକତା ବିଜୟ ସୁନିଶ୍ଚିତ ହେବ ବୋଲି କହିଥିଲେ।

## ଅପରାଧିକୁ ସାବାଡ କରିବାକୁ ପୁଲିସ ପ୍ରୟାସ
# କ୍ଷେତରାଜପୁର ଅଞ୍ଚଳରେ ଚଢଉ

**ସମ୍ବଲପୁର, ୧୫।୧(ସମିସ):** ସମ୍ବଲପୁର ଜିଲ୍ଲା ପୁଲିସ କିଛିଦିନ ବ୍ୟବଧାନରେ ପୁଣି ଆକ୍ସନମୁଡ଼ରେ ଆସିଛି। ଆଜି ସନ୍ଧ୍ୟାରେ କ୍ଷେତରାଜପୁର ଅଞ୍ଚଳରେ ସାଧା ପୋଷାକରେ ପୁଲିସର ୪ ଟିମ୍ ଚଢାଉ କରିଥିଲେ। କେହିକିଛି ବୁଝିବା ଆଗରୁ ପୁଲିସ ଗାଡ଼ି ବଡ଼ବଜାର ଗଣ୍ଡପଡ଼ାରେ ପହଞ୍ଚିଥିଲା। ପଡ଼ା ଭିତରେ ଅସାମାଜିକ କାର୍ଯ୍ୟ ଚାଲିଥିବା ସନ୍ଦେହରେ ତଲାସି କରିଥିଲା। କେତେକ ପରିବାରବର୍ଗଙ୍କୁ ପଚରାଉଚୁରା କରିଥିଲା। ଦୁଇଜଣ ଯୁବକଙ୍କୁ ଥାନାକୁ ନେଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସମ୍ପର୍କରେ କିଛି ସୂଚନା ଦେଇନାହିଁ। ହେଲେ ଏହା ପୁଲିସର ନିୟମିତ କାମ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନଯୋଗ୍ୟ, ନୂଆବର୍ଷ ଆରମ୍ଭ ହେଉଣୁ ପୁଲିସ ଅପରାଧିକା କାର୍ଯ୍ୟକୁ ରୋକିବା ପାଇଁ ବିଭିନ୍ନ ମାଷ୍ଟର ପ୍ଲାନ କରିଥିଲେ। ଅସାମାଜିକ ଲୋକଙ୍କ ପେଣ୍ଠସ୍ଥଳୀକୁ ସବୁବେଳେ ନଜରରେ ରଖିଥିଲା। ଆଜି ସେହିପରି ଅପରାଧିକ କାର୍ଯ୍ୟର ସୁରାକ୍ ପାଇ ବଡ଼ବଜାର ଅଞ୍ଚଳରେ ସାଦା ପୋଷାକରେ ପହଞ୍ଚି ତଦନ୍ତ କରିଥିଲା।

## ଚର୍ଚ୍ଚାରେ ମୋବାଇଲ ଲୁଟ୍

**ସମ୍ବଲପୁର, ୧୫।୧(ସମିସ):** ସମ୍ବଲପୁର କ୍ଷେତରାଜପୁର ଥାନା ଲକ୍ଷ୍ମୀଡୁଙ୍ଗୁରି ନିକଟରେ ମୋବାଇଲ ଲୁଟ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଜଣେ ଯୁବକ ବାଇକ୍‌ରେ ଜାତୀୟ ରାଜପଥରୁ ସହରକୁ ପ୍ରବେଶ କରୁଥିବା ରାସ୍ତା ଦେଇ ଆସୁଥିଲେ। ଏହି ସମୟରେ କେତେକ ଦୁର୍ବୃତ୍ତମାନେ ଅଟକାଇଥିଲେ। ଗାଳି ଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ମୋବାଇଲ ଲୁଟ୍ କରି ନେଇଥିଲେ। ହେଲେ ପୁଲିସ ପାଖରେ ଖବର ଲେଖା ପର୍ଯ୍ୟନ୍ତ ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ଅସଦାଚରଣ; ନାବାଳକଙ୍କୁ ଉଠାଇଲା ପୁଲିସ

**ସମ୍ବଲପୁର, ୧୫।୧(ସମିସ):** ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନାବାଳକଙ୍କୁ ପୁଲିସ ଉଠାଇ ନେଇଛି। ତଦନ୍ତ କରିବା ପରେ ପୁଲିସ ସ୍ୱତନ୍ତ୍ର କୋର୍ଟରେ ହାଜର କରି ବାଲ୍ ସୁଧାର ଗୃହକୁ ପଠାଇ ଦେଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟାରେ ନାବଳିକା ଜଣକ ଘରେ ଏକୁଟିଆ ଥିବା ବେଳେ ନାବାଳକ ଅସଦାରଣ କରିଥିଲା। ପରିବାରବର୍ଗ ନଥିବା ଜାଣି ଏଭଳି କାଣ୍ଡ କରିଥିଲା। ପରେ ପରିବାରବର୍ଗଙ୍କୁ ନାବାଳିକା ଜଣକ ଘଟଣା ସମ୍ପର୍କରେ ସବୁ କଥା କହିଥିଲେ। ପରିବାର ବର୍ଗ ଆସି ଥାନାରେ ଗତକାଲି ଅଭିଯୋଗ କରିଥିଲେ। ପୁଲିସ ନାବାଳକଙ୍କ ଆଣି ପଚରାଉଚୁରା କରି କୋର୍ଟରେ ହାଜର କରିଥିଲା।




## ଡଙ୍ଗାପାଲ ଗ୍ରାମର ଉଦ୍ୟୋଗୀ ମହିଳା

# ଅଟା ଚକିରୁ ଏବେ ଡିଜେ ସାଉଣ୍ଡ ବ୍ୟବସାୟ

**ଯୁଯୁମୁରା, ୧୫।୧(ସମିସ)**

ସହରାଞ୍ଚଳ ମହିଳାମାନେ ଆତ୍ମନିର୍ଭର ହେବା ଘଟଣା ସାଧାରଣତଃ ଦେଖିବାକୁ ମିଳିଥାଏ। ହେଲେ ଏବେ ଗ୍ରାମାଞ୍ଚଳର ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟଙ୍କୁ ରୋଜଗାର ଦେଇପାରୁଛନ୍ତି। ଏପରିକି ସେମାନେ ଉଦ୍ୟୋଗୀଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି

### ମିଶନ ଶକ୍ତି ଦେଲା ସୁବିଧାରେ ଋଣ, ସହାୟତା

କରିପାରିଛନ୍ତି। ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଡଙ୍ଗାପାଲ ଗ୍ରାମର ଜୟ ମାଁ ଅମ୍ବେ ସଂଘ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସଂଘର ସଭାପତି ସୈଦାମିନୀ ରଣା କହିଛନ୍ତି। ସୌଦାମିନୀଙ୍କ କହିବା ଅନୁସାରେ ୨୦୧୭ ମସିହାରେ ସେମାନେ ୧୦ଜଣ ମହିଳାଙ୍କୁ ନେଇ ଗ୍ରୁପ୍ କରିଥିଲେ। ୨୦୨୦ ମସିହାରେ ସେମାନେ ମିଶନ ଶକ୍ତି ଯୋଜନା ସମ୍ପର୍କରେ ଜାଣିବା ପରେ ବ୍ୟବସାୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଥମେ ବ୍ୟାଙ୍କରୁ ଋଣ ଆଣି ଗ୍ରୁପର ଜଣଙ୍କ ଘରେ ଅଟାଚକି ବସାଇଥିଲେ। ସମସ୍ତ ମହିଳାମାନେ ପାଳି କରି ଅଟା ପିସାଇବାରେ ସମୟ ଦେଉଥିଲେ। ପରିଶ୍ରମ କରିବା ପରେ ଭଲ ରୋଜଗାର ହୋଇଥିଲା। ଆମ ଅଞ୍ଚଳ ଚାଷୀ ବହୁଳ ଅଞ୍ଚଳ। ଚାଷୀମାନେ ନିଜେ ଚାଉଳ କରି ବର୍ଷକ ଖାଇବା ପାଇଁ ରଖନ୍ତି। ଆମ ଅଞ୍ଚଳରେ ଧାନ ପିସାଇବା ପାଇଁ ହଲର ନଥିଲା। ତେଣୁ ଏକ ହଲର କରିବାକୁ ଯୋଜନା କରିଥିଲୁ। ବର୍ଷକ ଭିତରେ ଅଟାଚକି ଓ ଧାନ ହଲର ହୋଇଯାଇଥିଲା। ଭଲ ରୋଜଗାର ହେଲା। ସମସ୍ତ ମହିଳାମାନେ କଠିନ ପରିଶ୍ରମ କଲେ। ଧାନ ଓ ଅଟା ପିସାଇ ମାସିକ ୨୫ରୁ ୩୦ ହଜାର ଟଙ୍କା ରୋଜଗାର ହୋଇଗଲା। ଏତିକି ରୋଜଗାରରେ ମନ ମାନିଲା ନାହିଁ। ଆଉ କିଛି ବ୍ୟବସାୟ କରିବା ପାଇଁ ଚିନ୍ତା କରିଥିଲୁ। ଶେଷରେ ୨୦୨୩ ମସିହା ଅକ୍ଟୋବର ୧୦ ତାରିଖ ମହିଳାମାନେ ଏକ ବୈଠକ କରି ଡିଜେ ସାଉଣ୍ଡ କିଣି ଭଡ଼ାରେ ଦେଇ ରୋଜଗାର କରିବାକୁ ସ୍ଥିର କରିଥିଲୁ। ବ୍ଲକ ପ୍ରଶାସନ ସହଯୋଗରେ ସ୍ଥାନୀୟ ୟୁନିଅନ ବ୍ୟାଙ୍କରୁ ଋଣ ପାଇଁ ଆବେଦନ କରିଥିଲୁ। ୮ ଲକ୍ଷ ଟଙ୍କାରେ ଅତ୍ୟାଧୁନିକ ଡିଜେ ସାଉଣ୍ଡ ସେଟ କିଣିଥିଲୁ। ଏବେ ଆମର ରୋଜଗାର ଆହୁରି ବୃଦ୍ଧି ପାଇଛି। ଡିଜେ ସାଉଣ୍ଡ ଦୈନିକ ଭଡ଼ା ୧୦ହଜାରରୁ ୧୨ ହଜାର ଟଙ୍କା ରହିଛି। ପ୍ରତି ମାସରେ ୧୦ ଦିନ ଭଡ଼ାରେ ଯାଉଛି। ବିବାହ ଓ ଅନ୍ୟ ସାମାଜିକ କାମ ଥିବା ମାସରେ ରୋଜଗାର ଦୁଇଗଣ ହୋଇଥାଏ। ପାଖରେ ଦେବଝରନ ପର୍ଯ୍ୟଟନ ସ୍ଥଳ ରହିଛି। ବଣ ଭୋଜି କରିବାକୁ ବାହାରୁ ଆସୁଛନ୍ତି। ସେମାନଙ୍କୁ ଡିଜେ ଭଡାରେ ଦିଆଯାଉଛି ଯାହାକି ଆମକୁ ସୁବିଧା ହୋଇଯାଇଛି। ଗତ ମାସରେ ୧୮ ଦିନ ଭଡ଼ାରେ ଦିଆଯାଇଥିଲା। ବଣଭୋଜି ପାଇଁ ଦିନକ ୩ ହଜାର ଟଙ୍କା ଭଡ଼ା ରଖାଯାଇଛି। ଆମ ଗ୍ରୁପକୁ ରୋଜଗାର ମିଳୁଛି। ଏହାସହ ଡିଜେ ପାଇଁ ଏକ ଗାଡ଼ି, ଗ୍ରାମର କିଛି ଯୁବକଙ୍କୁ ମଧ୍ୟ ନିୟୋଜିତ କରାଯାଉଛି ସେମାନେ ରୋଜଗାର ପାଉଛନ୍ତି। ଏହି ଋଣ ପରିଶୋଧ କରିବା ପରେ ଆଉ ଏକ ବଡ଼ ଯୋଜନା କରିବାର ସ୍ଥିର କରିଛୁ। ସରକାର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାରେ ବହୁତ ଯୋଜନା କରିଛନ୍ତି। ବିନା ସୁଧରେ ଓ ସୁବିଧାରେ ଋଣ ପ୍ରଦାନ କରୁଛନ୍ତି। ଯାହା ଆମକୁ ଲାଭଦାୟକ ହୋଇଛି। ଅନ୍ୟ ମହିଳାମାନେ ମଧ୍ୟ ସରକାରୀ ଯୋଜନାର ଲାଭ ନେଇ ବିଭିନ୍ନ ବ୍ୟବସାୟ କରନ୍ତୁ ବୋଲି କହିଛନ୍ତି।







ଚାଲିଛି ପରିକ୍ରମା ମହାଯଜ୍ଞ: ଭଜନକୀର୍ତ୍ତନରେ କମ୍ପୁଛି ଶ୍ରୀକ୍ଷେତ୍ର




- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-202 BHUBANESWAR TUESDAY 16 JANUARY 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୨୦୨ ଭୁବନେଶ୍ୱର ମଙ୍ଗଳବାର ୧୬ ଜାନୁଆରୀ ୨୦୨୪ ପୃଷ୍ଠା-୧୬ ଟ.୬.୦୦



DSPL-544

ODISHA NEW OPPORTUNITIES | 5T | CII Confederation of Indian Industry | ଆମ ଓଡ଼ିଶା ନବୀନ ଓଡ଼ିଶା

JOIN ODISHA'S ECONOMIC ENGINE

ATTEND THE 24TH EDITION

CII 24th enterprise Odisha At Jharsuguda



"Explore the abundant and flourishing investment opportunities in the state."

COME. JOIN THE JUGGERNAUT.

HIGHLIGHTS

- 2 DAYS CONFERENCE
- 3 DAYS EXHIBITION
- 700+ COMPANIES
- B2B INTERACTION
- B2B AND B2G MEETINGS
- 100+ CEOS & 300+ CXOS
- 1000+ OPPORTUNITIES

FOCUS SECTORS

- TECHNOLOGY PROVIDERS, IT/ITES
- RENEWABLE ENERGY
- FOOD PROCESSING
- DEFENCE
- LOGISTICS & INFRASTRUCTURE
- SAFETY SOLUTIONS
- MANUFACTURING
- SUSTAINABILITY

UNLEASH A WEALTH OF OPPORTUNITIES

**Find Ideal Partners:** From job work and contract manufacturing to technology solutions and logistics services.

**Meet Purchase Managers:** Network with 100+ Purchase Managers to secure lucrative deals and propel your business.

**Presence of global partners** from Australia, Myanmar, Germany, and Nepal.

PROGRAMME OUTLINE

| DAY-1: 19 JANUARY 2024 | DAY-2: 20 JANUARY 2024 |
|---|---|
| Inaugural Session | Session on Skill Development<br>Theme: Odisha - Pioneer in churning out demographic dividend |
| Exhibition Inauguration | Session on Agriculture and Food Processing<br>Theme: Agrarian Odisha |
| Opportunities in Odisha | Session on Startups (Hall 2 – Mayfair)<br>Theme: CII YI - INNOVEX |
| Valedictory Session | Session on Mission Shakti & Women Empowerment<br>Theme: From SHG to SME |
| | Startup Pitching Session |
| **DAY-3: 21 JANUARY 2024** | EXHIBITION |

EVENT VENUE

Circuit House Road, Jharsuguda, Odisha.

Online registration required, scan to register

ScarecrowM&CSaatchi/2024/Jan

HELPLINE NUMBERS: 98300 29606 | 94059 86282

Email us: ciiodisha@cii.in

Follow us on @investInOdisha /InvestOdisha

OIPR - 14005/13/0037/2324

ଯଦି ତୁମେ କିଛି ଶୁଣିବାକୁ ଚାହୁଁଛ, ତେବେ ଜଣେ ପୁରୁଷଙ୍କୁ ଅନୁରୋଧ କରିପାର, କିନ୍ତୁ ଯଦି କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚାହୁଁଛ, ତେବେ ଜଣେ ମହିଳାଙ୍କ ସାହାଯ୍ୟ ନେଇପାର।

ମାର୍ଗାରେଟ୍ ଥାଚର

ସକାଳ
THE SAKALA

## ମୁଦ୍ରାସ୍ଫୀତି ସାମାନ୍ୟ: ଅର୍ଥନୈତିକ ଅଭିବୃଦ୍ଧି ଅପରିବର୍ତ୍ତିତ

# ଖାଉଟିଙ୍କୁ ଘାରିଲା ମହଙ୍ଗା

କେନ୍ଦ୍ର ସରକାର ଓ ବିରୋଧୀ ଦଳମାନେ ରାଜନୈତିକ ଛକାପଞ୍ଝାରେ ମାତିଥିବା ବେଳେ ଦିନକୁ ଦିନ ମହଙ୍ଗା ମାଡ଼ରେ ବିଚରା ଭୋଟର କଲବଲ ହେଉଛି। ମହଙ୍ଗା ପ୍ରସଙ୍ଗକୁ ବିରୋଧୀ ଦଳମାନେ ଏକପ୍ରକାର ନଜର ଅନ୍ଦାଜ କରି କେବଳ ବ୍ୟକ୍ତିକେନ୍ଦ୍ରିକ ରାଜନୀତିରେ ମନୋନିବେଶ କରୁଥିବା ଦେଖାଯାଉଛି। ସାମ୍ପ୍ରତିକ ରାଜନୈତିକ ସ୍ଥିତିରୁ ଦେଶ ଓ ତାହାର ଅର୍ଥନୀତିକୁ କ'ଣ ଫାଇଦା ହେବ ତାହା ଭିନ୍ନ କଥା, କିନ୍ତୁ ଏ କଥା ଅବଧାର୍ଯ୍ୟ ଯେ ବିଚରା ଖାଉଟିର ଏଥିରେ କିଛି ବିଶେଷ ପରିବର୍ତ୍ତନ ହେବ ନାହିଁ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ହୁଏତ ସେମାନେ ସାମୟିକ ମୂଲ୍ୟହ୍ରାସ ଜନିତ କିଛିଟା ଫାଇଦା ପାଇପାରିବେ, କିନ୍ତୁ ନିର୍ବାଚନ ସରିବା ସହିତ ସୁଧମୂଳ ମିଶାଇ ସେମାନଙ୍କୁ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଆହୁରି ଅଧିକ ତଣ୍ଡ ଗଣିବାକୁ ପଡ଼ିବ, ଯାହା ୨୦୧୯ ସାଧାରଣ ନିର୍ବାଚନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ପ୍ରମାଣିତ ହୋଇଥିଲା।

କେନ୍ଦ୍ର ସରକାରଙ୍କ ସଦ୍ୟତମ ରିପୋର୍ଟ ଅନୁଯାୟୀ ଗତ ଡିସେମ୍ବର ମାସର ପାଇକାରୀ ମୂଲ୍ୟସୂଚୀ ବିଗତ ନଅ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଗତ ନଭେମ୍ବର ମାସ ତୁଳନାରେ ଏଥିରେ ୦.୭୩ ପ୍ରତିଶତ ବୃଦ୍ଧି ଘଟିଛି। ଏହାପୂର୍ବରୁ ଗତ ଏପ୍ରିଲ୍ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଲଗାତାର ସାତ ମାସ ଧରି ଏହି ସୂଚକାଙ୍କ ବିଯୁକ୍ତାତ୍ମକ ଥିବା ବେଳେ ଗତ ନଭେମ୍ବର ମାସରୁ ବୃଦ୍ଧିର ଧାରା ଆରମ୍ଭ ହୋଇଛି। ବିଶେଷକରି ଖାଦ୍ୟ ସାମଗ୍ରୀ, ଯନ୍ତ୍ରପାତି, ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ, ପରିବହନ ସାମଗ୍ରୀ ଓ ଇଲେକ୍ଟ୍ରୋନିକ୍ସ ଉପକରଣର ଦରଦାମ ବୃଦ୍ଧି ଯୋଗୁଁ ପାଇକାରୀ ମୂଲ୍ୟସୂଚୀ ବୃଦ୍ଧି ପାଇଥିବା ସରକାରୀ ଭାବେ କୁହାଯାଇଛି। ସାଧାରଣତଃ ମୂଲ୍ୟସ୍ଫୀତିରେ ଇନ୍ଧନ ଦର ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। କାରଣ ଇନ୍ଧନ ତୈଳ ଓ ଗ୍ୟାସ୍ ମୂଲ୍ୟ ସାମଗ୍ରିକ ଭାବେ ପରିବହନ ଖର୍ଚ୍ଚକୁ ପ୍ରଭାବିତ କରୁଥିବାରୁ ଖାଦ୍ୟ ସାମଗ୍ରୀ ସମେତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଏଥିଯୋଗୁଁ ବୃଦ୍ଧି ପାଏ। ଉଲ୍ଲେଖନୀୟ ହେଉଛି, ସଦ୍ୟ ପ୍ରକାଶିତ ପାଇକାରୀ ମୂଲ୍ୟ ସୂଚକାଙ୍କରେ ଇନ୍ଧନ ମୂଲ୍ୟ ବିଯୁକ୍ତ ୨.୧୪ ପ୍ରତିଶତ ହୋଇଥିଲେ ହେଁ ଏବଂ ଶିଳ୍ପ ଉତ୍ପାଦନ ମୂଲ୍ୟ ସୂଚକାଙ୍କ ସନ୍ତୋଷଜନକ ସ୍ଥିତିରେ ଥିଲେ ହେଁ ସାମଗ୍ରିକ ଭାବେ ପାଇକାରୀ ମୂଲ୍ୟସୂଚକାଙ୍କରେ ବୃଦ୍ଧି ଘଟିଛି। ଏହାର କାରଣ ହେଉଛି ଖାଦ୍ୟ ସାମଗ୍ରୀରେ ଗତବର୍ଷ ତୁଳନାରେ ଅତି ଉଚ୍ଚ ୯.୩୮ ପ୍ରତିଶତ ବୃଦ୍ଧି ପାଇଛି। ଏହାପୂର୍ବରୁ ପ୍ରକାଶିତ ଖାଉଟି ମୂଲ୍ୟ ସୂଚକାଙ୍କରେ ମଧ୍ୟ ପୂର୍ବମାସ ତୁଳନାରେ ୦.୧୪ ପ୍ରତିଶତ ବୃଦ୍ଧି ଘଟି ତାହା ୫.୬୯ ପ୍ରତିଶତରେ ପହଞ୍ଚିଛି, ଯେଉଁଥିରେ ଗୃହୋପକରଣ ସାମଗ୍ରୀର ମୂଲ୍ୟବୃଦ୍ଧି ମୁଖ୍ୟକାରଣ ବୋଲି କୁହାଯାଉଛି। ଅବଶ୍ୟ ଖାଇବା ତେଲରେ କିଛିଟା ହ୍ରାସ ଘଟିଥିଲେ ହେଁ ସାମଗ୍ରିକ ଭାବେ ଡାଲିଜାତୀୟ ସାମଗ୍ରୀ, ମସଲା ଓ ଫଳମୂଳରେ ଦରବୃଦ୍ଧି ଖାଉଟିର ମୁଣ୍ଡବିନ୍ଧାର କାରଣ ହୋଇଛି।

ପାଇକାରୀ ଓ ଖାଉଟି ମୂଲ୍ୟସୂଚୀର ନିରନ୍ତର ନିର୍ଦ୍ଧାରଣ ଓ ସମୀକ୍ଷା ଯେକୌଣସି ଦେଶର ଅର୍ଥନୀତି ଓ ମୁଦ୍ରାନୀତି ପାଇଁ ଯେ ଗୁରୁତ୍ୱପୂର୍ଣ୍ଣ ଏହା ଅନସ୍ୱୀକାର୍ଯ୍ୟ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶର ମୁଦ୍ରାନୀତି ନିୟନ୍ତ୍ରଣକୁ ସଞ୍ଚାଳନ କରେ ଓ ଖାଉଟି ମୁଦ୍ରାସ୍ଫୀତିକୁ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରଖିବା ପାଇଁ ବ୍ୟାଙ୍କରଣ ଓ ଜମାର ସୁଧ ହାରରେ ଦ୍ୱିମାସିକ ପରିବର୍ତ୍ତିତ କରିଥାଏ। ବିଗତ ପ୍ରାୟ ପାଞ୍ଚବର୍ଷ ଧରି ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହି ମୁଦ୍ରାସ୍ଫୀତି ନିୟନ୍ତ୍ରଣ ରଣନୀତି ବେଶ୍ ସଫଳ ରହି ଆସିଛି। ସଦ୍ୟତମ ମୁଦ୍ରାସ୍ଫୀତି ରିପୋର୍ଟ ଅନୁଯାୟୀ ପାଇକାରୀ ମୂଲ୍ୟରେ ବୃଦ୍ଧି, ବିଶେଷକରି ଏହାର ପୂର୍ବ ଆକଳନ ସୂଚକାଙ୍କ ଅତି ନିମ୍ନ ଓ ଋଣାତ୍ମକ ସଂଖ୍ୟାରେ ଥିବାରୁ ଚଳିତ ରିପୋର୍ଟରେ ଏହା ସାମାନ୍ୟ ଅଧିକା ରୂପେ ଦେଖାଦେଇଛି। ଏଣୁ ସରକାରୀ ସୂତ୍ରରୁ କୁହାଯାଇଛି ଯେ ଏଥିରେ ଅର୍ଥନୀତିର ଅଭିବୃଦ୍ଧି ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ତେବେ ଖାଉଟି ମୂଲ୍ୟସୂଚୀରେ ଯେଉଁ ବୃଦ୍ଧି ଲକ୍ଷ୍ୟ କରାଯାଇଛି ତାହା ଅଳ୍ପ ଚିନ୍ତାର ବିଷୟ। ବର୍ଷା ଋତୁ ପରେ ଶୀତ ଋତୁରେ ଫସଲ ଅମଳ ପରବର୍ତ୍ତୀ ସମୟରେ ଖାଉଟି ମୂଲ୍ୟସୂଚୀ ସାଧାରଣତଃ ସହନୀୟସ୍ତରରେ ରହିଥାଏ। ଏଥର କିନ୍ତୁ ଖାଦ୍ୟ ଶସ୍ୟ ଓ ଫଳମୂଳ ଆଦିର ମୂଲ୍ୟବୃଦ୍ଧି ବିଭିନ୍ନ କାରଣରୁ ଘଟି ଆଗକୁ ଗ୍ରୀଷ୍ମ ଋତୁର ଆଗମନ ଓ ନିର୍ବାଚନ ସମୟର ଅସ୍ଥିରତା ଆଦି ସ୍ଥିତି ଯୋଗୁଁ ଆହୁରି ଖରାପ ହେବାର ଆଶଙ୍କା ଅମୂଳକ ନୁହେଁ।

ବିଭିନ୍ନ ଖାଉଟି ଦ୍ରବ୍ୟର ଦରଦାମ ବୃଦ୍ଧି ନିମନ୍ତେ ଆଜିକାଲି ଆଉ ସ୍ଥାନୀୟ ବା ଆଞ୍ଚଳିକ କାରକର ପ୍ରଭାବ ଆକଳନ କରିବା ଯଥେଷ୍ଟ ନୁହେଁ। ଜାତୀୟ ରାଜନୈତିକ ଅସ୍ଥିରତା, ସାଧାରଣ ନିର୍ବାଚନର ଉଷ୍ମତା ଏବଂ ଦେଶରେ ଖାଦ୍ୟ ଶସ୍ୟ ପରିବହନ ଓ ଯୋଗାଣ ଶୃଙ୍ଖଳାରେ ସାମାନ୍ୟତମ ବିଭ୍ରାଟ ଦେଖାଦେଲେ ମଧ୍ୟ ଦରଦାମ ବୃଦ୍ଧି ପ୍ରଭାବିତ ହୁଏ। ଏହାଛଡ଼ା ଆନ୍ତର୍ଜାତିକ ଓ ବିଶ୍ୱସ୍ତରୀୟ କୂଟନୈତିକ ଓ ଅର୍ଥନୈତିକତା ଅସ୍ଥିରତାର ବେଶ୍ ଚାପ ପଡ଼ିଥାଏ। ଭାରତ ବିଶ୍ୱର ଏକ ପ୍ରମୁଖ ଇନ୍ଧନ ତୈଳ ଓ ଗ୍ୟାସ ଆମଦାନିକାରୀ ରାଷ୍ଟ୍ର ଭାବେ ବିଦିତ। ପେଟ୍ରୋଲିୟମ ଉତ୍ପାଦନ ତଥା ରପ୍ତାନୀ ବ୍ୟବସ୍ଥା ଗତ ଦୁଇବର୍ଷ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଓ ନିକଟରେ ହୋଇଥିବା ଇସ୍ରାଏଲ-ହମାସ୍ ଯୁଦ୍ଧ ଯୋଗୁଁ ବେଶ୍ ପ୍ରଭାବିତ ହୋଇଛି। ପଶ୍ଚିମ ଏସିଆର ମୁଖ୍ୟ ତୈଳ ଉତ୍ପାଦନକାରୀ ଦେଶମାନେ ଅଶୋଧିତ ତୈଳ ଉତ୍ପାଦନକୁ ବଜାରତନ୍ତ୍ର ଓ ବିଭିନ୍ନ କୂଟନୈତିକ କାରଣ ଯୋଗୁଁ ନିୟନ୍ତ୍ରିତ କରି ରଖିଥିବାରୁ ଇନ୍ଧନ ତୈଳର ଦରଦାମ ଆମର ଖାଉଟି ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ବିଶେଷକରି ରୁଷିଆ-ୟୁକ୍ରେନ୍ ଓ ଇସ୍ରାଏଲ-ହମାସ୍ ଯୁଦ୍ଧ ପରେ ଆମେରିକା ଓ ତା'ର ସହଯୋଗୀ ଦେଶମାନେ ରୁଷ, ଚୀନ୍ ଓ ଇରାନ୍ ବିରୁଦ୍ଧରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଇଥିବାରୁ ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳ ତଥା ବିଶ୍ୱ ଗହମ ରପ୍ତାନି ବାଣିଜ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଛି। ଭାରତରୁ ଚାଉଳ ଓ ଗହମ ରପ୍ତାନି ବ୍ୟବସ୍ଥା ମଧ୍ୟ ବିଶ୍ୱ ବଜାରରେ ମାନ୍ଦାବସ୍ଥା ଓ ପ୍ରତିବନ୍ଧକ ଆଦି ଦୃଷ୍ଟିରୁ ଚାପଗ୍ରସ୍ତ ହୋଇଛି। ଏବେ ପୁଣି ଗୋଟିଏ ନୂଆ ବିପଦ ଆସିଛି। ଲୋହିତ ସାଗର ଓ ପାରସ୍ୟ ସାଗର ଅଞ୍ଚଳରେ ୟେମେନ୍‌ର ହାଉଥି ଜଳଦସ୍ୟୁ ଗୋଷ୍ଠୀ ଏହି ଅଞ୍ଚଳର ସାମୁଦ୍ରିକ ବାଣିଜ୍ୟକୁ ଘୋର ବାଧା ସୃଷ୍ଟି କରୁଛି। ଅନେକଗୁଡ଼ିଏ ଭାରତୀୟ ପଣ୍ୟଦ୍ରବ୍ୟ ବୋଝେଇ ଜାହାଜ ଏହି ଜଳଦସ୍ୟୁ ଆତଙ୍କର ଶିକାର ହୋଇଛନ୍ତି। ଏହାର ପ୍ରତିକାର ନିମିତ୍ତ ଆମେରିକା ଓ ବ୍ରିଟେନ୍ ମିଳିତ ଭାବେ ୟେମେନ୍‌ରେ ହାଉଥି ଗୋଷ୍ଠୀଙ୍କ ବିଭିନ୍ନ କେନ୍ଦ୍ର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଏହାଫଳରେ ଏସିଆ ଓ ପଶ୍ଚିମ ରାଷ୍ଟ୍ରମାନଙ୍କ ମଧ୍ୟରେ ସବୁଠାରୁ ସହଜ ସାମୁଦ୍ରିକ ବାଣିଜ୍ୟ ରାସ୍ତାରେ ଜାହାଜ ଚଳାଚଳ ଅସୁରକ୍ଷିତ ହୋଇପଡ଼ିଛି ତଥା ଏହାର ପଣ୍ୟ ପରିବହନ ମୂଲ୍ୟ ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି।

ଏହି ପରିପ୍ରେକ୍ଷୀରେ ଦେଖିଲେ ଭାରତ ଭଳି ବିଶ୍ୱର ସବୁଠାରୁ ବୃହତ୍ତମ ଜନସଂଖ୍ୟାର ଦେଶର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତିରେ ମୁଦ୍ରାସ୍ଫୀତିର ସଠିକ୍ କାରଣ ନିରୂପଣ ବେଶ୍ ଜଟିଳ ତଥା ଏହାର ନିରାକରଣ ମଧ୍ୟ ଦୀର୍ଘମିଆଦୀ ତଥା ସୁଦକ୍ଷ ରଣନୀତି ଆବଶ୍ୟକ କରେ। ଏଥିପାଇଁ ସର୍ବପ୍ରାଥମିକ ଆବଶ୍ୟକତା ହେଲା ନିର୍ଭରଯୋଗ୍ୟ ମୁଦ୍ରାସ୍ଫୀତି ସୂଚନା ସଂଗ୍ରହ ଓ ସମୀକ୍ଷା। ଭାରତୀୟ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଏହି କାର୍ଯ୍ୟ ସୁଚାରୁ ରୂପେ ତୁଲାଉଥିବାରୁ ଆମର ବିଭିନ୍ନ ଅର୍ଥନୈତିକ ନୀତି ନିର୍ଦ୍ଧାରକମାନେ ନିରନ୍ତର ତତ୍ତ୍ୱାବଧାନ ଜାରି ରଖିଛନ୍ତି। ତେବେ ଆସନ୍ନ ସାଧାରଣ ନିର୍ବାଚନରେ ମୁଦ୍ରାସ୍ଫୀତି ଯେ ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ହୋଇପାରେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

# ମହିଳାଙ୍କ ରାଜନୈତିକ ସଶକ୍ତୀକରଣର ବାସ୍ତବତା



**କସ୍ତୁରୀ ମହାପାତ୍ର**
ଭୁବନେଶ୍ୱର, ମୋ: ୯୪୩୭୦୦୧୯୭୯

ସାର୍ବଜନୀନ ଜୀବନରେ ଅସମାନତା ସମଗ୍ର ବିଶ୍ୱରେ ଏକ ବାସ୍ତବତା। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତରେ ମହିଳାମାନେ ଯେଉଁ ଗଭୀର ଅସମାନତାର ସମ୍ମୁଖୀନ ହେଉଛନ୍ତି ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରତିନିଧିତ୍ୱ ବ୍ୟବଧାନ। ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ ଦେଶର ରାଜନୀତିରେ ଭାରତୀୟ ମହିଳାଙ୍କ ଅଂଶଗ୍ରହଣ ଆଶାନୁରୂପ ହୋଇପାରିନାହିଁ।

ଭାରତର ମୋଟ ଜନସଂଖ୍ୟାର ଅଧା ହେଉଛନ୍ତି ମହିଳା। ତେଣୁ ମହିଳାଙ୍କ ରାଜନୈତିକ ସଶକ୍ତୀକରଣ ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ। ବାସ୍ତବରେ ମହିଳାଙ୍କ ସାମଗ୍ରିକ ସଶକ୍ତୀକରଣ ପ୍ରକ୍ରିୟାରେ ରାଜନୈତିକ ପ୍ରତିନିଧିତ୍ୱ ପ୍ରସଙ୍ଗ ଏବେ ବି ଯୋଡ଼ି ହୋଇପାରିନାହିଁ। ରାଜନୈତିକ ଅଂଶଗ୍ରହଣ କେବଳ ଭୋଟ୍ ଅଧିକାର ସହିତ ଜଡ଼ିତ ନୁହେଁ, ବରଂ ଏଥିରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ରାଜନୈତିକ ସକ୍ରିୟତା, ରାଜନୈତିକ ଚେତନା ଇତ୍ୟାଦି ଜଡ଼ିତ। ରାଜନୈତିକ ସକ୍ରିୟତା ଏବଂ ମତଦାନ ହେଉଛି ମହିଳାଙ୍କ ରାଜନୈତିକ ଅଂଶଗ୍ରହଣର ସବୁଠାରୁ ଶକ୍ତିଶାଳୀ କ୍ଷେତ୍ର। କିନ୍ତୁ ଆମ ଦେଶରେ ନିର୍ବାଚିତ ହେବାର ଅଧିକାର ଏପର୍ଯ୍ୟନ୍ତ ଲିଙ୍ଗନିରପେକ୍ଷ ହୋଇପାରୁନାହିଁ, ଯେପରି ମତଦାନ ଅଧିକାର ହୋଇ ପାରିଛି।

ନିର୍ବାଚନର ଦୁଇଟି ଦିଗ ରହିଛି। ପ୍ରଥମ ମତଦାନର ଅଧିକାର ଏବଂ ଦ୍ୱିତୀୟ ନିର୍ବାଚିତ ହେବାର ଅଧିକାର। ୨୦୨୩ ମହିଳା ସଂରକ୍ଷଣ ଆଇନ ପ୍ରଣୟନ ଏକ ସକାରାତ୍ମକ ପଦକ୍ଷେପ ହୋଇଥିବା ବେଳେ ମହିଳାଙ୍କ ରାଜନୈତିକ ସଶକ୍ତୀକରଣ ଆହ୍ୱାନର ସମ୍ମୁଖୀନ ହୋଇଛି। ନିକଟରେ ଶେଷ ହୋଇଥିବା ପାଞ୍ଚୋଟି ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନରେ ମହିଳାଭିତ୍ତିକ ପ୍ରତିଶ୍ରୁତି ଅଧିକ ହୋଇଥିଲେ ହେଁ ମହିଳା ପ୍ରାର୍ଥୀଙ୍କ ପ୍ରତିନିଧିତ୍ୱ କମ୍ ରହିଛି। ଅଧିକ ମହିଳା ପ୍ରାର୍ଥୀ ଦେବା ପାଇଁ ରାଜନୈତିକ ଦଳଗୁଡ଼ିକର ଯଥେଷ୍ଟ ପ୍ରୟାସ ଦେଖିବାକୁ ମିଳିନାହିଁ। ଉଭୟ ବିଜେପି ଓ କଂଗ୍ରେସ ଭଳି ଜାତୀୟ ଦଳରେ ମଧ୍ୟ ମହିଳାଙ୍କ ପ୍ରତିନିଧିତ୍ୱ ୧୨ ପ୍ରତିଶତରୁ କମ୍ ରହିଛି। 'ନାରୀଶକ୍ତି ବନ୍ଦନ ଆଇନ'ରେ ଦର୍ଶାଯାଇଥିବା ମହିଳାଙ୍କ ପାଇଁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ଆସନ ସଂରକ୍ଷଣ ଲକ୍ଷ୍ୟଠାରୁ ଏହି ଦୁଇ ଦଳ ବହୁ ପଛରେ ରହିଛି। ଆଇନ ପ୍ରଣୟନ ହେବା ପରେ ବିଧାନସଭା ନିର୍ବାଚନରେ ସ୍ୱଳ୍ପସଂଖ୍ୟକ ମହିଳାଙ୍କୁ ପ୍ରାର୍ଥୀ କରିବା ରାଜନୈତିକ ଦଳଗୁଡ଼ିକର ସେ ଦିଗରେ ପ୍ରତିଶ୍ରୁତି ଓ କାର୍ଯ୍ୟକାରିତା ମଧ୍ୟରେ ଥିବା ଅଭାବ ବାରି ହୋଇ ପଡୁଛି। ସାଧାରଣତଃ ପୁରୁଷ ରାଜନେତାମାନେ ଜଣେ ଉତ୍ସର୍ଗୀକୃତ, ପରିଶ୍ରମୀ ଏବଂ ଆତ୍ମବିଶ୍ୱାସୀ ମହିଳା ରାଜନେତାଙ୍କୁ ବିପଦ ବୋଲି ମନେକରନ୍ତି। ଅଧିକାଂଶ ରାଜନୈତିକ ଦଳ ଏବେ ବି ବିଶ୍ୱାସ କରନ୍ତି ନାହିଁ ଯେ ସେହି ଆସନଗୁଡ଼ିକ ବିଜୟରେ ପରିଣତ ହୋଇପାରିବ।

ନାରୀଶକ୍ତି ବନ୍ଦନ ବିଲ ଯେପରି ଭାବେ ଉପସ୍ଥାପନା କରାଗଲା, ସର୍ବସମ୍ମତି କ୍ରମେ ପାରିତ କରିବା ପାଇଁ ଅନ୍ୟ ଦଳମାନଙ୍କୁ ଶାସକ ଦଳ ଦ୍ୱାରା ଆବେଗପୂର୍ଣ୍ଣ ବିନମ୍ର ଅନୁରୋଧ କରାଗଲା ଏବଂ ଶେଷରେ ଆଇନ ଭାବେ ପ୍ରଣୀତ ହେବା ଦ୍ୱାରା ମହିଳାମାନଙ୍କ ମନରେ ସ୍ୱାଭାବିକ ଭାବେ ଆଶାର ସଞ୍ଚାର ହୋଇଥିଲା ଯେ ରାଜନୈତିକ ଦଳମାନେ ବିଶେଷକରି ଶାସକ ଏବଂ ମୁଖ୍ୟ ବିରୋଧୀ ଦଳ ଟିକେଟ ଆବଣ୍ଟନ ସମୟରେ ମହିଳାମାନଙ୍କ ପାଇଁ ଅଧିକ କୋହଳ ଭାବ ପ୍ରଦର୍ଶନ କରିବେ। ଯେହେତୁ ମହିଳା ସଶକ୍ତୀକରଣ ବିଷୟରେ ବିଜେପି ସରକାର ଏତେ ଉତ୍ସାହଜନକ କଥା କହୁଛନ୍ତି, ତେଣୁ ସେମାନେ ଆଇନ ପ୍ରଣୟନ ହେବା ପରେ ବିଧାନସଭା ହେଉ ବା ଲୋକସଭା ହେଉ, ନିର୍ବାଚନରେ ଅଧିକ ମହିଳା ପ୍ରାର୍ଥୀ ଦେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହା ପ୍ରମାଣିତ ଯେ ରାଜନୀତିରେ ମହିଳାଙ୍କୁ ପ୍ରକୃତରେ ରାଜନୈତିକ ସଶକ୍ତ କରିବାକୁ ବା ନେତୃତ୍ୱ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ରାଜନୈତିକ ଦଳମାନେ। ସେମାନଙ୍କର ଭାଷଣ, ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସମନ୍ୱୟ ନ ଥିବା ଦେଖିବାକୁ ମିଳୁଛି।

ମନେହୁଏ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ମହିଳାସଂରକ୍ଷଣ ବିଲ୍ ପାରିତ କରିବା ପଛରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ରହସ୍ୟମୟ ଉଦ୍ଦେଶ୍ୟ ଥିଲା। ତାହା ହେଉଛି ମହିଳା ଭୋଟରଙ୍କ ମଧ୍ୟରେ ସେମାନଙ୍କ ଦଳ ପ୍ରତି ଅଧିକ ସମର୍ଥନ ସୃଷ୍ଟି କରିବା। କିନ୍ତୁ ପ୍ରକୃତ ନେତୃତ୍ୱ କଥା ଉଠିବା ବେଳକୁ ସେମାନେ ଭିନ୍ନ ମାନସିକତା ପୋଷଣ କରୁଥିବା ଦେଖାଯାଉଛି। ଉଦାହରଣସ୍ୱରୂପ, ରାଜସ୍ଥାନର ୨୦୦ ଆସନ ବିଶିଷ୍ଟ ବିଧାନସଭାରେ କଂଗ୍ରେସ ୨୮ ଜଣ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେଇଥିବା ବେଳେ ବିଜେପି ୨୦ଟି ଟିକେଟ୍ ବଣ୍ଟନ କରିଥିଲା। ୨୦୧୮ ବିଧାନସଭା ନିର୍ବାଚନରେ କଂଗ୍ରେସ ୨୭ ଜଣ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେଇଥିବା ବେଳେ ବିଜେପି ୨୩ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ବିଜେପି ୨୮ ଜଣ ଓ କଂଗ୍ରେସ ୩୦ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୮ ରେ ଏହି ସଂଖ୍ୟା ଯଥାକ୍ରମେ ୨୪ ଓ ୨୭ ଥିଲା। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ବିଜେପି ୧୪ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୩ ଜଣ ମହିଳା ପ୍ରାର୍ଥୀ ଘୋଷଣା କରିଥିଲା। ତେଲଙ୍ଗାନା ବିଧାନସଭା ନିର୍ବାଚନରେ ବିଜେପି ୧୪ ଜଣ ମହିଳା ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ୧୧ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି। ସେଠାରେ ୧୧୯ ଟି ଆସନ ପାଇଁ ମତଦାନ ହୋଇଥିଲା। ୨୦୧୮ ରେ ୧୩୬ ଜଣ ମହିଳା ନାମାଙ୍କନ ପତ୍ର ଦାଖଲ କରିଥିଲେ, ଯାହା କି ମୋଟ ୧୬୮୨ଟି ନାମାଙ୍କନ ପତ୍ରର ମାତ୍ର ୮ ପ୍ରତିଶତ ଥିଲା। ମିଜୋରାମରେ ୪୦ଟି ନିର୍ବାଚନ ମଣ୍ଡଳୀର ପ୍ରତିନିଧି ଚୟନ ପାଇଁ ମତଦାନ ହୋଇଥିଲା। କଂଗ୍ରେସ ୨ ଜଣ ଓ ବିଜେପି ୪ ଜଣ ମହିଳା ପ୍ରାର୍ଥୀ ଦେଇଥିଲେ। ସରକାର ଗଠନ କରିଥିବା ମିଜୋ ନ୍ୟାସନାଲ ଫ୍ରଣ୍ଟ (ଏମଏନଏଫ) ୨୦୧୮ ରେ ଜଣେ ବି ମହିଳାଙ୍କୁ ପ୍ରାର୍ଥୀ କରିନଥିଲା।

ଯେକୌଣସି ଦେଶରେ ମହିଳାଙ୍କ ରାଜନୈତିକ ସଶକ୍ତୀକରଣ ସାଧାରଣତଃ ଦୁଇଟି ମାର୍ଗରେ ସମ୍ଭବ - ପ୍ରଥମଟି ହେଉଛି ଆଇନ ମାଧ୍ୟମରେ ବିଧାନସଭାରେ ଏବଂ ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରିବା ଏବଂ ଦ୍ୱିତୀୟଟି ହେଉଛି ପ୍ରାର୍ଥୀ ମନୋନୀତ କରିବା ସମୟରେ ରାଜନୈତିକ ଦଳ ମଧ୍ୟରେ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା। ଆମ ଦେଶରେ ମହିଳା ସଶକ୍ତୀକରଣକୁ ଆମେ ବାସ୍ତବତାରେ ପରିଣତ କରିବା ବିଷୟରେ ଆମକୁ ଅଧିକ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି। ରାଜନୀତିରେ ମହିଳାଙ୍କ ସମ୍ପୃକ୍ତି ଏବଂ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱକୁ ବାସ୍ତବତା ଶବ୍ଦର ପ୍ରକୃତ ଅର୍ଥରେ ପରିଣତ କରିବା ଏବଂ ସ୍ଥାନ ଛାଡ଼ିବା ପୁରୁଷକେନ୍ଦ୍ରିକ ରାଜନୈତିକ ଦଳମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଜାତୀୟ ଓ ଆଞ୍ଚଳିକ ଦଳମାନେ ନିଜ ଦଳ ମଧ୍ୟରେ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରି ମହିଳାଙ୍କ ରାଜନୈତିକ ସଶକ୍ତୀକରଣ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରିବା ଆବଶ୍ୟକ, ଯାହାକି ଓଡ଼ିଶା କ୍ଷେତ୍ରରେ ୨୦୧୯ ସାଧାରଣ ନିର୍ବାଚନରେ ଦେଖିବାକୁ ମିଳିଥିଲା। ଜାତିଭିତ୍ତିକ ସଂରକ୍ଷଣ ପାଇଁ ରାଜନୈତିକ ଦଳମାନେ ଯେପରି ତତ୍ପର ମହିଳାଙ୍କ କ୍ଷେତ୍ରରେ ତାହାର ଅଭାବ ସୁସ୍ପଷ୍ଟ। ମହିଳାଙ୍କ ବିକାଶ ଏବଂ ମହିଳାଙ୍କ ସଶକ୍ତୀକରଣ ଦିଗରେ ନିରନ୍ତର କାର୍ଯ୍ୟ କରି ଆସୁଥିବା ଓଡ଼ିଶାର ବିଜୁ ଜନତା ଦଳର ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୧ଟି ଲୋକସଭା ଆସନ ମଧ୍ୟରୁ ୩୩ ପ୍ରତିଶତ ଅର୍ଥାତ ୭ଟି ଆସନରେ ମହିଳା ପ୍ରାର୍ଥୀ ଦେଇଥିଲେ। ବିଜେଡିର ଏହି ଐତିହାସିକ ପଦକ୍ଷେପରୁ ଜାତୀୟ ଦଳଗୁଡ଼ିକ କିଛି ଶିଖିପାରିଲା ଭଳି ମନେ ହେଉନାହିଁ।

ଏଥିରୁ ପ୍ରଶ୍ନ ଉଠୁଛି, ଯଦି ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ନେଇ ରାଜନୈତିକ ଦଳମାନେ ଗମ୍ଭୀର, ଶାସକ ଦଳ ଅତ୍ୟନ୍ତ ଚିନ୍ତିତ, ତେବେ ଦଳ ପକ୍ଷରୁ ଅଧିକ ମହିଳାଙ୍କୁ ଟିକେଟ୍ ଦେବାରେ ଅସୁବିଧା କାହିଁକି ହେଉଛି? ଏହା ସତ୍ୟ ଯେ ବାଧ୍ୟତାମୂଳକ ସଂରକ୍ଷଣ ବିନା ରାଜନୀତିରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ନାହିଁ। ମହିଳା ସଶକ୍ତୀକରଣ ଏପରି ଏକ ପ୍ରସଙ୍ଗ, ଯାହା ବିଷୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପ୍ରାୟତଃ ସେମାନଙ୍କ ନିର୍ବାଚନ ପ୍ରଚାର ସମୟରେ ଘୋଷଣା କରନ୍ତି, କିନ୍ତୁ ରାଜନୀତିରେ ମହିଳାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେମାନେ ପ୍ରକୃତ ପ୍ରୟାସ କରନ୍ତି ନାହିଁ। ମହିଳାମାନେ ଅସୀମ ଶକ୍ତିର ଅଧିକାରିଣୀ ହୋଇଥିବା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ କେବଳ ଭୋଟର ଭାବେ ତାଙ୍କୁ ସ୍ୱାଗତ କରୁଛନ୍ତି, ସାଂସଦ କିମ୍ବା ବିଧାୟକ ଭାବେ ଗ୍ରହଣ କରିବାକୁ ଅନିଚ୍ଛୁକ।

ସାମ୍ପ୍ରତିକ ସମୟରେ ମତଦାନ ଶୈଳୀରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି। ଗତ ୫ଟି ରାଜ୍ୟରେ ମହିଳା ଭୋଟରମାନେ କେନ୍ଦ୍ରବିନ୍ଦୁ ପାଲଟିଥିବାରୁ ନିର୍ବାଚନର ଗତିବିଧି ବଦଳିଯାଇଛି। ନିର୍ବାଚନରେ ସରକାର ଗଠନ କରିବାରେ ମଧ୍ୟ ମହିଳା ଭୋଟ ନିର୍ଣ୍ଣାୟକ ହେଉଛି। ଅଧିକ ମହିଳା ଭୋଟ ଦେବାର କାରଣ ହେଉଛି ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଅଧିକ ସଚେତନ ହେଉଛନ୍ତି। ଏହା ନିର୍ବାଚନ ସଶକ୍ତୀକରଣ ଦିଗରେ ମହିଳାଙ୍କ ନିରନ୍ତର ଓ ନିରବଚ୍ଛିନ୍ନ ଅଗ୍ରଗତିର ପ୍ରମାଣ। ମହିଳାମାନଙ୍କୁ ନିର୍ବାଚନୀ ପ୍ରଚାର ରାଲି, ସଭା, ରୋଡ୍ ସୋ, କାର୍ଯ୍ୟକ୍ରମରେ ମୁଖ୍ୟତଃ ସ୍ଥାନ ମିଳୁଥିଲେ ହେଁ ପ୍ରାର୍ଥିତ୍ୱରେ ସେମାନଙ୍କୁ ପ୍ରତିନିଧିତ୍ୱ ଅଧିକାର ସାବ୍ୟସ୍ତ କରିବାକୁ ଦିଆଯାଉନାହିଁ।

ରାଜନୈତିକ ପ୍ରତିନିଧିତ୍ୱରେ ଅସମାନତାକୁ ସ୍ୱାଭାବିକ ଭାବରେ ଗ୍ରହଣ କରାଯାଉଥିବା ମନେ ହେଉଛି। ଲିଙ୍ଗଗତ ସମାନତା କ୍ଷେତ୍ରରେ ଭାରତ ପଛରେ ପଡ଼ିବା ପଛରେ ଏହା ଆଉ ଗୋଟିଏ କାରଣ। ବିଶ୍ୱ ଅର୍ଥନୈତିକ ଫୋରମର ଲିଙ୍ଗବୈଷମ୍ୟ ରିପୋର୍ଟ ୨୦୨୩ ଅନୁଯାୟୀ ମହିଳାଙ୍କୁ ଅର୍ଥନୈତିକ ସହଭାଗିତା ଓ ସୁଯୋଗ କ୍ଷେତ୍ରରେ ୧୪୬ଟି ଦେଶ ମଧ୍ୟରୁ ଭାରତ ୧୪୨ତମ ସ୍ଥାନରେ ଥିବାବେଳେ ରାଜନୈତିକ ସୁବିଧା ସୁଯୋଗ କ୍ଷେତ୍ରରେ ୫୯ତମ ସ୍ଥାନରେ ରହିଛି। ରାଜନୀତିରେ ଲିଙ୍ଗଗତ ସମାନତା କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ; ଏହା ଏକ ମୌଳିକ ଗଣତାନ୍ତ୍ରିକ ନୀତି ଏବଂ ଏକ ସାମ୍ବିଧାନିକ ପ୍ରତିଶ୍ରୁତି। ସମ୍ବିଧାନର ଧାରା ୧୪ ରେ ସମାନତାର ଅଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦିଆଯାଇଛି। ଯେହେତୁ ଆଇନଗତ ଭାବେ କେବେ ମହିଳା ସଂରକ୍ଷଣ ଲାଗୁ ହେବ ତାହା କେହି ଜାଣନ୍ତି ନାହିଁ, ତେଣୁ ୨୦୨୪ ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ଆମେ ଆଶା କରିବା ଯେ କେନ୍ଦ୍ର ସରକାର ନିଜ କଥାର, ନିଜ ଦଳର ସମ୍ମାନାର୍ଥେ ମହିଳାମାନଙ୍କୁ ସମାନ ପ୍ରତିନିଧିତ୍ୱ ହାସଲ କରିବାରେ ପ୍ରତିବନ୍ଧକଗୁଡ଼ିକ ହଟେଇ ସମ୍ବିଧାନ ପ୍ରଦତ୍ତ ତଥା ଆଇନରେ ଉଲ୍ଲେଖିତ ସ୍ୱାଧୀନତାର ଅଧିକାରକୁ ସୁନିଶ୍ଚିତ କରିବେ।

ଓଡ଼ିଶାରେ ବିଜେଡି ସରକାର ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରିବାକୁ ବିଧାନସଭାରେ ଯେପରି ଏକ ସଂକଳ୍ପ କରିଥିଲେ ଏବଂ ସେହି ଅନୁସାରେ କାର୍ଯ୍ୟକାରୀ କରାଯାଇଥିଲା। ଅନ୍ୟ ରାଜ୍ୟର ରାଜନୈତିକ ଦଳମାନେ ମଧ୍ୟ ନିଜ ଦଳ ଭିତରେ ନିଷ୍ପତି ନେଇ ମହିଳାଙ୍କୁ ସମ୍ମାନ ଦେଇ ସେମାନଙ୍କ ରାଜନୈତିକ ଅଧିକାରକୁ ସୁରକ୍ଷା ଦେଇପାରିବେ। ଆଗାମୀ ବର୍ଷଗୁଡ଼ିକରେ ଭାରତୀୟ ରାଜନୀତିର ରାଜନୈତିକ ଦୃଶ୍ୟପଟ୍ଟରେ ଅଧିକ ମହିଳା ଅନ୍ତର୍ଭୁକ୍ତ ହେବା ଜରୁରୀ। ଏହା ଅନୁଗ୍ରହ ନୁହେଁ, ଏକ ଅଧିକାରର ବିଷୟ ଏବଂ ସମ୍ମାନର ବିଷୟ।

# ମାଳଦ୍ୱୀପକୁ ଚୀନ୍‌ର ମନ୍ତ୍ରଣା



**ଲଳିତେନ୍ଦୁ ପଲାଉରୀ**
ଅସ୍ତରଙ୍ଗ, ମୋ: ୯୭୭୮୬୯୭୦୩୬

ଭାରତର ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା ମାଳଦ୍ୱୀପ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଶେଷରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ନିଜ ଦେଶରେ ସମାଲୋଚିତ ହେବା ପରେ ଭାରତ ନିକଟରେ କ୍ଷମାଭିକ୍ଷା କରିଛନ୍ତି। ଭାରତ ବିରୋଧୀ ମନ୍ତବ୍ୟ ଦେଇଥିବା ମାଳଦ୍ୱୀପର ୩ଜଣ ମନ୍ତ୍ରୀଙ୍କୁ ନିଲମ୍ବିତ କରିଛନ୍ତି ମୁଇଜ୍ଜୁ।

ଜାନୁଆରୀ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲାକ୍ଷାଦ୍ୱୀପ ଗସ୍ତ ଓ ଏହାର ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେବା ପରେ ଭାରତ-ମାଳଦ୍ୱୀପ ମଧ୍ୟରେ ବିବାଦ ଉପୁଜି ଥିଲା। ଏମିତି ବି ଚୀନର ରଣଯନ୍ତାରେ ଫସିଥିବା ଏବଂ ଚୀନ କଥାରେ ଉଠ ବସ ହେଉଥିବା ମାଳଦ୍ୱୀପର ବର୍ତ୍ତମାନ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ସରକାରଙ୍କ ମନ୍ତ୍ରୀ ମାନେ ମଧ୍ୟ କିଏ ପ୍ରକୃତ ମାଳଦ୍ୱୀପ ପାଇଁ ଜରୁରୀ ଚିନ୍ତା ନକରି ଏଭଳି ଶସ୍ତା ମନ୍ତବ୍ୟ ଦେଇଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଲାକ୍ଷାଦ୍ୱୀପ ଗସ୍ତ ବେଳେ ସେଠାକାର ଶାନ୍ତ ଓ ପ୍ରାକୃତିକ ମନୋରମ ପରିବେଶ, ନୀଳ ତରଙ୍ଗ ଓ ବିସ୍ତୀର୍ଣ୍ଣ ବେଳାଭୂମିର ବିକାଶ ପାଇଁ ପରୋକ୍ଷ ପ୍ରୋତ୍ସାହନ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଲାକ୍ଷାଦ୍ୱୀପର ସୁନ୍ଦର ଫଟୋ ସବୁ ସେୟାର କରି ଯେଉଁମାନେ ଜୀବନରେ ଆନନ୍ଦ ଓ ରୋମାଞ୍ଚ ଅନୁଭବ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଲାକ୍ଷାଦ୍ୱୀପ ବୁଲିଯିବାକୁ ପ୍ରଧାନମନ୍ତ୍ରୀ ମୋଦୀ ପରାମର୍ଶ ଦେଇଥିଲେ। ମୋଦୀଙ୍କ ଗସ୍ତ ପରେ ସାମାଜିକ ଗଣମାଧ୍ୟମରେ ଲାକ୍ଷାଦ୍ୱୀପ ପ୍ରତି ସାଧାରଣ ଭାରତୀୟଙ୍କ ମଧ୍ୟରେ ଆଗ୍ରହ ଓ ଉତ୍ସାହ ବୃଦ୍ଧି ପାଇଥିଲା। ଲାକ୍ଷାଦ୍ୱୀପ ପର୍ଯ୍ୟଟନ ପ୍ରତି ହଠାତ ଭାରତୀୟଙ୍କ ମଧ୍ୟରେ ଏଭଳି ଆଗ୍ରହକୁ ଦେଖି ହଜମ କରିପାରି ନ ଥିଲେ ମାଳଦ୍ୱୀପ ପ୍ରଶାସକ। ତେଣୁ ମାଳଦ୍ୱୀପରେ କ୍ଷମତାରେ ଥିବା ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ- ମନ୍ତ୍ରୀ ମରିୟମ ଶିଉନା ଏବଂ ନେତା ଜାହିଦ୍ ରମୀଜ ଭାରତୀୟଙ୍କୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ଇସ୍ରାଏଲ ହାତରେ କଣ୍ଢେଇ' କହି ସମାଲୋଚନା କରିଥିଲେ। ଭାରତୀୟଙ୍କ ହୋଟେଲ ରୁମ୍‌ରୁ ଦୁର୍ଗନ୍ଧ ବାହାରେ ବୋଲି କହିଥିଲେ। ଏହାକୁ ନେଇ ମାଳଦ୍ୱୀପ ପ୍ରତି ଭାରତରେ ମଧ୍ୟ ପ୍ରବଳ ପ୍ରତିକ୍ରିୟା ଦେଖା ଦେଇଥିଲା। ମାଳଦ୍ୱୀପରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ମାଳଦ୍ୱୀପ ସରକାର ଆଗରେ ଏହି ପ୍ରସଙ୍ଗ ଉଠାଇଥିଲେ। ତେବେ ମନ୍ତ୍ରୀ ଦେଇଥିବା ବୟାନ ବ୍ୟକ୍ତିଗତ ବୋଲି ସଫେଇ ଦେଇଥିଲେ ମାଳଦ୍ୱୀପ ସରକାର। ମାଳଦ୍ୱୀପ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶୀଦ ମଧ୍ୟ ସମାଲୋଚନା କରିଥିଲେ। ମାଳଦ୍ୱୀପ ନେତା ଜାହିଦ ରମିଜଙ୍କର ଭାରତ ବିରୋଧୀ ମନ୍ତବ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ମାଳଦ୍ୱୀପ ପ୍ରତି ବିରୋଧାଭାସ ଜୋରଦାର ହୋଇଥିଲା। ଭାରତରେ ଲୋକଙ୍କ ମଧ୍ୟରେ ଏତେ ଅସନ୍ତୋଷ ବଢ଼ିଯାଇଥିଲା ଯେ ସାମାଜିକ ଗଣମାଧ୍ୟମରେ 'ହାସଟ୍ୟାଗ୍ ବୟକଟ୍‌ମାଳଦ୍ୱୀପ' ଟ୍ରେଣ୍ଡ ଆରମ୍ଭ କରିଥିଲା। ଗୁଗୁଲ ସର୍ଚ୍ଚରେ ସର୍ବାଧିକ ୧୦ଟି ସର୍ଚ୍ଚ ଶବ୍ଦ ମଧ୍ୟରେ ଲାକ୍ଷାଦ୍ୱୀପ ଥିଲା।

ତେବେ ପ୍ରଶ୍ନ ଉଠୁଛି କାହିଁକି ଲାକ୍ଷାଦ୍ୱୀପ ପାଇଁ ମାଳଦ୍ୱୀପ ଏମିତି ଅସହ୍ୟବୋଧ ମନେକଲା? ଲକ୍ଷାଦ୍ୱୀପର ପର୍ଯ୍ୟଟନ ବିକାଶ ମାଳଦ୍ୱୀପ ଅର୍ଥନୀତିକୁ ବ୍ୟାପକ କ୍ଷତି ପହଞ୍ଚାଇବ ଏହା ଅନୁଭବ କରି ଏଭଳି ପ୍ରତିକ୍ରିୟାଶୀଳ ହୋଇପଡ଼ିଲା କି ମାଳଦ୍ୱୀପ? କାରଣ ଭାରତ ବର୍ତ୍ତମାନ ତା'ର ଏହି କୋରାଲ ଦ୍ୱୀପକୁ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ବିକଶିତ କରିବାକୁ ଚାହୁଁଛି। କେରଳରୁ ୪୫୦ କିଲୋମିଟର ଓ ମାଳଦ୍ୱୀପର ଉତ୍ତର ପ୍ରାନ୍ତରୁ ମାତ୍ର ୭୦୦ କିଲୋମିଟର ଦୂରରେ ଅବସ୍ଥିତ ଲକ୍ଷାଦ୍ୱୀପକୁ ମାଳଦ୍ୱୀପ ଠାରୁ ଅଧିକ ଆକର୍ଷିତ କରିବାକୁ ଭାରତ ଚାହୁଁଛି। ଏଥିପାଇଁ ମାଳଦ୍ୱୀପର ପର୍ଯ୍ୟଟନ ବିକାଶ ପାଇଁ ୧୧୫୦କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ। ଏଠାରେ ବିମାନ ବନ୍ଦର ଓ ଘାଟି ନିର୍ମାଣ ହେବ। ଯେଉଁଠାରୁ ଫାଇଟର ଜେଟ୍, ସାମରିକ ଉଡ଼ାଜାହାଜ ଓ ବ୍ୟବସାୟିକ ବିମାନ ଚଳାଚଳ ଆରମ୍ଭ ହୋଇପାରିବ। ଏହାଦ୍ୱାରା ଭାରତ ମହାସାଗର ଏବଂ ଆରବ ସାଗରରେ ଭାରତର ଶକ୍ତିରେ ବୃଦ୍ଧି ଘଟିବ। ମିନିକୟ ଦ୍ୱୀପରେ ନୂଆ ବିମାନବନ୍ଦର ଯୋଗୁଁ ପର୍ଯ୍ୟଟକ ଲାକ୍ଷାଦ୍ୱୀପ ଆସିପାରିବେ। ଏଠାରେ ବିମାନ ବନ୍ଦର ହେଲେ ଭାରତ ମହାସାଗର ଏବଂ ଆରବ ସାଗର ଉପରେ କଡ଼ା ନଜର ରଖିପାରିବେ ଭାରତୀୟ ସେନା। ଫଳରେ ଜଳଦସ୍ୟୁ ଏବଂ ଚୀନର ମନମୁଖି କାର୍ଯ୍ୟରେ ପ୍ରତିବନ୍ଧକ ଲାଗିବ। ଉଭୟ ନୌସେନା ଓ ବାୟୁସେନା ପାଇଁ ଭାରତ ମହାସାଗର ଏବଂ ଆରବ ସାଗରରେ ସମରସଜ୍ଜା ସହଜ ହେବ।

ମିନିକୟ ଦ୍ୱୀପରେ ବିମାନ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ଭାରତୀୟ ତଟ ସୁରକ୍ଷା ବାହିନୀ ପ୍ରସ୍ତାବ ଦେଇଥିଲା। ଏବେ ପ୍ରସ୍ତାବ ଅନୁଯାୟୀ ବିମାନ ବନ୍ଦର ଓ ଘାଟି ବିକଶିତ ହେବା ଜରୁରୀ। ଏହାର ପରିଚାଳନା ଦାୟିତ୍ୱ ଭାରତୀୟ ବାୟୁସେନା ଉପରେ ରହିବ। ଏବେ ଲାକ୍ଷାଦ୍ୱୀପ ଅଗାତି ଦ୍ୱୀପରେ ଏକମାତ୍ର ବିମାନ ବନ୍ଦର ରହିଛି ସତ, କିନ୍ତୁ ଏଥିରୁ ସବୁପ୍ରକାର ବିମାନ ସେବାର ସୁଯୋଗ ନାହିଁ। ସେପଟେ ଇସ୍ରାଏଲ ମଧ୍ୟ ଲକ୍ଷାଦ୍ୱୀପରେ ଭାରତ ସହ ମିଳିତ ବିକାଶରେ ସହଯୋଗ ପାଇଁ ସହମତି ପ୍ରକାଶ କରିଛି। ଏନେଇ ତୁରନ୍ତ ଇସ୍ରାଏଲ ପକ୍ଷରୁ କାର୍ଯ୍ୟ ଆରମ୍ଭ ହେବ। ଏସବୁ ଭିତରେ ସାଧାରଣ ଭାରତୀୟଙ୍କର ମଧ୍ୟ ମାଳଦ୍ୱୀପ ବଦଳରେ ଲାକ୍ଷାଦ୍ୱୀପ ପର୍ଯ୍ୟଟନ ଉପରେ ଆଗ୍ରହ ବଢ଼ିବାରେ ଲାଗିଛି। ଗତ ବର୍ଷ ୨୫ହଜାରୁ ଅଧିକ ପର୍ଯ୍ୟଟକ ଲାକ୍ଷାଦ୍ୱୀପ ଗସ୍ତ କରି ସାରିଛନ୍ତି।

ପ୍ରତିବର୍ଷ ଭାରତରୁ ୨ଲକ୍ଷରୁ ଅଧିକ ପର୍ଯ୍ୟଟକ ମାଳଦ୍ୱୀପ ଗସ୍ତରେ ଯାଉଥିବା ବେଳେ ମାଳଦ୍ୱୀପର ଭାରତ ବିରୋଧୀ ଟିପ୍ପଣୀ ପରେ ବହୁ ସଂଖ୍ୟାରେ ଭାରତୀୟ ସେମାନଙ୍କ ଆଗାମୀ ମାଳଦ୍ୱୀପ ଗସ୍ତକୁ ବାତିଲ କରି ଦେଇଛନ୍ତି। ବଲିଉଡ ଷ୍ଟାର ଅକ୍ଷୟ କୁମାର, ସଲମାନ ଖାଁ, ଶ୍ରଦ୍ଧା କପୁର, ଜନ୍ ଆବ୍ରାହମଙ୍କ ଭଳି କଳାକାରମାନେ ମାଳଦ୍ୱୀପ ଗସ୍ତ ବାତିଲ କରି ଏଣିକି ସେମାନଙ୍କ ଟ୍ରିପ୍ ଲାକ୍ଷାଦ୍ୱୀପ ରହିବ ବୋଲି କହିଛନ୍ତି। ସେହିଭଳି ସଚିନ ତେନ୍ଦୁଲକରଙ୍କଠାରୁ ଆରମ୍ଭ କରି ଆକାଶ ଚୋପ୍ରା, ସୋସିଆଲ ମିଡିଆ ଷ୍ଟାର ସୋନମ ମହାଜନ ମଧ୍ୟ ମାଳଦ୍ୱୀପ ମନ୍ତ୍ରୀଙ୍କର ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ କହିବା ସହ ଲାକ୍ଷାଦ୍ୱୀପରେ ପର୍ଯ୍ୟଟନ ବିକାଶ ପ୍ରୋତ୍ସାହନରେ ବାହାରିଛନ୍ତି।

ମାଳଦ୍ୱୀପରୁ ଭାରତୀୟ ପର୍ଯ୍ୟଟକ ମୁହଁ ଫେରାଉଥିବା ବେଳେ ଚୀନରୁ ଅଧିକ ପର୍ଯ୍ୟଟକ ଆଣିବାକୁ ଯୋଜନା କରିଛି ମାଳଦ୍ୱୀପ। ଲାକ୍ଷାଦ୍ୱୀପ ବର୍ତ୍ତମାନ ନୂଆ ପର୍ଯ୍ୟଟନ କେନ୍ଦ୍ର ହେବା ନେଇ ଚର୍ଚ୍ଚା ଜୋରଦାର ଦେବା ପରେ ବିଳାସପୂର୍ଣ୍ଣ ହୋଟେଲ ବ୍ୟବସାୟରେ ଥିବା କମ୍ପାନୀର ସେୟାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ବିଶେଷ କରି ପ୍ରବେଗ୍ ଲିମିଟେଡର ସେୟାର ୪୦ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାକ୍ଷାଦୀପ ଗସ୍ତ କରିବା ପରେ 'ଇଜ୍ ମାଇଁ ଟ୍ରିପ୍' ପ୍ଲାଟଫର୍ମରେ ୩୪ ପ୍ରତିଶତ ସର୍ଚ୍ଚ ଲାକ୍ଷାଦ୍ୱୀପ ଉପରେ ହୋଇଛି। ଏହାର ସେୟାର ମୂଲ୍ୟ ମଧ୍ୟ ୬ ପ୍ରତିଶତ ବୃଦ୍ଧି ପାଇଛି। ଭାରତ ସହ ବିବାଦ ପରେ ମାଳଦ୍ୱୀପକୁ ସମସ୍ତ ଫ୍ଲାଇଟ୍ ବୁକିଂ ବନ୍ଦ କରି ଦେଇଛି 'ଇଜ୍ ମାଇ ଟ୍ରିପ୍' ସଂସ୍ଥା।

ତେଣୁ ଚୀନ କଥାରେ ଭଳିଯାଇ ମାତ୍ର ୫ଲକ୍ଷ ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରୁଥିବା ମାଳଦ୍ୱୀପ ନିଜର ଏକାନ୍ତ ପଡ଼ୋଶୀ ବା ୧୫୦କୋଟି ଭାରତୀୟଙ୍କ ଦେଶ ବିରୋଧରେ ଆଦୌ ମନ୍ତବ୍ୟ ଦେବାର ନଥିଲା। କାରଣ ମାଳଦ୍ୱୀପକୁ ଭାରତୀୟଙ୍କ ତିରସ୍କାର ବଢୁଥିବା ବେଳେ ଆଗକୁ ମାଳଦ୍ୱୀପର ପର୍ଯ୍ୟଟନ ଶିଳ୍ପ ମଧ୍ୟ ଗୁରୁତର ପ୍ରଭାବିତ ହୋଇପାରେ। ତେଣୁ ଏହି କ୍ଷୁଦ୍ର ପଡ଼ୋଶୀ ରାଷ୍ଟ୍ର ଆଗକୁ ଶ୍ରୀଲଙ୍କା ଭଳି ଦେବାଳିଆ ସ୍ଥିତିରୁ ନିଜକୁ ବଞ୍ଚାଇବାକୁ ହେଲେ ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ କରିବାକୁ ପଡ଼ିବ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନାଚିଲେ ଜିଲ୍ଲାପାଳ, ଏସ୍‌ପି



ଧନୁଯାତ୍ରା ଉଦ୍‌ଘାଟନ ପୂର୍ବରୁ ଅନୁଷ୍ଠିତ ସାଂସ୍କୃତିକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀ ଛକରେ ଉଦ୍‌ଘାଟନ ପରେ ଏଥିରେ ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ, ଏସ୍‌ପି ପିଏସ୍ ମୀନା ସାମିଲ ହୋଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାପାଳ, ଏସ୍‌ପି, ପୌରାଧ୍ୟକ୍ଷ କଳ୍ପନା ମାଝୀ କଳାକାରଙ୍କ ସହ ନିଜେ ନାଚିଥିଲେ। ସେହିପରି ଉପଜିଲ୍ଲାପାଳ କୁମାର ନାଗଭୂଷଣ ରାସ୍ତାରେ ବାଦ୍ୟକାରଙ୍କ ସହ ବାଦ୍ୟ ପରିବେଷଣ କରିଥିଲେ। ଯାହାକି ସହରବାସୀଙ୍କୁ ଉତ୍ସାହିତ କରିଥିଲା।



**ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା**

# କାରାଗାରରେ ଦେବକୀ-ବସୁଦେବ

ବରଗଡ଼, ୧୫ା୧(ସମିସ)

ମଥୁରାର ଶାସନ ଭାର ମହାରାଜା ଉଗ୍ରସେନ ଠାରୁ ଯୁବରାଜ କଂସଙ୍କ ହାତକୁ ଚାଲିଯିବା ପରେ କଂସ ଅତ୍ୟାଚାରୀ ହୋଇପଡ଼ିଛି। ପ୍ରଥମ ଦିନରେ ମହାରାଜା ଉଗ୍ରସେନଙ୍କ ନିର୍ଦ୍ଦେଶରେ ରାମଜୀ ମନ୍ଦିରସ୍ଥିତ ବିବାହ ମଣ୍ଡପଠାରେ ଦେବକୀ ଏବଂ ବସୁଦେବଙ୍କ ବିବାହ ଅନୁଷ୍ଠିତ ହୋଇଥିବା ବେଳେ ମୃଗୟାରୁ ଫେରି ଯୁବରାଜ କଂସ ତାଙ୍କ ଅଜାଣତରେ ବିବାହ ସମ୍ପନ୍ନ ହେବା ଜାଣି ପ୍ରଥମେ ରାଗି ଯାଇ ପରେ ନବବିବାହିତାଙ୍କୁ ଆଶୀର୍ବାଦ କରିଛନ୍ତି। ପରେ ପରେ ଶୂନ୍ୟବାଣୀ ହୋଇ କଂସର ମୃତ୍ୟୁ କାରଣ ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ଶୁଣି ବିଚଳିତ ହୋଇ ଦେବକୀ-ବସୁଦେବଙ୍କୁ କାରାଗାର ବନ୍ଦୀ କରି ରଖିଛନ୍ତି ଏବଂ ପିତା ଉଗ୍ରସେନଙ୍କୁ ହଟାଇ ନିଜେ ଯୁବରାଜ କଂସ ମଥୁରା ସିଂହାସନରେ ଅଭିଷିକ୍ତ ହୋଇଛନ୍ତି।

## ୧୨ ପ୍ଲାଟୁନ ଫୋର୍ସ ସମ୍ଭାଳିବେ ସୁରକ୍ଷା ବ୍ୟବସ୍ଥା

ଏଗାର ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବରଗଡ଼ ଧନୁଯାତ୍ରାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ରାଜ୍ୟ ତଥା ରାଜ୍ୟ ବାହାରରୁ ଦର୍ଶକଙ୍କ ଭିଡ ପରିଲକ୍ଷିତ ହେଉଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ସୋମବାର ବରଗଡ଼ ଏସପି ପ୍ରହ୍ଲାଦ ସହାଇ ମୀନା ପୁଲିସ ଫୋର୍ସ ଡିପ୍ଲୟମେଣ୍ଟ କରିବା ସହ ଯାତ୍ରା ସମୟରେ ମଥୁରା ଓ ଗୋପପୁରର ମଞ୍ଚ, କଳାକାର, ରାଜଅତିଥିମାନଙ୍କ ସମେତ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ୫ଶହରୁ ଅଧିକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ସୂଚନା ଦେଇଛନ୍ତି। ସେହିପରି ଅପରାଧୀମାନଙ୍କୁ କାବୁ କରିବା ପାଇଁ ସ୍ୱତନ୍ତ୍ର ଭାବେ ସାଦା ପୋଷାକଧାରୀ ପୁଲିସ ସହ ବିଭିନ୍ନ ସ୍ଥାନରେ ସିସିଟିଭିରେ କଡ଼ା ନଜର ରଖାଯାଇଥିବା କୁହାଯାଇଛି। ସହରର କିଛି ରାସ୍ତା ଓ ଅଞ୍ଚଳକୁ ନୋ ଭେଇକିଲ ଜୋନ୍ କରାଯାଇଥିବା ବେଳେ ଜନତାଙ୍କ ସୁରକ୍ଷା ଓ ଟ୍ରାଫିକ୍ ସମ୍ଭାଳିବା ପାଇଁ ବରଗଡ଼ ଜିଲ୍ଲା ସମେତ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗିର, ସୋନପୁର, କଳାହାଣ୍ଡି ଜିଲ୍ଲାରୁ ଆସିଥିବା ପୁଲିସ ଅଧିକାରୀ ଓ ଫୋର୍ସଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ୧୧ ଦିନର ଧନୁଯାତ୍ରା ପାଇଁ ୭ ଜଣ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୧୦୫ ଜଣ ସବଇନ୍ସପେକ୍ଟର ଓ ଏଏସ୍‌ଆଇ, ୧୩୩ ଜଣ ହାବିଲଦାର ଓ କନଷ୍ଟେବଲ, ୧୫୦ ଜଣ ଗୃହରକ୍ଷୀଙ୍କ ସମେତ ଏପିଆର/ଆଇଆରବି/ଓଏସଏପିର ୧୨ ପ୍ଲାଟୁନ ଫୋର୍ସଙ୍କୁ ମୁତୟନ କରାଯାଇଥିବା ଜଣାପଡ଼ିଛି।



## ପ୍ରଚାର ପ୍ରସାର କମିଟିର ଭବ୍ୟ ଶୋଭାଯାତ୍ରା

### ସାମିଲ ହେଲେ ୨୧ ଲୋକନୃତ୍ୟ ଦଳ

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ୭୬ ବର୍ଷରେ ପଦାର୍ପଣ କରିଛି। ଏ ଅବସରରେ ପ୍ରସାର ପ୍ରଚାର କମିଟ ପକ୍ଷରୁ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ରାଜଦରବାର ଉଦ୍‌ଘାଟନ ପୂର୍ବରୁ ଏହି ଶୋଭାଯାତ୍ରା ବରଗଡ଼ ଗାନ୍ଧୀ ଛକରୁ ବାହାରି ସହର ପରିକ୍ରମା ପୂର୍ବକ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ମନ୍ଦିରରେ ପହଞ୍ଚିଥିଲା। ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ମନୀଷା ବାନାର୍ଜୀ ଏବଂ ଆରକ୍ଷୀ ଅଧୀକ୍ଷକ ପିଏସ୍ ମୀନା ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ସାଂସ୍କୃତିକ ଶୋଭାଯାତ୍ରାରେ ବରଗଡ଼ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାର ପ୍ରାୟ ୨୧ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ଆଦିବାସୀ ନୃତ୍ୟ, ଜୟ ମହାବୀର କିସାନ ଆଦିବାସୀ ନୃତ୍ୟ, ଗୋଧନେଶ୍ୱର ଷୋହଳ ସୁଆଙ୍ଗ, ପାନପତୁରୀ ସାଂସ୍କୃତିକ ଅନୁଷ୍ଠାନ, କଳାବିକାଶ କେନ୍ଦ୍ର ବାଲିଗୁଡା, ମା' କରମସାନି କଳା ପରିଷଦ ବଡଗାଁ, ମା ସମଲେଶ୍ୱରୀ ଆଦିବାସୀ କିଶନ ନୃତ୍ୟ, ପଞ୍ଜାବୀ ଭାଙ୍ଗଡ଼ା ପାର୍ଟି, ସମଲେଶ୍ୱରୀ କରମସାନି କଳାପରିଷଦ, ସମଲେଶ୍ୱରୀ ଦୁଲଦୁଲି, ବୁଢ଼ାରଜା କଳାପରିଷଦ କନ୍ଧାଗାଡ଼, ଆଦିବାସୀ ନୃତ୍ୟ ଝରେ, ମୃଣ୍ମୟୀ କଳଚରାଲ ଏକାଡେମୀ ଭବାନୀପାଟଣା, ଦୁଲଦୁଲି କୁସଙ୍ଗ, ଗୋବିନ୍ଦ ବ୍ୟାଣ୍ଡ ଜଟଲାଶ୍ରୀଗିଡ଼ା, ରେମଣ୍ଡା ପହିଲମାନ ଆଖଡା, ନନ୍ଦିନୀପୁର ଦୁଲଦୁଲି ସମେତ ବହୁ ନୃତ୍ୟ ଦଳ ସାମିଲ ହୋଇଥିଲେ। ଉପଜିଲ୍ଲାପାଳ କୁମାର ନାଗଭୂଷଣ, ପ୍ରଚାର ପ୍ରସାର ସମିତିର ଆବାହକ କଲ୍ୟାଣୀ ଦାଶ, ସହ ଆବାହକ ରବି ପଣ୍ଡା, ପୌରାଧ୍ୟକ୍ଷ କଳ୍ପନା ମାଝୀ, ସମାଜସେବୀ ମାମୀ ମିଶ୍ରଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

## ସାମିଲ ହେଲେ ଫରାସୀ ପର୍ଯ୍ୟଟକ



ଧନୁଯାତ୍ରାରେ ଫ୍ରାନ୍ସର ଜଣେ ପର୍ଯ୍ୟଟକ ସାମିଲ ହୋଇ ବେଶ୍ ଖୁସି ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟଟକ ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇ ଆଦିବାସୀ ନୃତ୍ୟ ଶିଳ୍ପୀଙ୍କ ବରଗଡ଼ ରାଜପଥରେ ନୃତ୍ୟ କରିବା ସମସ୍ତଙ୍କୁ ଉଲ୍ଲସିତ କରିଥିଲା। ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚ ଭାବେ ବରଗଡ଼ ଧନୁଯାତ୍ରାର ଲୋକପ୍ରିୟତା ଏଥିରୁ ବାରି ହୋଇପଡ଼ିଥିଲା।

## ଛିଡ଼ା ହୋଇ ରହିଲେ ଗଣମାଧ୍ୟମ ପ୍ରତିନିଧି



ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ସ୍ୱତନ୍ତ୍ରତା ରହିଛି। ସୋମବାର ଏହାର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ତେବେ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧିମାନେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଫଳରେ ଉତ୍ସବର ଖବର ସଂଗ୍ରହ କରିବାକୁ ଯାଇଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।





# ଜୟ ଜଗନ୍ନାଥ

ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି, ଇଚ୍ଛାମହ ସର୍ବଶକ୍ତିବନ୍ତ ତତ୍ତ୍ୱ ବିହି ।
ଈଷ ଶେଷାଦି ସେବକ ସେବୀ ଏକା ତୁହି ଇଷ୍ଟ ଅଭିଷ୍ଟ ଦୟାନିଧି ଭାବଗ୍ରାହୀ ।
(ଅଭିମନ୍ୟୁ ସାମନ୍ତସିଂହାର)

# 'ପରିକ୍ରମା' ପାର୍ବଣ

# ଅବିସ୍ମରଣୀୟ



ଆଉମାତ୍ର ଗୋଟିଏ ଦିନର ଅପେକ୍ଷା । ପୌଷ ଶୁକ୍ଳ ସପ୍ତମୀ ତିଥି ଅର୍ଥାତ୍ ୨୦୨୪ ଜାନୁଆରୀ ୧୭ ତାରିଖ ଶ୍ରୀକ୍ଷେତ୍ର ପାଇଁ ଏକ ଅବିସ୍ମରଣୀୟ ଦିନ ହୋଇରହିବ । ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ପାଇଁ ମଧ୍ୟ ଏହି ଦିନ ଅଭୁଲା ରହିବ । କାରଣ ଏହିଦିନ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । କେବଳ ପରିକ୍ରମା ପ୍ରକଳ୍ପ ନୁହେଁ, ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଲାଗି ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ଏକାଧିକ ପ୍ରକଳ୍ପ ନେବ ବାସ୍ତବରୂପ । ଏଥିପାଇଁ ପୁରୀ ଭଳି ଏକ ଛୋଟ ସହରରେ ତିଆରି ହୋଇଛି ଅନେକ ବଡ଼ ବଡ଼ ପ୍ରକଳ୍ପ, ଯାହାକି ଶ୍ରୀକ୍ଷେତ୍ରର ବିକାଶକୁ ଆହୁରି ଗତି ଦେବ । ହେଲେ ପରିକ୍ରମା ପ୍ରକଳ୍ପକୁ ନେଇ ଏବେ ସବୁଠି ଉତ୍ସାହ ଆଉ ବ୍ୟଗ୍ରତା । ଏହାର ଲୋକାର୍ପଣ ପାଇଁ ନବବଧୂଟିଏ ଭଳି ସଜେଇ ହୋଇଛି ପୁରୀ । ଭାବଭକ୍ତିରେ ଉଛୁଳୁଛି ସିଂହଦ୍ୱାରରୁ ଶରଧାବାଲି । ସମସ୍ତେ ଏବେ ପରିକ୍ରମା ପ୍ରକଳ୍ପ ମନସ୍କ । ଚା' ଖଟିରୁ ଚାକଚକ୍ୟ ହୋଟେଲ, ବସ୍ତିବାସୀରୁ ବୁଦ୍ଧିଜୀବୀ ପୁଣି ବଡ଼ଦାଣ୍ଡରୁ ବେଳାଭୂମି ସବୁଠି ପରିକ୍ରମା ପ୍ରକଳ୍ପର ଚର୍ଚ୍ଚା । ସମସ୍ତେ ପ୍ରକଳ୍ପର ପରିକଳ୍ପନାରୁ ବାସ୍ତବତା ଯାଏ ଯେଉଁମାନଙ୍କର ଭୂମିକା ରହିଛି ସେମାନଙ୍କୁ ପ୍ରଶଂସା କରୁଛନ୍ତି ।

## ବିଦେଶୀଙ୍କ ଗୀତା ଭାଗବତ

ଜଗନ୍ନାଥ ସଂସ୍କୃତି ସାରା ବିଶ୍ୱରେ ପ୍ରଚାର ପ୍ରସାର ହେଉଛି । ଯାହାର ଝଲକ୍ ପୁରୀରେ ମଧ୍ୟ ଦେଖିବାକୁ ମିଳୁଛି । ଆଜି ବଡ଼ଦାଣ୍ଡ ଏସି ଟନେଲ୍ ପାଖରେ ବିଦେଶର ଜଣେ ଭକ୍ତ ସନ୍ନ୍ୟାସୀ ବେଶରେ ଗୀତା ଭାଗବତ ଲୋକଙ୍କୁ ମାଗଣାରେ ବଣ୍ଟନ କରି ନୀଳାଚଳଙ୍କ କୃପା ଲାଭ କରିଛନ୍ତି । ତାହା ସହ ଭକ୍ତ ଜଣକ ଜୟ ଜଗନ୍ନାଥ କହି ଲୋକଙ୍କୁ ପ୍ରଣାମ ମଧ୍ୟ କରୁଥିଲେ । ଯାହା ଲୋକଙ୍କୁ ବେଶ୍ ପସନ୍ଦ ଆସିଥିଲା । ଲୋକେ ମଧ୍ୟ ମାଗଣାରେ ଓ କିଛି ଟଙ୍କା ଦେଇ ତାଙ୍କଠୁ ଗୀତା ଓ ଭାଗବତ ସହ ଅନ୍ୟ ପୁସ୍ତକ କିଣୁଥିଲେ । ସାଧାରଣରେ ତାଙ୍କୁ ନେଇ ଚର୍ଚ୍ଚା ଚାଲିଥିଲା । ଲୋକେ କହୁଥିଲେ, ଭକ୍ତ ହେବ ତ ଏମିତି ।

## ସବୁଜ ସବୁଜ 'ଶ୍ରୀମାର୍ଗ'

ଜଗନ୍ନାଥ ବଲ୍ଲଭ ପିଲୀଗ୍ରୀମ ସେଣ୍ଟର (ଜେବିପିସି)ରୁ ଏକ ନୂତନ ରାସ୍ତା 'ଶ୍ରୀମାର୍ଗ' ଦୋଳବେଦୀକୁ ସଂଯୋଗ କରୁଛି । ପ୍ରାୟ ୮୦୦ ମିଟର ଏହି ରାସ୍ତାକୁ ଖୁବ୍ କମ୍ ସମୟ ମଧ୍ୟରେ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି । ଏହି ରାସ୍ତା ଲାଗୁଛି ସବୁଜ ସବୁଜ । ଏହାର ଦୁଇପାର୍ଶ୍ୱରେ ଗଛର କୁଣ୍ଡ ସ୍ଥାପନ କରାଯାଇଛି । ସେହିପରି ରାସ୍ତା ପାର୍ଶ୍ୱରେ ପଥର କଳାକୃତି ମଧ୍ୟ ଶୋଭାପାଉଛି । ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀସେତୁ ଦେଇ ଜେବିପିସିରେ ପହଞ୍ଚିବେ । ସେଠାରୁ ଏହି ନୂତନ ରାସ୍ତା ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ନିକଟକୁ ଆସିବେ ।



## ଅତିଥିଙ୍କ ଆଗମନ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଦେଶର ପ୍ରମୁଖ ୬୦ ଓ ରାଜ୍ୟର ପ୍ରମୁଖ ମନ୍ଦିର କର୍ମକର୍ତ୍ତାଙ୍କ ସହ ୯୦୦ ଜଣଙ୍କୁ ନିମନ୍ତ୍ରଣ କରାଯାଇଛି । ଏମାନଙ୍କ ମଧ୍ୟରୁ ଅନେକ ଶ୍ରୀକ୍ଷେତ୍ର ଆସି ଏହି ଭବ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସମ୍ମତି ପ୍ରକାଶ କରିଥିବା ବେଳେ ଅନେକ ଆଗୁଆ ବି ଆସିଗଲେଣି । ତେବେ ପ୍ରମୁଖ ଅତିଥି ୧୭ ତାରିଖ ସକାଳେ ପହଞ୍ଚିବେ ।

ତେଣୁ ଅତିଥିମାନଙ୍କୁ ସ୍ୱାଗତ କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି ପୁରୀ । ଏଥିପାଇଁ ସହରର ପ୍ରବେଶ ପଥଠୁ ଆରମ୍ଭ କରି ସାହିଗଳିରେ ଲୋକାର୍ପଣ ଉତ୍ସବର ଛିଟା ଦେଖିବାକୁ ମିଳୁଛି । ବଡ଼ଦାଣ୍ଡରୁ ବେଳାଭୂମି ପୁଣି ସିଂହଦ୍ୱାରରୁ ଶରଧାବାଲି ସବୁ କିଛି ଲାଗୁଛି ନୂଆ ନୂଆ । ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ କୋଠାକୁ ଗୋଟିଏ ରଙ୍ଗ (ଫିକା ଗୋଲାପୀ) ରଙ୍ଗ ଦିଆଯାଇଥିବା ବେଳେ ନାମଫଳକ ଏକାପ୍ରକାର କରାଯାଇଛି ।

## ଆଲୋକ ନଗରୀ

ଆଖି ଝଲସାଇବା ଦେବାଭଳି ଆଲୋକୀକରଣ ଶ୍ରୀକ୍ଷେତ୍ରକୁ ଏକ ନୂତନ ରୂପରେ ଉଦ୍‌ଭାସିତ କରୁଛି । ଶ୍ରୀକ୍ଷେତ୍ରର ପ୍ରତି ରାସ୍ତାକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି । ସଞ୍ଜ ନଇଁଲେ କୋଠାବାଡ଼ିଠୁ ଆରମ୍ଭ କରି ଗଛପତ୍ର ବି ରଙ୍ଗୀନ ଆଲୋକରେ ଝଲସିଉଠୁଛି । ଗଛରେ ଚାନ୍ଦୁଆ ଲାଇଟ୍ ସାଙ୍ଗକୁ ରଙ୍ଗବେରଙ୍ଗର ଲିଚୁ ଖଞ୍ଜି ଦିଆଯାଇଛି । ବଡ଼ଦାଣ୍ଡର ମାର୍କେଟ କମ୍ପ୍ଲେକ୍ସ ଛକଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲାଇଟ୍ ଲାଗିଛି । ଏହି ଲାଇଟ୍ ଦୁଇପାର୍ଶ୍ୱ କୋଠାରେ ପଡ଼ିବା ବେଳେ ଏହା ବଡ଼ଦାଣ୍ଡର ଶୋଭାକୁ ଦ୍ୱିଗୁଣିତ କରୁଛି । ରାତି ଏଠି ଲାଗୁଛି ଦିନଭଳି ।







## ମନଛୁଆଁ ଚିତ୍ରକଳା



କେବଳ ଆଲୋକୀକରଣ ନୁହେଁ, ସହରର ବିଭିନ୍ନ ରାସ୍ତାପାର୍ଶ୍ୱ କାନ୍ଥ ପ୍ରାଚୀରରେ ଅତ୍ୟନ୍ତ ଆକର୍ଷଣୀୟ ଚିତ୍ରକଳା ସମସ୍ତଙ୍କ ମନ ଟାଣୁଛି । ବିଶେଷକରି ସହରର ପ୍ରମୁଖ ପ୍ରବେଶ ପଥ ପାଚେରୀରେ ରଙ୍ଗତୂଳୀରେ ଶିଳ୍ପୀ ଆଙ୍କିଛନ୍ତି ମନଛୁଆଁ ଚିତ୍ରକଳା । ଶ୍ରୀସେତୁର ଉଭୟ ପାର୍ଶ୍ୱ କାନ୍ଥ, ମେଡିକାଲ ଛକ, ଭିଆଇପି ରୋଡ, ସିଟି ରୋଡ, ବଡ଼ଦାଣ୍ଡ, ଶରଧାବାଲି ଯେଉଁଠି କାନ୍ଥ, ପ୍ରାଚୀର ଫାଙ୍କା ଥିଲା ସେଠି ଏବେ ଉତ୍କଳୀୟ କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି ଚିତ୍ରକଳାରେ । ଏତେ ସୂକ୍ଷ୍ମ ଭାବେ ଏହି ଚିତ୍ରଗୁଡ଼ିକ କରାଯାଇଛି ଯେ, ତାହା ବାସ୍ତବ ବାସ୍ତବ ପରିଲାଗୁଛି । ଏହି କଳାକୃତି ମଧ୍ୟରେ ପୁରୀର କଳା ସଂସ୍କୃତି ଓ ପରମ୍ପରା ବିଶେଷକରି ସାହିଯାତ, ସୌନ୍ଦର୍ଯ୍ୟରାଣୀ ଚିଲିକା, ପଶୁ, ପକ୍ଷୀ, ସାମୁଦ୍ରିକ ଜୀବ, କୋଣାର୍କ ସ୍ଥାନ ଦିଆଯାଇଛି ।






## ଭକ୍ତଙ୍କୁ ବିଶୁଦ୍ଧ ପାନୀୟ ପାଇଁ ଲାଗିଛି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍

ଦେଶ ବିଦେଶରୁ ଆସୁଥିବା ଭକ୍ତ ବିଶୁଦ୍ଧ ପାନୀୟ ଟିକେ ପିଇବା ପାଇଁ ପୂର୍ବରୁ ବହୁ ଅସୁବିଧା ସାମ୍ନା କରୁଥିଲେ । କିନ୍ତୁ, ଏବେ ତାହା ଦୂର ହୋଇସାରିଛି । ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏହି ବ୍ୟବସ୍ଥା ଏବେ ଉପଲବ୍ଧ ହେଲାଣି । ଦେଶ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ବିଶୁଦ୍ଧ ପାନୀୟ ଟିକେ ପିଇ ରାଜ୍ୟ ସରକାରଙ୍କୁ ପ୍ରଶଂସା କରୁଛନ୍ତି । ସ୍ନାନ ମଣ୍ଡପରୁ ଭକ୍ତ କହୁଛି କେଡେ ସୁନ୍ଦର ବଡ଼ଦାଣ୍ଡ ଓ ବଡ଼ ଦେଉଳ ଯଜ୍ଞ ମଣ୍ଡପରେ କାଳିଆ ଠାକୁର ପାଇଁ ଯଜ୍ଞ, ପୂଜାର୍ଚ୍ଚନା ଚାଲିଛି । ଆଉ ସ୍ନାନମଣ୍ଡପ ଉପରୁ ଭକ୍ତ ଦର୍ଶକ ସାଜି ଏହାର ସାନ୍ନିଧ୍ୟ ପାଉଛି । ତାହା ସହ ପତିତପାବନ ବାନାକୁ ଦେଖି ତା ଚକ୍ଷୁ ସେଠି ଲାଖି ଯାଉଛି । ଆଉ ତଳେ ଅନ୍ୟ ଭକ୍ତ ଶ୍ରୀମନ୍ଦିର ଅଭିମୁଖେ ଜଗା ଦର୍ଶନ ପାଇଁ ଯାଉଛନ୍ତି । ଭକ୍ତ, ଭକ୍ତି ଓ ସଂସ୍କୃତିର ଏକ ଅପୂର୍ବ ମିଳନରେ ବଡ଼ଦାଣ୍ଡ କେତେ ଯେ ସୁନ୍ଦର ସୁନ୍ଦର ଦିଶୁଛି । ଲାଗୁଛି କାଳିଆ ସାଆନ୍ତର ରଥ ଯାତ୍ରା ଚାଲିଛି । ହେଲେ ପରେ ଭକ୍ତ ଭଗବାନ ପାଖରୁ କୃପା ଲାଭ କରି କହୁଛି ଏ ଯାତରା ଜଗାର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର । ଯଜ୍ଞ ମଣ୍ଡପ ପାଖରେ ଚତୁର୍ଦ୍ଧାମୂର୍ତ୍ତି ସମସ୍ତଙ୍କ ମନ ମୋହୁଛି । ଭକ୍ତ କହୁଛି ଚକାଡୋଳା କରୁଛି ଲୀଳା ।



ଶୁଭୁଛି ମନ୍ତ୍ର, ବାଜୁଛି ଢୋଲ... ଗୁଞ୍ଜରିତ ହେଉଛି ହରିବୋଲ ହୁଳହୁଳି ଲୋକାର୍ପଣ ଉତ୍ସବ ପାଇଁ ଏକା ସାଙ୍ଗେ ଶ୍ରୀମନ୍ଦିର ଚାରି ଦ୍ୱାରରେ ବେଦ ମନ୍ତ୍ର ଶୁଭୁଛି । ତାହା ସହ ଢୋଲ, ମୃଦଙ୍ଗ, ଗିନିରେ କୀର୍ତ୍ତନ ଆକାଶକୁ ଗୁଞ୍ଜରିତ କରି ଦେଉଛି । ମହିଳାଙ୍କ ହୁଳହୁଳି ଓ ପୁରୁଷଙ୍କ ହରିବୋଲ ସହ ଶ୍ରୀକ୍ଷେତ୍ରରେ ସୃଷ୍ଟି ହେଉଛି ରଥଯାତ୍ରା ଭ୍ରମ । ଆହୁରି ମଧ୍ୟ ସିଂହଦ୍ୱାର ଅରୁଣସ୍ତମ୍ଭ ନିକଟରେ ଯଜ୍ଞ ରୂପକ ଅଗ୍ନିରୁ ଭକ୍ତ କାଳିଆ ଠାକୁରକୁ ଦେଖୁଛି । ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏମିତି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ଯେମିତି ଲାଗୁଛି ସ୍ୱର୍ଗରୁ ଦେବତା, ନର କିନ୍ନର ସମସ୍ତେ ଜଗା ଉପରେ ପୁଷ୍ପ ବୃଷ୍ଟି କରି କହୁଛନ୍ତି ଏ ଯାତ ଜଗା ପାଇଁ ।



## ଗାଡ଼ି କହୁଛି ବୀରଙ୍କ ଗାଥା

ପୁରୀ ବଡ଼ଦାଣ୍ଡରେ ଏମିତି ଗୋଟିଏ ଗାଡ଼ି ଆଜି ଠିଆ ହୋଇଥିଲା ଯେ କେହି ତାକୁ ଦେଖି ଖୁସି ହେଉଥିଲେ । ପୁରୀ ନବ ଗଠିତ ପୂଜ୍ୟ ପୂଜା ଅଭିଯାନର ଏହି ଗାଡ଼ି ଆମ ରାଜ୍ୟର ଓ ଦେଶର ବୀରଙ୍କ ଗାଥା ଗାଉଛି । ଗାଡ଼ିରେ ଲାଗିଛି ଉତ୍କଳର ମଉଡମଣି ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ, ଜାତିର ପିତା ମହାତ୍ମା ଗାନ୍ଧୀ, ଆକାଶର ଇଗଲ କୁହାଯାଉଥିବା ବିଜୁ ବାବୁ, ସ୍ୱାମୀ ବିବେକାନନ୍ଦ, ପୁରୀର ଚନ୍ଦନ ହଜୁରୀ ଚାଖିଖୁଣ୍ଟିଆଙ୍କ ପରି ଅନେକ ବୀରଙ୍କ କାହାଣୀ । ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ବହୁ ଭକ୍ତ, ଅନୁଷ୍ଠାନ ଓ ସଂଗଠନ ଭିନ୍ନ ଭିନ୍ନ ବାର୍ତ୍ତା ନେଇ ପୁରୀ ଆସୁଛନ୍ତି । ସେପଟେ ପୁରୀ ବସ୍ ଷ୍ଟାଣ୍ଡରେ ମଧ୍ୟ ଭକ୍ତଙ୍କ ଭିଡ଼ ଅଧିକ ଦେଖାଯାଉଛି । ଲୋକେ ବସିବା ପାଇଁ ବସ୍‌ରେ ମଧ୍ୟ ଆଉ ଯାହା ହେଉନାହିଁ ।

## ଜଗା ପାଇଁ ଜାଗା ଆଖଡ଼ା

## ଭିତ୍ତିଭୂମି ଉନ୍ନତି ପାଇଁ ୮.୫୦ କୋଟି

ସେ ବାହୁବଳୀ ସେବାୟତ ହୁଅନ୍ତୁ ବା ଅନ୍ୟ ସେବକ । ପୁରୀରେ ଜାଗା ଆଖଡାକୁ ନେଇ ରହିଛି ଏକ ସ୍ୱତନ୍ତ୍ର ସ୍ଥାନ । ମାତ୍ର ଉନ୍ନତ ଭିତ୍ତିଭୂମି ଅଭାବରୁ ସେହି ବାହୁବଳୀ ସେବାୟତମାନେ ଓ ପୁରୀର ଅନ୍ୟ ସେବକ ଜିମ୍ ମୁହାଁ ହେବାରେ ଲାଗିଛନ୍ତି । ରାଜ୍ୟ ସରକାର ଏହାକୁ ଲକ୍ଷ୍ୟ କରି ତାହାର ଭିତ୍ତିଭୂମିର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି । ଜାଗା ଆଖଡ଼ାର ଭିତ୍ତିଭୂମି ସହ ତାର ପାରିପାର୍ଶ୍ୱିକୁ ନୂଆ ରୂପ ଦିଆଯିବ । ସେଥିପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିବେ ପ୍ରାୟ ୮.୫୦କୋଟି ଟଙ୍କା । ଏହିକ୍ରମରେ ଆହୁରି ୩୫ ଟି ଜାଗା ଘର ଯୋଡ଼ିହେବ । ଜାଗା ଆଖଡ଼ାରେ ଏବେ ବି ପାରମ୍ପରିକ ସରଞ୍ଜାମରେ ଯୁବକମାନେ ବ୍ୟାୟାମ କରୁଛନ୍ତି । ସେଥିପାଇଁ ସେମାନେ ପୁରୀରେ ଥିବା ଅନ୍ୟ ଜିମକୁ ଯାଉଛନ୍ତି । ଏହି ଜିମ ଯାଉଥିବା ପିଲାଙ୍କୁ ପୁଣି ଜାଗା ଆଖଡାମନସ୍କ କରିବା ପାଇଁ ଜାଗା ଘର ଗୁଡ଼ିକୁ ଆଧୁନିକତାର ଛାପ ଦେବାକୁ ସ୍ଥିତ କରିଛନ୍ତି ରାଜ୍ୟ ସରକାର । ପ୍ରଥମ ପର୍ଯ୍ୟାୟରେ ମୋଟ ୩୫ ଟି ଜାଗା ଘରକୁ ଏଥି ପାଇଁ ମନୋନୟନ କରାଯାଇଛି । ଏହି ଆଖଡ଼ାରେ କସରତ ପାଇଁ ତିଆରି ହେବ ଉନ୍ନତ ଭିତ୍ତିଭୂମି । ତାହା ସହ ଆଖଡ଼ାରେ ପ୍ରସ୍ତୁତ ହେବ ଜିମ ହଲ । ପିଲା ରେସଲିଂ ମାଟରେ କରିବେ କୁସ୍ତି । ପୁରୀରେ ଜାଗା ଆଖଡ଼ା ସଂସ୍କୃତିକୁ ଆହୁରି ପ୍ରଚାର ପ୍ରସାର କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ମଧ୍ୟ ତତ୍ପର ହୋଇ ଉଠିଛି ।ସେଥି ପାଇଁ ମୋଟ ୩୫ ଟି ଜିମ ହଲ୍‌ରେ ଜିମ ହଲ୍‌ର ନିର୍ମାଣ ହେବ । ଜିମ୍ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିବେ ପ୍ରାୟ ୮ କୋଟି ୫୦ ଲକ୍ଷ ଟଙ୍କା । ଜିମ ମଧ୍ୟରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସରଞ୍ଜାମ ମଧ୍ୟ ଉପଲବ୍ଧ ହେବ । ପୁରୀର ବିଶୁନି, ଗୋପାଳବଲ୍ଲଭ, ରାଜ ବଲ୍ଲଭ, ବଡ଼ ଆଖଡ଼ା, ପାଣ୍ଡ, ସାତ ବଖରା, ମକରଧ୍ୱଜ, ମାଜଣା, ରାହାସ ମହାନ୍ତି, ସୁନ୍ଦରା, ହିଞ୍ଜଳ, ପଞ୍ଚାୟତ, ଗୁରୁଜଙ୍ଗ, ଦୁବେଇ ଭଳି ମୋଟ ୩୫ ଟି ଜାଗାରେ ଜିମ ନିର୍ମାଣ କରାଯିବ । ଏଥି ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ମଧ୍ୟ ଆର୍ଥିକ ସହଯୋଗ କରିବ । ପ୍ରତ୍ୟେକ ଜାଗା ଘର ପାଇଁ ମୋଟ ୨୩ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି । ଏହି ଜିମ ଘରର ନିର୍ମାଣ କାମ ଆଗେଇ ଚାଲିଛି । ଦୁଇ ମାସ ମଧ୍ୟରେ ଏହା ଶେଷ ହେବାର ଲକ୍ଷ୍ୟ ରଖା ଯାଇଛି ।





## ଷଡ଼ଦର୍ଶନ ବି ଦାରୁବ୍ରହ୍ମଙ୍କର ଟେର୍ ପାଏନି

ସେ ଭାବକୁ ନିକଟ, କିନ୍ତୁ ଅଭାବକୁ ଦୂର । ତାଙ୍କର ଏକ ନିର୍ଦ୍ଦିଷ୍ଟ ରୂପ ନାହିଁ । ତୁମେ ଯାହାଙ୍କୁ ଦାରୁ ଭଳି ଭାବୁଛ, ସେ ତାହା ନୁହେଁ । ଯିଏ ଯେପରି ଭାବରେ ତାଙ୍କୁ କଳ୍ପନା କରେ ବା ଚିନ୍ତାକରେ ସେ ସେଇୟା ହୋଇ ତାକୁ ଦର୍ଶନ ଦିଅନ୍ତି । ଯାହା ଜଣକ ପାଇଁ, ତାହା ଅନ୍ୟ ଜଣକ ପାଇଁ ସେଇୟା ହୋଇ ନପାରେ । ମାନସିକତାରେ ପ୍ରଭେଦ ।

ସେ ଦ୍ୱାପର ଯୁଗର ଶ୍ରୀକୃଷ୍ଣ, ତ୍ରେତୟାର ଶ୍ରୀରାମ । ଏଥିରେ ସନ୍ଦେହ ନାହିଁ । ସମସ୍ତ ଅବତାର ତାଙ୍କଠୁଁ ହିଁ ଜାତ । ସେ ବୁଦ୍ଧ, ସେ ନିର୍ବାଣ । ସେ ବହୁରୂପୀ । ସେ ଅବତାରୀ । ସେ ଯାହା ଚାହିଁବେ ତାହା ହେଇପାରିବେ । ତାଙ୍କୁ ଯଦି କେହି ଭାବେ ଯେ ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଦରଗଢ଼ା ଦାରୁଦେବତା କିମ୍ବା ବିଶ୍ୱାବସୁ ଶବରର ନୀଳମାଧବ କିମ୍ବା ବୌଦ୍ଧଧର୍ମୀ ଇନ୍ଦ୍ରଭୂତିଙ୍କର ବୁଦ୍ଧ, ଧମ୍ମ ଓ ସଂଘର ପ୍ରତୀକ କିମ୍ବା ଖ୍ରୀଷ୍ଟ ଧର୍ମର ଈଶ୍ୱର କିମ୍ବା ଇସଲାମ ଧର୍ମର ଆଲ୍ଲାଙ୍କର ଏକ ନିରାକାର ରୂପ କିମ୍ବା ଷଡ଼ଦର୍ଶନର ସିଦ୍ଧାନ୍ତ ଓ ଲକ୍ଷ୍ୟସ୍ଥଳ ଅବା ସୃଷ୍ଟିର ସ୍ରଷ୍ଟା ବ୍ରହ୍ମା, ସ୍ଥିତିର ପାଳନ ମହାବିଷ୍ଣୁ, ସଂହାରକର୍ତ୍ତା ଶିବ କିମ୍ବା ମହାମାୟା ଜଗଜ୍ଜନନୀ, ଭୈରବୀ, ଗଜାନନ, ମାର୍ତ୍ତଣ୍ଡ ଏବଂ ଆଉ କିଛି, ସେ ସେଇୟା ହୋଇ ଭକ୍ତଙ୍କ ନିକଟରେ ହୁଅନ୍ତି ପ୍ରକଟିତ ।

ସେ ହିଁ ଅଜନ୍ମା, ଅସୃଷ୍ଟ, ଅରୂପା ଅଚିନ୍ତନୀୟ, ନିରାକାର, ନିର୍ଗୁଣ, ମହାଶୂନ୍ୟ, ପରଂବ୍ରହ୍ମ । ସବୁ ରୂପ ତାଙ୍କଠାରୁ ଜାତ ହେଲେ ବି ତାଙ୍କର ରୂପ କେହି ଆଙ୍କିପାରେ ନାହିଁ । ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତ ସମ ଷଡ଼ଦର୍ଶନ ତାଙ୍କର ଠିକଣା ପାଏନାହିଁ । ତଥାପି ସେ ଭକ୍ତର ଭକ୍ତିରେ ବନ୍ଧା ।

ଉପନ୍ୟାସ –ସାଲବେଗ
(ପୃଷ୍ଠା-୨୫୦)
ମନୋଜ କୁମାର ମହାପାତ୍ର

## ବଣଭୋଜିସ୍ଥଳରେ ସ୍ୱଚ୍ଛତା ବାର୍ତ୍ତା

# ‘ସୁସ୍ଥ ଜୀବନ ପାଇଁ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଲୋଡ଼ା’

**ବରଗଡ଼, ୧୫ ।୧(ସମିସ)**

ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ, ମାଉଣ୍ଟ ଏକ୍ସପ୍ଲୋରର ଓ ବରଗଡ଼ ବନ ବିଭାଗର ମିଳିତ ଉଦ୍ୟମରେ ବରଗଡ଼ ଜିଲ୍ଲା ଡୁରୁଙ୍ଗାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପରିସରରେ ହେଉଥିବା ବଣଭୋଜି ସ୍ଥଳରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ସହିତ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସୁସ୍ଥ ଜୀବନ ପାଇଁ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଲୋଡ଼ା ବୋଲି ମତପ୍ରକାଶ ପାଇଥିଲା । ସହକାରୀ ବନ ସଂରକ୍ଷକ, ବରଗଡ଼ର ରାଜେନ୍ଦ୍ର ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସଭାପତି ପ୍ରମୋଦ ହୋତା, ସମ୍ପାଦକ ମୀନକେତନ ସାହୁ, ପ୍ରକୃତି ବନ୍ଧୁ ଭୁବନେଶ୍ୱର ପ୍ରଧାନ, ଗିରିଧାରୀ ଡନସନା, ବୈଲୋଚନ ପ୍ରଧାନ, ପରିବେଶବିଦ୍ ସଞ୍ଜୟ ଖମାରୀ, ମାଉଣ୍ଟ ଏକ୍ସପ୍ଲୋରର ଫାଉଣ୍ଡରର ଆଶୀର୍ବାଦ ମହାପାତ୍ର ମଞ୍ଚାସୀନ ଥିଲେ ।



ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାରେ ପୂଜା ସା, ସିମରନ ଭୋସାଗର ଓ ପାୟଲ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାରେ ଯଥାକ୍ରମେ ସୁରୁଚି ସ୍ମିତା ଅଧିକାରୀ, ଅନନ୍ୟା ପ୍ରଧାନ ଓ ସୁଚରିତା ଷଡ଼ଙ୍ଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ଅନ୍ୱେଷା ଗୁପ୍ତା, ବର୍ଷା ପଟେଲ ଓ ଅମନ ଗଡ଼ତିୟା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିଲେ । ଏଥିରେ ବନ ବିଭାଗର ବନାଞ୍ଚଳ ଅଧିକାରୀ ଆରତୀ ନେଗୀ, ବନପାଳ ସୁଶୀଳ ମାଝୀ, ସୁଦୀପ୍ତ ରଥ, ସଚିକାନ୍ତ ମଲ୍ଲିକ, ଚୁମକି ମହାପାତ୍ର, ଉଶେଶ୍ୱରୀ ପ୍ରଧାନ, ଚୁମକି ମହାପାତ୍ର, ବନରକ୍ଷୀ ଶୁଭମ୍ ମହାନ୍ତି ଓ ଅନ୍ୟାନ୍ୟ ବନ କର୍ମଚାରୀଙ୍କ ସମେତ ମାଉଣ୍ଟ ଏକ୍ସପ୍ଲୋରର ସଦସ୍ୟ, ବୈଷ୍ଣୋଦେବୀ ମନ୍ଦିର ପରିଚାଳନା କମିଟିର ଶ୍ରବଣ ଲାଠ ଓ ମହେନ୍ଦ୍ର ଦାଶ, ପ୍ରକୃତିବନ୍ଧୁ ନୀଳକଣ୍ଠ ସା, ଭୁବନେଶ୍ୱର ପ୍ରଧାନ, ସଞ୍ଜୟ ଖମାରୀ, ଦିଲୀପ ଚନ୍ଦ୍ର ମହାପାତ୍ର, ଶୋଭାଚନ୍ଦ୍ର ପ୍ରଧାନ, ବୈଲୋଚନ ପଧାନ, ଗିରିଧାରୀ ଡନସନା, ଜୟଶ୍ରୀ ସାହୁ, ଲିସା ପ୍ରଧାନ, ଜ୍ୟୋତି ବେହେରା, ତରଣୀ ମେହେର, ଲକ୍ଷ୍ମୀ ନାରାୟଣ ବନଛୋର, ସୁରେନ୍ଦ୍ର ମୋହନ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଜାତୀୟ ସେନା ଦିବସ ପାଳିତ

**ବରପାଲି, ୧୫ ।୧(ସମିସ):** ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଜାତୀୟ ସେନା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କର୍ଣ୍ଣେଲ ପି.ଡି ଗେଟ୍‌ସୋ ଯୋଗଦେଇ ‘ଫାୟରିଂ ରେଞ୍ଜ’କୁ ଉଦ୍‌ଘାଟନ କରିଥିଲେ । ସୋମବାର ପୂର୍ବାହ୍ନରେ ଚିକିନିପାଲି ମୁଣ୍ଡା ଫାର୍ମହାଉସ ପ୍ରାଙ୍ଗଣରେ ଫାଏରିଂରେଞ୍ଜ ଆୟୋଜିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ସୁବେଦାର ମେଜର ଶୁକବୀର ସିଂହ, ସୁବେଦାର ମାନ ବାହାଦୁର କନୱର ଏବଂ ହାବିଲଦାର ମାନ ବାହାଦୁର ଥାପ୍ପା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା । ସଭାରେ ଅତିଥି ମାନଙ୍କ ସମେତ ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ସ୍କୁଲ ଅଧ୍ୟକ୍ଷ ଏସ୍ ପି କଲେତ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଉପାଧ୍ୟକ୍ଷ ସୁଶୀଳ କୁମାର ରଥ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ଛାତ୍ରୀ ପାୟଲ ଆଡ଼ବାଙ୍କ ଓ ଛାତ୍ର ଅନିକେତ ମୁଣ୍ଡ ସଂଯୋଜନା କରିଥିଲେ । ଅଧ୍ୟକ୍ଷାଙ୍କ ଅଭିଭାଷଣ ପରେ ମୁଖ୍ୟ ଅତିଥି କ୍ୟାଡେଟ୍‌ମାନଙ୍କୁ ଦେଶ ସେବାରେ ବ୍ରତୀ ହେବାକୁ ପ୍ରୋତ୍ସାହିତ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସିଟିଓ ଆକିଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।




## ଦଧିବାମନ ପୀଠରେ ମକର ସଂକ୍ରାନ୍ତି ଓ ନାଗାପର୍ବ

**ଭଟଲି, ୧୫।୧(ସମିସ):** ଦଧିବାମନ ଧାମ ଭଟଲିରେ ମକର ସଂକ୍ରାନ୍ତି ଓ ନାଗାପର୍ବ ସୋମବାର ଧୁମଧାମରେ ପାଳିତ ହୋଇଛି । ସୂର୍ଯ୍ୟ ଧନୁରାଶି ପରିତ୍ୟାଗ କରି ମକର ରାଶିକୁ ଗଲାବେଳେ ଘଟୁଥିବା ସଂକ୍ରମଣକୁ ଉତ୍ତରାୟଣ ସଂକ୍ରାନ୍ତି କିମ୍ବା ମକର ସଂକ୍ରାନ୍ତି କୁହାଯାଏ । ଏହି ଉତ୍ତରାୟଣ ହେଲେ ମକର ସଂକ୍ରାନ୍ତିର ପୂର୍ବଦିନ ସଂଧ୍ୟାପୂଜା ସମାପ୍ତି ପରେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କୁ ନାନା ପ୍ରକାରର ସୁବାସିତ ମନୋହର ପୁଷ୍ପଦ୍ୱାରା ନବାଙ୍କ ବେଶ କରାଯାଏ । ଏହି ସଂକ୍ରାନ୍ତି ଦିନ ଦଧିବାମନ ମହାପ୍ରଭୁଙ୍କ ଦୈନିକ ପୂଜାନୀତି ପହଡଭଙ୍ଗ, ଦ୍ୱାରଫିଟା ନୀତିଠାରୁ ଆରମ୍ଭ, ଗୋପାଳ ବଲ୍ଲଭ ଭୋଗ ଲାଗି ହେବା ପରେ ପ୍ରଭୁ ଶ୍ରୀ ଦଧିବାମନ ମହାପ୍ରଭୁଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଏ । ଏହି ମେଳା ପ୍ରାରମ୍ଭରୁ ଗ୍ରାମର ଶତାଧିକ ମହିଳାମାନଙ୍କ ଦ୍ୱାରା ଏକ ଭବ୍ୟ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାଟି ଯଜ୍ଞମଣ୍ଡପରୁ ବାହାରି ଦଧିବାମ ମନ୍ଦିର ଦେଇ ପବିତ୍ର ଚକ୍ର ପୁଷ୍କରିଣୀରୁ ପୂର୍ଣ୍ଣ କଳସ ଧରି ବସଷ୍ଟାଣ୍ଡ ଛକ, ଥାନା ଛକଦେଇ ଜଜ୍ଞମଣ୍ଡପରେ ପହଞ୍ଚିଥିଲା ଏବଂ ମଣ୍ଡପରେ କଳସଗୁଡ଼ିକୁ ସ୍ଥାପନା କରାଯାଇଥିଲା । ଇରାସୀସ ଆଚାର୍ଯ୍ୟ, ପ୍ରହଲ୍ଲାଦ ପଧାନ, ଗୋପାଳ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ ।

## ବରପାଲିରେ ଫଳ ଦୋକାନୀ ସଂଘ ଗଠିତ

**ବରପାଲି, ୧୫ ।୧ (ସମିସ):** ବରପାଲିରେ ଫଳ ଦୋକାନୀ ସଂଘ ଗଠିତ ହୋଇଯାଇଛି । ବରପାଲି ବ୍ଲକ ବଡ଼ଗାଁ ଖୋଲା ପଡ଼ିଆରେ ଅଞ୍ଚଳର ସମସ୍ତ ଫଳ ଦୋକାନୀ ଏକାଠି ହୋଇଥିଲେ । ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଫଳ ଦୋକାନୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଅମିତ ପାଣିଗ୍ରାହୀ ସ୍ୱାଗତ ଜଣାଇବା ସହ ସୂଚନା ପ୍ରଦାନ କରିଥିଲେ । ପରେ ସଂଘର ସଭାପତି ଭାବେ ମହମ୍ମଦ ସାକିଲ, ସମ୍ପାଦକ ଭାବେ ମହେଶ୍ୱର ସ୍ୱାଇଁ ଓ ଉପସଭାପତି ଭାବେ ଅମିତ ପାଣିଗ୍ରାହୀ ମନୋନୀତ ହୋଇଥିବା ଜଣାପଡ଼ିଛି । ସେହିପରି ଜଗଦୀଶ ପଧାନଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି । ସେହିପରି କାର୍ଯ୍ୟକ୍ରମ ପରିଚାଳନାରେ ସହାୟକ ପାଇଁ ଏକ ଉପଦେଷ୍ଟା କମିଟି ଗଠିତ ହୋଇଥିଲା । ପରେ ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ କମିଟି ଗଠନ ସହ ଉପୁଜୁଥିବା ସମସ୍ୟା ଏବଂ ନିରାକରଣ ରୂପରେଖ ପ୍ରସ୍ତୁତ ପାଇଁ ବିଚାର କରାଯାଇଥିଲା ।

## ନେତାଜୀ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

**ଦହିତା, ୧୫।୧(ସମିସ):** ଆସନ୍ତା ୨୩ ଜାନୁଆରୀ ନେତାଜୀ ଜୟନ୍ତୀକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଦହିତା ନେତାଜୀ କ୍ଲବ୍ ନିଷ୍ପତ୍ତି ଗ୍ରହଣ କରିଛି । ଏ ନେଇ କ୍ଲବ୍ କାର୍ଯାଳୟ ଠାରେ ସଭାପତି ସରୋଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନେତାଜୀ ଜୟନ୍ତୀ ଦିନ ପୂର୍ବାହ୍ନ ୧୦ଟାରେ ମାଲ୍ୟାର୍ପଣ, ୧୧ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଅପରାହ୍ନ ୫ଟାରୁ ସାଧାରଣ ସଭା ଏବଂ ସନ୍ଧ୍ୟା ୬ଟାରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା ସାଙ୍ଗକୁ ଏହିଦିନ ହେବାକୁ ଥିବା ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିରରେ ବିକାଶ ହସ୍ପିଟାଲ ବରଗଡ଼ର ମେଡିସିନ, ଶିଶୁରୋଗ, ଦନ୍ତରୋଗ, ଫିଜିଓଥେରାପି ଏବଂ ଇଏନ୍‌ଟି ବିଶେଷଜ୍ଞଙ୍କ ଠାରୁ ମାଗଣା ପରାମର୍ଶ ଏବଂ ଔଷଧ ଗ୍ରହଣ କରିବାର ସୁଯୋଗ ନେବାକୁ ସମ୍ପାଦକ ଅନନ୍ତ ପାଣିଗ୍ରାହୀ ଜଣାଇଛନ୍ତି ।

## ଭକ୍ତ ପରମାନନ୍ଦଙ୍କ ସ୍ମୃତିସ୍ତମ୍ଭରେ ପୂଜାର୍ଚ୍ଚନା

**ଭଟଲି, ୧୫ ।୧(ସମିସ):** ପଶ୍ଚିମ ଓଡ଼ିଶା ଶ୍ରୀକ୍ଷେତ୍ର ଭଟଲିରେ ଆଜିଶ୍ରଦ୍ଧାଳୁ ମାନେ ଦଧିବାମନଙ୍କ ପରମଭକ୍ତ ପରମାନନ୍ଦଙ୍କ ସ୍ମୃତି ସ୍ତମ୍ଭରେ ତାଙ୍କ ବଂଶଜ ସଦାବର୍ତ୍ତିଆ କୁଳତାମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମାଲ୍ୟାର୍ପଣ କରାଯାଇଥିଲା । ମାଧବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦଧିବାମନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡ଼ଙ୍ଗୀ ଏବଂ ଦଧିବାମନ ମୁକ୍ତିମଣ୍ଡପ ପଣ୍ଡିତ ଗୌରଚନ୍ଦ୍ର ରଥ ଯୋଗଦେଇଥିଲେ । ଏ ଅବସରରେ ସଦାବର୍ତ୍ତ ବଂଶର କୁଳତା ତଥା ଗ୍ରାମବାସୀ ପ୍ରଥମେ ଶ୍ରୀ ମନ୍ଦିରରେ ଦଧିବାମନ ଏବଂ ମାତା ସତୀହାରୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଶ୍ରୀମନ୍ଦିର ଏବଂ ସତୀହାରୀ ମଣ୍ଡପ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ନୂତନ ଧ୍ୱଜାରୋହଣ କରିଥିଲେ । ଏହା ସହିତ ସଦାବର୍ତ୍ତ ମାଳରେ ଅବସ୍ଥିତ ଭକ୍ତ ପରମାନନ୍ଦ ସାହୁଙ୍କ ନିତ୍ୟାର୍ଚ୍ଚିତା ଇଷ୍ଟଦେବୀ ଜଗଦମ୍ବା ମା’ବାଉତୀ ଦେବୀଙ୍କ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା । ସ୍ୱର୍ଗତ ଅର୍ଜୁନ କୁମାର ସାହୁ ଉକ୍ତ ସ୍ମୃତି ସ୍ତମ୍ଭକୁ ୧୯୮୩ ମସିହାରେ ନିର୍ମାଣ କରିଥିଲେ । ସମସ୍ତ ପୂଜା କାର୍ଯ୍ୟ ପଣ୍ଡିତ ଗୌରଚନ୍ଦ୍ର ରଥ କରିଥିବାବେଳେ ପରମାନନ୍ଦ ସାହୁଙ୍କ ବଂଶଜ ତଥା ଦଧିବାମନ ମହାପ୍ରଭୁଙ୍କ ସେବକ ଗୌନ୍ତିଆ ସରୋଜ ସାହୁ ପତ୍ନୀ ମିନାକ୍ଷୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ସାହୁ, ମାଧବପ୍ରସାଦ ସାହୁ, ବ୍ରଜକିଶୋର ସାହୁ, ରୂପରାଜ ସାହୁ, ନିଶାମଣି ସାହୁ, ଜଗନ୍ନାଥ ସାହୁ, ସୀତାରାମ ସାହୁ, ମାନଭଞ୍ଜନ ସାହୁ, ବିନୋଦ ସାହୁ, ଏକବଲ୍ୟ ସାହୁ, ହେମନ୍ତ ସାହୁ, ଦୋଳଗୋବିନ୍ଦ ସାହୁ, ଝସକେତନ୍ ସାହୁ, ଦାମୋଦର ସାହୁ, ରାଜିବ ସାହୁ, ଡୋଳାମଣି ନାଏକ, ଗିରିଧାରୀ ପଧାନ, ଭୁବନେଶ୍ୱର ସାହୁ, ଚତୁର୍ଭୁଜ ସାହୁ, ଅଙ୍କିତା ସାହୁ, ନରେଶ ସାହୁ, ଆଦ୍ୟା ଆଦିତ୍ରୀ ସାହୁ, ତିଆଂଶ ତୀର୍ଥଙ୍କର ସାହୁ, ରମେଶ ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।

## ଲକ୍ଷ୍ମଣ ସାହୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ପଦ୍ମପୁର ୧୫ ।୧ (ସମିସ):** ପଦ୍ମପୁର ଡଙ୍ଗାଘାଟରେ ପ୍ରଥମ ଲକ୍ଷ୍ମଣ ସାହୁ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ସଭାପତି ଚନ୍ଦ୍ରଶେଖର (ପପୁ) ସାହୁଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ଆଦର୍ଶ ଥାନା ଅଧିକାରୀ ମମତା ନାଏକ ମୁଖ୍ୟ ଅତିଥି ଓ ମନୋରଞ୍ଜନ ସିଂ ବରିହା, ସରପଞ୍ଚ ଶଙ୍କର୍ଷଣ ନାଗ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଫାଇନାଲ ଖେଳ ବରଭଟା ଓ ଦହିତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପେନାଲ୍‌ଟିରେ ବରଭଟା ଦଳ ଦହିତାକୁ ୪-୨ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ସରପଞ୍ଚ ଶଙ୍କର୍ଷଣ ନାଗ, ସମିତି ସଭ୍ୟ ସୁଶାନ୍ତ ପାଣ୍ଡେ ଯୋଗଦେଇଥିଲେ । ରବିଶଙ୍କର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ନିରଞ୍ଜନ କୁଦେଇ, ତରଣୀ ପଟେଲ, ହରିହର ହାତୀ, ହେମରାଜ ବଗର୍ତ୍ତି, ଛୋଟେଲାଲ ସାହୁ, ଗୋବର୍ଦ୍ଧନ ମଲ୍ଲିକ, କ୍ଷୁଦ୍ରମଣି ପାଣ୍ଡେ, ଦୁଖୀଶ୍ୟାମ ପଟେଲ, ପ୍ରସନ୍ନ ମହାପାତ୍ର, ଫଗନୁ ମେହେର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଉତ୍ସବରେ ବିଶିଷ୍ଟ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ଜେଏନ୍‌ଭିରେ ମକର ସଂକ୍ରାନ୍ତି ଓ ବ୍ୟାସକବିଙ୍କ ଜୟନ୍ତୀ

**ପାଇକମାଳ, ୧୫।୧(ସମିସ):** ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ମକର ସଂକ୍ରାନ୍ତି ଓ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ବିଦ୍ୟାଳୟର ସହଅଧ୍ୟକ୍ଷ ଅରବିନ୍ଦ ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଏକ ସାଧାରଣ ସଭା ଆୟୋଜନ କରାଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ମକର ସଂକ୍ରାନ୍ତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିକ୍ଷକ ରଶ୍ମୀରଞ୍ଜନ ପଟ୍ଟନାୟକ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ କହିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟର ଆୟୋଜନ କରାଯାଇଥିଲା । ଏହାସହିତ ଏକ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ବିକ୍ରମ ସିଂହ ସଞ୍ଚାଳନ କରିଥିଲା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ଝଙ୍କାର ଧନ୍ୟବାଦ ଅର୍ପଣ କରିଥିଲେ ।




## ଯୋଗ ଓ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ

**ବରପାଲି, ୧୫ ।୧ (ସମିସ):** ବରପାଲି ବ୍ଲକ କଦଳୀପାଲି ଯୋଗ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ସୋମବାର ପୂର୍ବାହ୍ନରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ରାମକୃଷ୍ଣ ପରମହଂସ ଓ ମାତା ସାରଦା ଦେବୀଙ୍କ ସମେତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ । ପରେ ଗୁରୁଦେବ ଆନନ୍ଦ ଓ ଗୁରୁମା ଖୁଲଣା ଦେବୀଙ୍କ ପଦଧୌତ ପର୍ବ କରାଯାଇଥିଲା । ଏହି ଅବସରରେ ସ୍ୱାମିଜୀଙ୍କ ଆଦର୍ଶକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଗୁରୁମା’ ଖୁଲଣା ଦେବୀ ମନୁଷ୍ୟ ଜୀବନ ଐଶ୍ୱରିକ ଦିବ୍ୟ ଅଭିଜ୍ଞତା କେବଳ ଭୋଗ ବିଳାସ ପାଇଁ ନୁହେଁ ବୋଲି କହିଥିଲେ । ସଭାରେ ମହେନ୍ଦ୍ର ମାହାଣା, ବଳବନ୍ତ ଛତ୍ରିଆଙ୍କ ସହ ଅନ୍ୟ ଶିକ୍ଷାର୍ଥୀମାନେ ସ୍ୱାମିଜୀଙ୍କ ଜିବନଶୈଳୀ, ପାରଦର୍ଶିତା, ଭୌତିକ ବିଜ୍ଞାନ, ଆଧ୍ୟାତ୍ମିକ ଚେତନା, ଯୋଗ ସାଧନ, କର୍ମକାଣ୍ଡ ଆଦିକୁ ନେଇ ନିଜର ଅଭିଭାଷଣ ଉପସ୍ଥାପନ କରିଥିଲେ । ପ୍ରକାଶ ପ୍ରଧାନଙ୍କ ସଂଯୋଜନାରେ ପରିଚାଳିତ ସଭାକାର୍ଯ୍ୟରେ ପ୍ରତିଷ୍ଠାନର ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରେମାନନ୍ଦ ବାରିକ । ଆୟୋଜିତ ଉତ୍ସବରେ ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ କୈଳାସ କର୍ଣ୍ଣ, ସରୋଜ ଖମାରୀ, ବାସନ୍ତୀ ସାହୁ, ମମତା ବିଶି, ବିଳାଶିନୀ ସାହୁ, ସଞ୍ଜୟ ପଧାନ, ଅଶୋକ ପଧାନ, ସୁନିଲ ପଧାନ, ଦଶରଥ ପଧାନ, ସରୋଜ ଖମାରୀ ପ୍ରମୁଖ ସହାୟତା କରିଥିଲେ ।



## କେଦାରନାଥ କଳା ସାହିତ୍ୟ ସଂସଦର ସମାବର୍ତ୍ତନ ଉତ୍ସବ

**ଅମ୍ବାଭୋନା, ୧୫।୧(ସମିସ):** ବାବାକେଦାରନାଥ ପୀଠରେ କେଦାରନାଥ କଳା ସାହିତ୍ୟ ସଂସଦର ୨୬ ତମ ସମାବର୍ତ୍ତନ ସମାରୋହ ଓ ମକର ମିଳନ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ସଂସଦର ସଭାପତି ସୀତରାମ ରଥ ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଯୋଗେଶ୍ୱର ରଥ ଯୋଗ ଦେଇଥିଲେ । ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିକୃତି ଓ ବାକଦେବୀ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ୨୪ ଜଣ କବିଙ୍କ ଦ୍ୱାରା କବିତା ପାଠୋତ୍ସବ ଓ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । ଏହାକୁ ସୁଲଳିତ ପାତ୍ର ଓ ଗଜେନ୍ଦ୍ର ଦାଶ ସଂଯୋଜନା କରିଥିଲେ । ସଂସଦର ଦ୍ୱିତୀୟ ଅଧିବେଶନରେ ସୀତରାମ ରଥ ଅଧ୍ୟକ୍ଷତା କରିଥିବାବେଳେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ଭୁକ୍ତାର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ଦାଶ ଯୋଗଦେଇ ବ୍ୟାସକବି ଫକୀରମୋହନଙ୍କ ଓଡ଼ିଆ ଭାଷା ଓ ସାହିତ୍ୟର କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଚିଚିଣ୍ଡା କଲେଜର ଅଧ୍ୟାପକ ନରେନ୍ଦ୍ର ପଧାନ, ବିଶିଷ୍ଟ ସାହିତ୍ୟିକ ଓ କବି ବନବାସ ମେହେର ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିବର୍ଗଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦର ସମ୍ପାଦକ ଯୋଗେଶ୍ୱର ରଥ ବିବରଣୀ ପାଠ କରିଥିଲେ । ସାହିତ୍ୟ କ୍ଷେତ୍ରରେ କବି ପୂର୍ଣ୍ଣଚନ୍ଦ୍ର ପଧାନ ଏବଂ କଳାତ୍ମକ ସାଧନା ପାଇଁ ତବଲା ବାଦକ ଭିଖ ଦୀପଙ୍କୁ କେଦାରନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମଙ୍ଗଳ ସିଂ ଗଣ୍ଡଙ୍କ ରଚିତ ଶିଶୁ ଭକ୍ତ ପ୍ରହଲ୍ଲାଦ ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଶୁକ୍ର ଦେହେରୀ ଉଭୟ ପ୍ରାରମ୍ଭିକ ସଙ୍ଗୀତ ଓ ଉଦଯାପନୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ଆଇନଜୀବୀ ଶରତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



## ନିହାର ରଞ୍ଜନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଅମ୍ବାଭୋନା, ୧୫।୧(ସମିସ):** ଲକି ସ୍ପୋର୍ଟସ୍ ଆସୋସିଏସନ୍ ଝାରପାଲି ଆନୁକୂଲ୍ୟରେ ଇସ୍ରୋ ବୈଜ୍ଞାନିକ ସ୍ୱର୍ଗତ ନିହାରରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦ୍ୱାରୀ ସରପଞ୍ଚ ଜ୍ଞାନରଞ୍ଜନ ଭୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ରଘୁନାଥ ମହାନ୍ତି, ଭୁକ୍ତା ସରପଞ୍ଚ ବଳରାମ ବିଶର, ମଣ୍ଟୁ ବଡ଼େଇ, ଏମ୍‌ଏଲ୍‌ଏଙ୍କ ପ୍ରତିନିଧି ସତ୍ୟ ସାହୁ, ଅମ୍ବାଭୋନାର ପୂର୍ବତନ ସରପଞ୍ଚ ବୌଦ୍ଧରାମ ସାହୁ, କ୍ଷିତେଶ୍ୱର ଭୋଇ, ଅଶୋକ ମହାପାତ୍ର, ଠାକୁରରାମ ସାହୁ, କୃଷ୍ଣଚନ୍ଦ୍ର ବାରିକ, ଯାଦବ ପଧାନ, ନେପାଲ ସାହୁ, ଦେବାର୍ଚ୍ଚନ ନାଏକ, ପଞ୍ଚାନନ ସାହୁ, ଗୋପାଳ ସାହୁ, କିଶୋର ବାରିକ, ସନ୍ତୋଷ ବାରିକ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ରାଜକୁମାର ପଧାନ ସାମିଲ୍ ହୋଇଥିଲେ । ସୁଲସୁଲିଆ ଏକାଦଶ ଏବଂ ଏସ୍‌ଜିସିସି ଚିଚୋଲି ଏକାଦଶ କ୍ରିକେଟ ଦଳର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସୁଲସୁଲିଆ ଏକାଦଶ ଦଳ ବିଜୟୀ ହୋଇଥିଲେ । ଚାମ୍ପିଅନ ବିଜେତା ଦଳ ସୁଲସୁଲିଆକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କ୍ରିକେଟ୍ ପଡ଼ିଆକୁ ଇସ୍ରୋ ବୈଜ୍ଞାନିକଙ୍କ ସ୍ମୃତିରେ ‘ସ୍ୱର୍ଗତ ନିହାର ରଞ୍ଜନ ମିନି ଷ୍ଟାଡିୟମ୍’ କରିବାକୁ ମତପ୍ରକାଶ ପାଇଥିଲା । ଖେଳ ପରିଚାଳନା କରିଥିଲେ ଶେଷଦେବ ଦାସ ଏବଂ ଦୀପକ ପଟେଲ । ହିମାଂଶୁ ରାୱତ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଠାକୁରରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଚଳଚଞ୍ଚଳ ଶୈବପୀଠ ଦେବଦର୍ହା

**ପଦ୍ମପୁର, ୧୫ ।୧(ସମିସ):** ‘ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଥିବା ପ୍ରସିଦ୍ଧ ଶୈବପୀଠ ଦେବଦର୍ହାରେ ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରବଳ ଜନସମାଗମ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ପଞ୍ଚମୁଖି ମହାଦେବଙ୍କ ଦର୍ଶନ କରିଥିଲେ । ପ୍ରତ୍ୟୁଷରୁ ଦୋକାନ ବଜାରରେ ମଧ୍ୟ ଭିଡ଼ ଲାଗିଥିଲା । ସ୍ୱର୍ଗତଃ ମହେନ୍ଦ୍ର ବଢ଼େଇଙ୍କ ସ୍ମୃତିରେ ତାଙ୍କ ଧର୍ମପତ୍ନୀ ମଞ୍ଜୁଶ୍ରୀ ବଢ଼େଇଙ୍କ ଦ୍ୱାରା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବାଲମ, ଅରକ୍ଷିତ ପ୍ରଧାନ, ଶେଷଦେବ ନାୟକ, ରକ୍ଷାପାଳ ସାହୁ, ଆନନ୍ଦ ବାଲମ ପ୍ରମୁଖ ସହଯୋଗ କରିଥିଲେ ।



### ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫୋରମ୍ ବୈଠକ

# ୩ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ସଂଘ

**ପାଇକମାଳ, ୧୫ ।୧(ସମିସ)**

ପବିତ୍ର ମକର ସଂକ୍ରାନ୍ତିରେ ପଶ୍ଚିମ ଓଡ଼ିଶାର ନୃସିଂହନାଥ ପୀଠ ନିକଟ ଆଇଓସିଏଲ ଧର୍ମଶାଳାରେ ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫୋରମ୍‌ର ବୈଠକ ବରଗଡ଼ ଜିଲ୍ଲା ସଭାପତି ଡୋଳାମଣି ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମହାପ୍ରଭୁ ନୃସିଂହନାଥଙ୍କୁ ପୂଜା କରାଯାଇଥିଲା । ପ୍ରାରମ୍ଭରେ ଅତାବିରା ବ୍ଲକର ସଂଗ୍ରାମୀ ଦିବଂଗତ ଶିକ୍ଷକ ଜୀବର୍ଦ୍ଧନ ପ୍ରଧାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା । ବୈଠକର ଆଲୋଚନାରେ ସୁନ୍ଦରଗଡ଼ରୁ ରାମଲାଲ ପଟେଲ, ଲକ୍ଷ୍ମଣ ପଟେଲ, ସୋନପୁରରୁ ଦାମୋଦର ପଣ୍ଡା, ନୂଆପଡ଼ାରୁ ଶେଷଦେବ ମେହେର, ବୌଦ୍ଧରୁ ଶିଶିର ଖଟୁଆ, ବରଗଡ଼ ଜିଲ୍ଲାରୁ ଶ୍ରୀକାନ୍ତ ବାରିକ, ବଲାଙ୍ଗୀରରୁ ଚକାନନ୍ଦ କମ୍ପ, ଶିତୋଷ ପାଣିଗ୍ରାହୀ, ଝାରସୁଗୁଡାରୁ ସୁରେଶ ପ୍ରଧାନ, ବାସୁଦେବ ପଟେଲ, ଉତ୍ତମ ନାଏକ, କନିଷ୍ଠ ଶିକ୍ଷକ ରାଜ୍ୟ ସମ୍ପାଦକ ସୋମ୍ୟ ରଞ୍ଜନ ପ୍ରଧାନ ଏବଂ ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ବୀରେନ୍ଦ୍ର ଭୋଇ, ନନ୍ଦିଘୋଷ ଭୋଇ, ପୃଥ୍ୱୀରାଜ ବାରିକ, ରାଧେଶ୍ୟାମ ଯୋଶୀ, ବିରଞ୍ଚି ସାହୁ, ରତ୍ନାକର ଶତପଥି ସମେତ ଶତାଧିକ ଶିକ୍ଷକ ଯୋଗଦେଇଥିଲେ । ଏହି ଅବସରରେ ତିନି ଦଫା ଦାବି ପୂରଣରେ ଅହେତୁକ ବିଳମ୍ବ ଓ ବୈମାତୃକ ମନୋଭାବ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଆଗାମୀ ୨୯ ପୂର୍ବରୁ ଦାବି ପୂରଣ ନ ହେଲେ ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫୋରମ ରାଜ୍ୟସ୍ତରୀୟ ସବୁ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।



# ଅଯୋଧ୍ୟାରେ ଘର କରିବେ ଅମିତାଭ

## ୧୪.୫ କୋଟି ଦେଇ କିଣିଲେ ପ୍ଲଟ୍



**ଅଯୋଧ୍ୟା, ୧୫ା୧ (ଏଜେନ୍ସି):** ରାମ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପୂର୍ବରୁ ବଲିଉଡ ଅଭିନେତା ଅମିତାଭ ବଚ୍ଚନ ଅଯୋଧ୍ୟାରେ ପ୍ଲଟ୍ କିଣିଛନ୍ତି। ଏହାର ମୂଲ୍ୟ ୧୪.୫ କୋଟି ଟଙ୍କା ରହିଛି। ଏଠାରେ ସେ ଘର ନିର୍ମାଣ କରିବେ। ପ୍ରୟାଗରାଜରେ ଜନ୍ମିତ ଅମିତାଭ ଅଯୋଧ୍ୟାର 'ଦ ସରଜୁ' ଏନ୍‌କ୍ଲେଭରେ ଏହି ନିବେଶ କରିଛନ୍ତି। ଏହି ପ୍ରକଳ୍ପ ୫୧ ଏକର ପରିମିତ ଜମିରେ ପ୍ରତିଷ୍ଠା କରାଯାଇଛି। ଅମିତାଭ ଏଠାରୁ ୧୦ ହଜାର ବର୍ଗ ଫୁଟର ପ୍ଲଟ୍ କିଣିଛନ୍ତି। ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ 'ଦ ସରଜୁ'ର ମଧ୍ୟ ଉଦ୍‌ଘାଟନ କରାଯିବ। ବିଶ୍ୱ ଆଧ୍ୟାତ୍ମିକତା କେନ୍ଦ୍ରର ରାଜଧାନୀ ଅଯୋଧ୍ୟାରେ 'ଦ ସରଜୁ' ସହିତ ନୂଆ ଯାତ୍ରା ଆରମ୍ଭ କରିବା ପାଇଁ ଅମିତାଭ ଉତ୍ସାହିତ ଥିବା କହିଛନ୍ତି। ଏହି ସହର ସବୁବେଳେ ତାଙ୍କ ହୃଦୟରେ ରହିଛି। ଏହି ପ୍ଲଟ୍‌ରୁ ରାମ ମନ୍ଦିରରେ ପହଞ୍ଚିବା ପାଇଁ ମାତ୍ର ୧୫ ମିନିଟ ଏବଂ ବିମାନବନ୍ଦରକୁ ୩୦ ମିନିଟ ଲାଗିବ।

# ଡିପ୍‌ଫେକ୍‌ର ଶିକାର ହେଲେ ସଚିନ

## ଘୂରିବୁଲୁଛି ଭିଡିଓ



**ନୂଆଦିଲ୍ଲୀ, ୧୫ା୧ (ଏଜେନ୍ସି):** ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକର ଡିପ୍‌ଫେକ୍ ଭିଡିଓର ଶିକାର ହୋଇଛନ୍ତି। ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହି ଭିଡିଓରେ ସେ ଗେମିଂ ଆପ୍ 'ସ୍କାଇୱାର୍ଡ ଆଭିଏଟର କ୍ୱେଷ୍ଟ'ର ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ସଚିନ ଏହି ଭିଡିଓକୁ ସେୟାର କରି ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଜାଲ୍ ବୋଲି କହିଛନ୍ତି। ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଏହା ଉଦ୍ଦିଷ୍ଟ। ଜ୍ଞାନକୌଶଳର ଏପରି ଅପବ୍ୟବହାର କରିବା ଅନୁଚିତ। ଏହା ସମ୍ପୂର୍ଣ୍ଣ ଭୁଲ୍। ସଚ୍ଚିନ ଭିଡିଓ ସେୟାର କରି ଭାରତ ସରକାର, ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏବଂ ମହାରାଷ୍ଟ୍ର ସାଇବର ପୁଲିସକୁ ଟ୍ୟାଗ୍ କରିଛନ୍ତି। ଏହି ଭିଡିଓରେ ସଚ୍ଚିନ କହୁଛନ୍ତି ଯେ ତାଙ୍କ ଝିଅ ସାରା ଗେମ୍ ଖେଳି ପ୍ରତ୍ୟେକ ଦିନ ବିପୁଳ ଟଙ୍କା ରୋଜଗାର କରୁଛି। ଏବେ ଟଙ୍କା ରୋଜଗାର କରିବା ଅତ୍ୟନ୍ତ ସହଜ ହୋଇଯାଇଛି। ଏହା ପୂର୍ବରୁ ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଆଦିଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ ହୋଇଥିଲା।

● ପୁଲିସ ଜାରିକଲା ଲୁକ୍‌ଆଉଟ ନୋଟିସ୍

# ଦୁଷ୍କର୍ମ ପୀଡ଼ିତାଙ୍କୁ ଦୁଷ୍କର୍ମ କଲେ ହାଇକୋର୍ଟ ଓକିଲ



**କୋଚି, ୧୫ା୧ (ଏଜେନ୍ସି):** କେରଳ ହାଇକୋର୍ଟର ବରିଷ୍ଠ ଓକିଲ ପିଜି ମନୁ ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। କେରଳ ପୁଲିସ ଏ ନେଇ ତାଙ୍କୁ ଲୁକ୍‌ଆଉଟ ନୋଟିସ ଜାରି କରିଛି। ଏହା ପରଠାରୁ ଓକିଲ ଫେରାର ଅଛନ୍ତି। ତାଙ୍କୁ ଦେଖିବା ମାତ୍ରେ ଧରିବା ପାଇଁ ବିମାନବନ୍ଦର ଏବଂ ବନ୍ଦରକୁ ସୂଚନା ଦିଆଯାଇଛି। ହାଇକୋର୍ଟ ମଧ୍ୟ ଓକିଲଙ୍କୁ ଆତ୍ମସମର୍ପଣ କରିବାକୁ ୧୦ ଦିନ ସମୟ ଦେଇଛନ୍ତି। ସୂଚନା ଅନୁଯାୟୀ ଏହି ମାମଲା ୨୦୨୩ ଅକ୍ଟୋବରର। ୨୫ ବର୍ଷୀୟ ପୀଡ଼ିତା ୨୦୧୮ର ଏକ ଦୁଷ୍କର୍ମ ମାମଲାରେ ଆଇନଗତ ପରାମର୍ଶ ନେବା ପାଇଁ ମନୁଙ୍କ ନିକଟକୁ ଆସିଥିଲେ। ଏହା ପରେ ଓକିଲ ତାଙ୍କୁ ତିନିଥର ଦୁଷ୍କର୍ମ କରିଥିଲେ ଏବଂ ଅଶ୍ଳୀଳ ଫଟୋ ଉଠାଇ ରଖିଥିଲେ। ପୀଡ଼ିତା ବିରୋଧ କରିବାରୁ ସେ ୨୦୧୮ର ମାମଲାକୁ ପଲଟାଇ ଦେବାକୁ ଧମକ ଦେଇଥିଲା। ହ୍ୱାଟସ୍‌ଆପ୍ କଲ୍ ଏବଂ ଚାଟ୍‌ରେ ମଧ୍ୟ ଅଶ୍ଳୀଳ କଥା ହେଉଥିଲା। ଏର୍ଣ୍ଣାକୁଲମ ଗ୍ରାମୀଣ ଏସ୍‌ପିଙ୍କ ନିକଟରେ ଏ ନେଇ ଅଭିଯୋଗ କରାଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗର୍ଭଗୃହରେ ସ୍ଥାପନ ହେବ ଯୋଗୀରାଜଙ୍କ ରାମ ମୂର୍ତ୍ତି

● ମୂର୍ତ୍ତି ଚୟନ ପ୍ରକ୍ରିୟା ଚୂଡ଼ାନ୍ତ
● ପ୍ରାଣ ପ୍ରତିଷ୍ଠା କରିବେ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ଦୀକ୍ଷିତ



**ନୂଆଦିଲ୍ଲୀ,୧୫ା୧(ଏଜେନ୍ସି)**

ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୨ ତାରିଖରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଥିବା ବେଳେ ଆସନ୍ତାକାଲି ଠାରୁ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାପାଠ ଏବଂ ହୋମଯଜ୍ଞ ଆରମ୍ଭ ହେବାକୁ ଯାଉଛି। ଏହି ପୂଜାର୍ଚ୍ଚନା ଏବଂ ପ୍ରାରମ୍ଭିକ ବିଧିନୀତି ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହିତ ୨୨ ତାରିଖ ଦିନ ୧୨.୨୦ ମିନିଟ୍‌ରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦିତ ହେବ ବୋଲି କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଏହାମଧ୍ୟରେ ଗର୍ଭ ଗୃହରେ ସ୍ଥାନ ପାଇବାକୁ ଥିବା ରାମମୂର୍ତ୍ତି ଚୟନ ପ୍ରକ୍ରିୟା ଶେଷ ହୋଇଛି। ଦେଶର କିଛି ପ୍ରତିଷ୍ଠିତ ସ୍ଥପତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ରାମ ମୂର୍ତ୍ତି ପ୍ରସ୍ତୁତ କରାଯାଇଥିଲେ ହେଁ ଶେଷରେ ମହୀଶୂରର ପ୍ରଖ୍ୟାତ ସ୍ଥପତି ଅରୁଣ ଯୋଗୀରାଜଙ୍କ ଦ୍ୱାରା ନିର୍ମିତ ରାମ ମୂର୍ତ୍ତିକୁ ଗର୍ଭ ଗୃହରେ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୮ ତାରିଖରେ ଏହି ମୂର୍ତ୍ତିକୁ ଗର୍ଭ ଗୃହରେ ସ୍ଥାପନ କରାଯିବ ବୋଲି ରାମ ମନ୍ଦିର ଟ୍ରଷ୍ଟ ମହାସଚିବ ଚମ୍ପତ ରାୟ ସୋମବାର ସୂଚନା ଦେଇଛନ୍ତି। ଏହି ମୂର୍ତ୍ତିର ଓଜନ ପ୍ରାୟ ୧୫୦ ରୁ ୨୦୦ କିଲୋ ହେବ। ଭାରତୀୟ ବଛା ବଛା ସ୍ଥପତିଙ୍କ ମଧ୍ୟରେ ଯୋଗୀରାଜଙ୍କ କୃତିତ୍ୱ ଅନନ୍ୟ ରହିଛି। ଏକ ପ୍ରତିଷ୍ଠିତ ସ୍ଥପତି ପରିବାରରୁ ଆସିଥିବା ଯୋଗୀରାଜ ପୂର୍ବରୁ ମଧ୍ୟ ବହୁ ସ୍ଥାପତ୍ୟ ନିର୍ମାଣ କରି ପ୍ରଶଂସିତ ହୋଇଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି କେଦାରନାଥ ଠାରେ ପୂର୍ବରୁ ସ୍ଥାପନ କରାଯାଇସାରିଛି। ସେହିପରି ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌ରେ ସ୍ଥାପନ କରାଯାଇଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ମଧ୍ୟ ସେ ନିର୍ମାଣ କରିଛନ୍ତି। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୭ ଅଧିବାସ ହେବ ଏବଂ ଏହାକୁ ୧୨୧ ଜଣ ଆଚାର୍ଯ୍ୟ ପରିଚାଳିତ କରିବେ। କାଶୀପୀଠ ଆଚାର୍ଯ୍ୟ ଗଣେଶ୍ୱର ଶାସ୍ତ୍ରୀ ଦ୍ରାବିଡ଼ଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ତଦାରଖ କରାଯିବ। ସେହିପରି କାଶୀପୀଠର ପ୍ରମୁଖ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ଦୀକ୍ଷିତ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକୁ ଧାର୍ମିକ ନୀତି ଅନୁସାରେ ପରିଚାଳନା କରିବେ ବୋଲି ଶ୍ରୀ ରାୟ କହିଛନ୍ତି।

# ଉଦ୍‌ଘାଟନ ପୂର୍ବରୁ କଂଗ୍ରେସ ନେତାଙ୍କ ରାମଦର୍ଶନ; ଲୋକଙ୍କ ଠେଲାପେଲା

ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ଆଉ ମାତ୍ର ହାତ ଗଣତି ସମୟ ରହିଛି। ଏହାପୂର୍ବରୁ ସୋମବାର କିଛି କଂଗ୍ରେସ ନେତା ହନୁମାନଗଡ଼ି ମନ୍ଦିରକୁ ରାମଦର୍ଶନ ପାଇଁ ଯାଇ ହଟହଟା ହୋଇଥିବା ଦେଖାଯାଇଛି। ଉତ୍ତରପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଅଜୟ ରାଏଙ୍କ ସମେତ ଦୀପେନ୍ଦର ହୁଡା, ଅବିନ୍ୟାଶ ପାଣ୍ଡେ ଏବଂ ସୁପ୍ରିୟା ଶ୍ରୀନାତେଙ୍କ ଭଳି ବହୁ ବରିଷ୍ଠ ନେତା ଆଜି ଅଯୋଧ୍ୟା ଗସ୍ତ କରି ସରଜୂ ନଦୀରେ ସ୍ନାନ କରିବା ସହିତ ହନୁମାନଗଡ଼ି ମନ୍ଦିର ଅଭିମୁଖେ ଯାଇଥିଲେ। କିନ୍ତୁ ସେମାନେ ମନ୍ଦିର ନିକଟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା କିଛି ଲୋକ କଂଗ୍ରେସ ନେତାଙ୍କୁ ବିରୋଧ କରିଥିଲେ। ଏହାପରେ ସେମାନଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ଲୋକମାନେ କଂଗ୍ରେସ ନେତାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ହାତରୁ ଦଳୀୟ ପତକା ଛଡାଇ ନେଇଥିଲେ। ଏହାକୁ କଂଗ୍ରେସ କର୍ମୀମାନେ ବିରୋଧ କରିବା ପରେ ଲୋକମାନେ ସେମାନଙ୍କ ଉପରକୁ ଚଢ଼ି ଆସି ମାରିବା ପାଇଁ ଦୌଡ଼ିଥିଲେ। ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଥିଲେ ସୁଦ୍ଧା ସୁରକ୍ଷାକର୍ମୀମାନେ ନିରବଦ୍ରଷ୍ଟା ସାଜିଥିଲେ। ସ୍ଥିତି ଅଣଆୟତ୍ତ ହେବା ପରେ ପୁଲିସ ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲା। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ କଂଗ୍ରେସକର୍ମୀମାନେ ଏହାକୁ ନିନ୍ଦା କରିଛନ୍ତି।

## ଆମେରିକା ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼

**ୱାଶିଂଟନ, ୧୫ା୧ (ଏଜେନ୍ସି):** ହୁତି ବିଦ୍ରୋହୀ ଆମେରିକାକୁ ପ୍ରତି ଜବାବ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ୟେମେନ ଉପକୂଳ ଦେଇ ଯାଉଥିବା ଆମେରିକାର ଏକ ପଣ୍ୟବାହୀ ଜାହାଜ ଉପରେ ବିଦ୍ରୋହୀ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଏଥିଯୋଗୁଁ ଜାହାଜର କିଛି ଅଂଶରେ ନିଆଁ ଲାଗି ଯାଇଥିଲା। ଏହାକୁ ଲିଭାଇ ଦିଆଯାଇଛି। ମାତ୍ର ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ମାର୍ଶଲ ଦ୍ୱୀପର ଏହି ଜାହାଜ ଯାତ୍ରା ଜାରି ରଖିଛି। ଏହା ପୂର୍ବରୁ ରବିବାର ଲୋହିତ ସାଗରରେ ଯାଉଥିବା ଆମେରିକାର ଏକ ଜାହାଜ ଉପରେ ହୁତି ବିଦ୍ରୋହୀ କ୍ରୁଜ ମିସାଇଲ ମାଡ଼ କରିଥିଲେ। ଏଥିରେ ଏକ ଲଢୁଆ ବିମାନ ଧ୍ୱଂସ ହୋଇ ଯାଇଥିଲା ବୋଲି ସୂଚନା ମିଳିଛି।

## ଫ୍ରାନ୍ସରେ ବିଦେଶୀ ଇମାମ୍‌ଙ୍କ ପ୍ରବେଶ ନିଷିଦ୍ଧ

**ପ୍ୟାରିସ, ୧୫ା୧ (ଏଜେନ୍ସି):** ଚରମପନ୍ଥୀ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଫ୍ରାନ୍ସର ଇମାନୁଏଲ ମାକ୍ରନ ସରକାର ନୂଆ ଆଇନକୁ ମଞ୍ଜୁରି ଦେଇଛନ୍ତି। ଏବେ ଫ୍ରାନ୍ସରେ ବିଦେଶୀ ଇମାମଙ୍କ ପ୍ରବେଶ ନିଷିଦ୍ଧ ହୋଇଯାଇଛି। ପୂର୍ବରୁ ଥିବା ଇମାମଙ୍କୁ ନିଜ ଦେଶକୁ ପଠାଇ ଦିଆଯିବ କିମ୍ବା ସ୍ଥାନୀୟ ମସ୍‌ଜିଦ୍‌ରେ କୌଣସି କାମ କରିବାକୁ ଦିଆଯିବ। ସରକାର 'ଫୋରମ୍ ଅଫ୍ ଇସ୍‌ଲାମ ଇନ୍ ଫ୍ରାନ୍ସ' ନାମରେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ସମସ୍ତ ଧର୍ମର ନେତାଙ୍କୁ ସାମିଲ କରାଯିବ। ଦେଶର ମୁସଲମାନଙ୍କୁ ସଠିକ୍ ମାର୍ଗଦର୍ଶନ ଏବଂ ଚରମପନ୍ଥୀ କାର୍ଯ୍ୟକଳାପରୁ ଦୂରେଇ ରଖିବା ପାଇଁ ଏହା କାର୍ଯ୍ୟ କରିବ। ମାକ୍ରନ ପ୍ରଥମ ଥର ପାଇଁ ୨୦୨୦ରେ ଏହି ଆଇନ ଆଣିବାକୁ ଘୋଷଣା କରିଥିଲେ। ମହିଳାଙ୍କୁ ସମାନ ଅଧିକାର ଦେବାକୁ ପଡ଼ିବ ବୋଲି କହିଥିଲେ।

● ୧୬ ଦିନ ତଳେ ପଢ଼ିବା ପାଇଁ ଯାଇଥିଲେ

## ଆମେରିକାରେ ୨ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ୱାଶିଂଟନ, ୧୫ା୧ (ଏଜେନ୍ସି):** ଆମେରିକା କନେକ୍ଟିକଟ୍‌ରେ ସନ୍ଦେହଜନକ ପରିସ୍ଥିତିରେ ୨ ଭାରତୀୟ ଛାତ୍ର ଗଟ୍ଟୁ ଦିନେଶ (ତେଲଙ୍ଗାନା) ଏବଂ ନିକେଶ (ଆନ୍ଧ୍ର ପ୍ରଦେଶ) ଙ୍କ ମୃତ୍ୟୁ ହୋଇଛି। ଉଭୟେ ଉଚ୍ଚ ଶିକ୍ଷା ପାଇଁ ୧୬ ଦିନ ତଳେ ଆମେରିକା ଯାଇଥିଲେ। ଶୋଇଥିବା ସମୟରେ ଉଭୟଙ୍କ ମୃତ୍ୟୁ ହୋଇଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ୨୨ ବର୍ଷୀୟ ଦିନେଶଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକ ଭାଙ୍ଗି ପଡ଼ିଛନ୍ତି। ଅଙ୍ଗାରକାମ୍ଳ ଭଳି ବିଷାକ୍ତ ଗ୍ୟାସ ଦ୍ୱାରା ଉଭୟଙ୍କ ମୃତ୍ୟୁ ହୋଇଛି ବୋଲି ଦିନେଶଙ୍କ ବାପା ସନ୍ଦେହ କରିଛନ୍ତି। ସୂଚନା ଅନୁଯାୟୀ ଗତ ବର୍ଷ ଚେନ୍ନଇର ଏକ ଘରୋଇ ୟୁନିଭର୍ସିଟିରୁ ଦିନେଶ କମ୍ପ୍ୟୁଟର ସାଇନ୍ସରେ ବିଟେକ ଡିଗ୍ରୀ ହାସଲ କରିଥିଲେ। ପରେ କନେକ୍ଟିକଟର ସେକରେଡ ହାର୍ଟ ୟୁନିଭର୍ସିଟିରେ ନାମ ଲେଖାଇ ଥିଲେ। ତେବେ ନିକେଶଙ୍କ ପରିବାର ଲୋକଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ।

● ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲା

## କେସିଆରଙ୍କ ଝିଅଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୫ା୧ (ଏଜେନ୍ସି):** ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ ତଥା ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ସୋମବାର ନୋଟିସ ଜାରି କରିଛି। ମଙ୍ଗଳବାର ଜେରା ପାଇଁ ହାଜର ହେବାକୁ କୁହାଯାଇଛି। ଏହା ପୂର୍ବରୁ ଗତ ବର୍ଷ ସେପ୍ଟେମ୍ବରରେ କବିତାଙ୍କୁ ସମନ ଜାରି କରା ଯାଇଥିଲା। ତେବେ ସେ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇ ଉପସ୍ଥିତ ହେବାରୁ ଆଶ୍ୱସ୍ତି ପାଇଥିଲେ। ଚଳିତ ଥର ମଧ୍ୟ କବିତା ଏଜେନ୍ସି ନିକଟରେ ହାଜର ହେବେନାହିଁ। ଏବେ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି। ଏହି ଦୁର୍ନୀତିରେ 'ସାଉଥ୍ ଗ୍ରୁପ୍'ର ବଡ଼ ହାତ ଥିବା ସିବିଆଇ ଦାବି କରିଥିଲା। ଏହି ଗୋଷ୍ଠୀ ପୁରୁଣା ମଦ ନୀତି ପ୍ରତ୍ୟାହାର ପାଇଁ ଆପ୍ ସରକାରକୁ ଶହେ କୋଟି ଟଙ୍କା ଦେଇଥିବା କୁହାଯାଇଥିଲା।

## ପୁଟିନଙ୍କ ସହ କଥାହେଲେ ମୋଦୀ

**ନୂଆଦିଲ୍ଲୀ, ୧୫ା୧ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନ୍ ବାର୍ତ୍ତାଳାପ କରିଛନ୍ତି। ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱର ବିଭିନ୍ନ ପ୍ରସଙ୍ଗ ସହିତ ସ୍ୱତନ୍ତ୍ର ରଣନୈତିକ ସହଯୋଗିତାକୁ ନେଇ ଚର୍ଚ୍ଚା କରିଛନ୍ତି। ଏଥିରେ ରୁଷ୍‌କୁ ମିଳିଥିବା ବ୍ରିକ୍ସ ଅଧ୍ୟକ୍ଷତା ସାମିଲ ରହିଛି। ଦ୍ୱିପାକ୍ଷିକ ସମ୍ବନ୍ଧର ସମୀକ୍ଷା କରି ଏହାକୁ ଅଧିକ ମଜବୁତ କରିବା ପାଇଁ ଭବିଷ୍ୟତର କାର୍ଯ୍ୟଖସଡ଼ା ପ୍ରସ୍ତୁତ ନିମନ୍ତେ ସହମତି ପ୍ରକାଶ କରିଛନ୍ତି। ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ଣ୍ଣ ସମର୍ଥନର ଆଶ୍ୱାସନା ଦେଇଛନ୍ତି।

## ସେନା ଦିବସରେ ସ୍ଥଳସେନା ମୁଖ୍ୟଙ୍କ ଦୃଢ଼ୋକ୍ତି

# ଏଲ୍‌ଏସିରେ ସବୁ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ



**ଲକ୍ଷ୍ନୌ,୧୫ା୧(ଏଜେନ୍ସି)**

ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ରେ ସ୍ଥିତି ନିୟନ୍ତ୍ରିତ ରହିଥିଲେ ହେଁ ସ୍ୱାଭାବିକ ରହି ନାହିଁ। କିନ୍ତୁ ଚୀନ୍‌ର ଯେକୌଣସି ହରକତ୍ ପାଇଁ ଭାରତୀୟ ସେନା ପ୍ରସ୍ତୁତ ରହିଛି। ଗୋଟିଏ ପକ୍ଷରେ ଜମ୍ମୁ କାଶ୍ମୀରର ରାଜୌରୀ-ପୁଞ୍ଚ ସେକ୍ଟରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା ବେଳେ ପୂର୍ବ ଲଦାଖରେ ଚୀନ୍‌ର ହରକତ୍‌କୁ ନେଇ ସ୍ଥିତି ଅସ୍ୱାଭାବିକ ରହିଛି। କିନ୍ତୁ ସବୁ ପରିସ୍ଥିତିକୁ ମୁକାବିଲା କରିବାକୁ ଭାରତୀୟ ସେନା ପ୍ରସ୍ତୁତ ବୋଲି ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ କହିଛନ୍ତି। ସୋମବାର ଲକ୍ଷ୍ନୌଠାରେ ସେନା ଦିବସକୁ ସମ୍ବୋଧିତ କରିବା ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ, ସୀମା ବିବାଦକୁ ନେଇ ୨୦୨୦ରୁ ଭାରତ ଏବଂ ଚୀନ୍ ମଧ୍ୟରେ ବିବାଦୀୟ ସ୍ଥିତି ଲାଗି ରହିଥିଲା ବେଳେ ସୀମା ବୁଝାମଣା ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଛି। ଏହାସହିତ ଉଭୟ ପଟରୁ ମଧ୍ୟ ୪ଥର ସେନା ପ୍ରତ୍ୟାହାର କରାଯାଇଛି। ଏହାସତ୍ତ୍ୱେ ଏଲଏସିରେ ସ୍ଥିତି ସ୍ୱାଭାବିକ ହୋଇନାହିଁ। ଉଭୟ ପଟରେ ହଜାର ହଜାର ସେନା ମୁତୟନ ରହିଛନ୍ତି। କିନ୍ତୁ ଉତ୍ତର ସୀମାରେ ଚୀନ୍‌କୁ ମୁକାବିଲା କରିବାକୁ ଭାରତ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବିଗତ ଦିନରେ ଏଠାରେ ଭାରତୀୟ ସେନା ସବୁ ଦିଗରୁ ନିଜର କ୍ଷମତା ବୃଦ୍ଧି କରିବା ସହିତ ଏଠାରେ ବିପୁଳ ପରିମାଣରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବାକୁ ସକ୍ଷମ ହୋଇଛି। ଏହାସହିତ ସୀମା ଅଞ୍ଚଳରେ ଉନ୍ନତ ଭିତ୍ତିଭୂମି ପ୍ରତିଷ୍ଠା କରାଯାଇ ସେନା ପାଇଁ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ କରାଯାଇଛି ବୋଲି ସେ କହିଛନ୍ତି।

● କୁକି, ମେଇତି ସଦସ୍ୟଙ୍କୁ ଭେଟିଲେ ରାହୁଲ

# 'ମଣିପୁର ବିଜେପିର ଘୃଣ୍ୟ ରାଜନୀତିର ଉଦାହରଣ'



**ଇମ୍ଫାଲ,୧୫ା୧(ଏଜେନ୍ସି):** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଗତକାଲି ମଣିପୁରରୁ ଆରମ୍ଭ ହୋଇଥିବା ଭାରତ ଯୋଡୋ ନ୍ୟାୟ ଯାତ୍ରାର ଦ୍ୱିତୀୟ ଦିନରେ ରାହୁଲ ଏଠାକାର ବିଭିନ୍ନ ସଂଗଠନ ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ମଣିପୁରର ସାଂପ୍ରତିକ ସ୍ଥିତିକୁ ନେଇ ସେ ମେଇତି ଏବଂ କୁକି ସଂପ୍ରଦାୟ ସମେତ ସ୍ଥାନୀୟ ବହୁ ସଂଗଠନର ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି ବୋଲି ଦଳର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି। ବିଗତ ଦିନରେ ମଣିପୁରରେ ଯାହାକିଛି ଦେଖାଯାଇଛି ତାହା ବିଭିନ୍ନ ମହଲକୁ ବ୍ୟଥିତ କରିଥିଲେ ହେଁ ବିଜେପି ଏଥିପାଇଁ ତିଳେ ମାତ୍ର ଚିନ୍ତା ପ୍ରକଟ କରି ନାହିଁ। ତେଣୁ ମଣିପୁର ହିଁ ବିଜେପିର ଘୃଣ୍ୟ ରାଜନୀତିର ଏକ ସର୍ବୋତ୍କୃଷ୍ଟ ଉଦାହରଣ ବୋଲି ରାହୁଲ କହିଛନ୍ତି। ଏହି ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ରାହୁଲଙ୍କୁ ଦାବିପତ୍ର ଦିଆଯିବା ସହିତ ମଣିପୁରରେ ଏକ ସ୍ୱଚ୍ଛ, ସ୍ଥିର ଏବଂ ଶାନ୍ତିପ୍ରିୟ ସରକାର ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ସେହିପରି ମଣିପୁର ପ୍ରସଙ୍ଗରେ ରାହୁଲ ଏବଂ କଂଗ୍ରେସ ସଂସଦର ବଜେଟ୍ ଅଧିବେଶନରେ ପ୍ରଶ୍ନ ଉତ୍‌ଥାପନ କରି ବିସ୍ତୃତ ଆଲୋଚନା କରିବାକୁ ମଧ୍ୟ ବହୁ ସଂଗଠନ ପକ୍ଷରୁ ରାହୁଲଙ୍କୁ ଅନୁରୋଧ କରାଯାଇଥିବା ଜୟରାମ କହିଛନ୍ତି। ଅନ୍ୟପକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ମଣିପୁର ଗସ୍ତ କରିବାକୁ କେତେକ ସଂଗଠନ ପକ୍ଷରୁ ଦାବି କରାଯାଇଥିବା ଜଣାପଡ଼ିଛି।

# ସୁପ୍ରିମକୋର୍ଟ ଗଲେ ଉଦ୍ଧବ



**ମୁମ୍ବାଇ,୧୫ା୧(ଏଜେନ୍ସି):** ଶିବସେନା ବିଭାଜନକୁ ନେଇ ମହାରାଷ୍ଟ୍ର ବାଚସ୍ପତି ରାହୁଲ ନରଓ୍ୱେକର ନିକଟରେ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଉଦ୍ଧବ ଠାକରେ ସୋମବାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ୨୦୨୨ ଜୁନ୍‌ରେ ଶିବସେନାର ବିଭାଜନ ପରେ ଏକନାଥ ସିନ୍ଦେ ଏବଂ ଉଦ୍ଧବ ଠାକରେ ଗୋଷ୍ଠୀ ମଧ୍ୟରେ ଦଳର ମାଲିକାନାତ୍ୱକୁ ନେଇ ବିବାଦ ତେଜିଥିଲା। ଏହି ସେନା ବନାମ ସେନା ବିବାଦ ପ୍ରାୟ ଦେଢ ବର୍ଷରୁ ଅଧିକ ସମୟ ଧରି ଚାଲିବା ପରେ ନିକଟରେ ମହାରାଷ୍ଟ୍ର ବାଚସ୍ପତି ଏ ସମ୍ପର୍କରେ ନିଜର ରାୟ ଶୁଣାଇ ସିନ୍ଦେ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା ବୋଲି କହିଥିଲେ। କିନ୍ତୁ ଏହାକୁ ଉଦ୍ଧବ ସହଜରେ ଗ୍ରହଣ କରିପାରି ନଥିଲେ ଏବଂ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିବେ ବୋଲି କହିଥିଲେ। ଏହିକ୍ରମରେ ସେ ଏବେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କେବଳ ସେତିକି ନୁହେଁ ଦଳରେ ବିଦ୍ରୋହ କରିଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଆବେଦନକୁ ବାଚସ୍ପତି ପ୍ରତ୍ୟାଖ୍ୟାନ କରିଥିବାରୁ ଏହାକୁ ମଧ୍ୟ ଉଦ୍ଧବ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ବୋଲି ଉଦ୍ଧବ ନିଜ ଆବେଦନରେ ଦର୍ଶାଇଛନ୍ତି। ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ଅଧିକ ସଂଖ୍ୟକ ବିଧାୟକ ଅଛନ୍ତି। କିନ୍ତୁ ବାଚସ୍ପତି ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ତଦ୍ୱାରା ଗଣତନ୍ତ୍ରର ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ମଧ୍ୟ ଅପମାନିତ କରାଯାଇଛି। ରାଜ୍ୟପାଳ ତାଙ୍କ ପଦ ମର୍ଯ୍ୟାଦାର ଅପବ୍ୟବହାର କରିଛନ୍ତି ଏବଂ ଭୁଲ କରିଛନ୍ତି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲା ବେଳେ ଏହାକୁ ମଧ୍ୟ ଅଣଦେଖା କରାଯାଇଛି। ତେଣୁ ଆମେ ଏହି ଯୁଦ୍ଧ ଜାରି ରଖିବୁ ବୋଲି ଉଦ୍ଧବ କହିଛନ୍ତି।

# ରଷିଆରେ ବିଶ୍ୱର ସବୁଠୁ ବଡ଼ ସୁନା ଖଣିର ସନ୍ଧାନ



## ପୁଟିନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ, ଦୂରହେବ ଆର୍ଥିକ ଜଟିଳତା

**ମସ୍କୋ,୧୫ା୧(ଏଜେନ୍ସି)**

ପ୍ରାୟ ଦୁଇ ବର୍ଷ ଧରି ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରଖିଥିବା ରୁଷିଆର ଅର୍ଥନୀତି ବିଭିନ୍ନ ଦିଗରୁ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏ ପକ୍ଷରେ ଯୁଦ୍ଧ ପାଇଁ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହୋଇ ଚାଲିଥିବା ବେଳେ ଅନ୍ୟପକ୍ଷରେ ରୁଷ ଉପରେ ପାଶ୍ଚାତ୍ୟ କଟକଣା ରୁଷିଆର ଅର୍ଥନୀତିକୁ ଏକପ୍ରକାର ଦୋହଲାଇ ଦେଇଛି। କିନ୍ତୁ ଏହାଭିତରେ ରୁଷିଆ ପାଇଁ ଏକ ଖୁସି ଖବର ଆସିଛି। ରୁଷିଆର ସୁଦୂର ପୂର୍ବ ଭାଗରେ ବିଶ୍ୱ ଦୁନିଆର ସବୁଠାରୁ ବଡ ସୁନା ଖଣିର ସନ୍ଧାନ ମିଳିଛି। ଏଭଳି ଏକ ସର୍ବବୃହତ ସୁନା ଖଣିର ଆବିଷ୍କାର ନେଇ ରୁଷ ସ୍ପଷ୍ଟ କରିଛି। ଏହି ଖଣି ଇଷ୍ଟର୍ଣ୍ଣ ଫେଡେରାଲ୍ ୟୁନିଟ୍ ଚୁକୋଟକାରେ ରହିଥିବା ବେଳେ ଏଥିରେ ୧୦୦ ଟନରୁ ଅଧିକ ସୁନା ରହିଛି ବୋଲି ରୁଷ ଦାବି କରିଛି। ୧୯୯୧ ମସିହା ପରେ ରୁଷିଆରେ ମିଳିଥିବା ସୁନା ଖଣିଗୁଡିକ ମଧ୍ୟରୁ ଏହି ଖଣି ସବୁଠୁ ବଡ଼ ବୋଲି ସ୍ପୁଟ୍‌ନିକ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଏହାପୂର୍ବରୁ ସାଉଦି ଆରବର ମକ୍କାରେ ମଧ୍ୟ ଏକ ସୁନା ଭଣ୍ଡାର ମିଳିଥିଲା। ତେବେ ରୁଷିଆର ଏହି ଖଣି ସନ୍ଧାନ ରାଷ୍ଟ୍ରପତି ପୁଟିନଙ୍କ ପାଇଁ ବଡ଼ ସୁଫଳ ଆଣିବ ବୋଲି ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଗତ ଦୁଇ ବର୍ଷ ଧରି ୟୁକ୍ରେନ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ପାଶ୍ଚାତ ରାଷ୍ଟ୍ର ରଷ ଉପରେ ଅନେକ ପ୍ରକାରର ପ୍ରତିବନ୍ଧକ ଲଗାଇଛନ୍ତି। ଏପରିକି ବ୍ରିଟେନ ଠାରୁ ଆମେରିକା ପର୍ଯ୍ୟନ୍ତ ବହୁ ପାଶ୍ଚାତ୍ୟ ରାଷ୍ଟ୍ରରେ ରୁଷିଆ ସମ୍ପତ୍ତିକୁ ଜବତ କରାଯାଇଥିବାରୁ ଏହା ରଷର ଅର୍ଥନୀତି ପାଇଁ ବଡ ଝଟକା ହୋଇଛି। ଏଭଳି ପରିସ୍ଥିତିରେ ଏହି ନୂଆ ସୁନା ଖଣିର ଆବିଷ୍କାର ରଷ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ଖଣି ଅଞ୍ଚଳରେ ଗତ ତିନିବର୍ଷ ମଧ୍ୟରେ ୩୨ କିଲୋମିଟରରୁ ଅଧିକ ଲମ୍ବର ୧୨୩ଟି କୂପ ଖନନ କରାଯାଇଛି। ଯେଉଁ କମ୍ପାନୀ ଏହି କାର୍ଯ୍ୟ ସମ୍ପାଦିତ କରିଛି ଏହା ମାଧ୍ୟମରେ ଖଣି ଅଞ୍ଚଳର ସମସ୍ତ ସନ୍ଧାନ, ଟପୋଗ୍ରାଫିକ୍-ଭୂତତ୍ତ୍ୱ ପରୀକ୍ଷଣ, ଭୌଗୋଳିକ-ଜିଓ କେମିକାଲ୍ ଏବଂ ଜିଓଫିଜିକାଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ଖଣିର ବାର୍ଷିକ ସୁନା ଉତ୍ପାଦନ ୨୦୨୯ ସୁଦ୍ଧା ତିନି ଟନ୍ ସୁନାରେ ପହଞ୍ଚିବ ବୋଲି ଉକ୍ତ କମ୍ପାନୀ ଆଶାପ୍ରକଟ କରିଛି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
By virtue of an affidavit before the Executive Magistrate, Mahanga, Cuttack, Odisha, I Ranjeeta Chhatoi W/o- Harekrushna Chhatoi, R/o- Village-Matiparilo, Po-Rahania, Ps-Bhadreswar, Dist-Cuttack, Odisha-754204, declare by this affidavit no.64AA 617012 dtd - 02/01/2024 that now onwards I shall be known as **Ranjulata Chhatoi** for all future purposes.

**AFFIDAVIT**
By virtue of an affidavit before the Notary Public, Khandapada, Nayagarh, Odisha, I Sasmita Prusty W/o-Basanta Sahoo Residence of Village- Dhuamada, Po-Adakata, Ps-Gania, Dist-Nayagarh Odisha-752093, declare by this affidavit no.248 dtd -11/01/2024 that now onwards I shall be known as **Sasmita Prusti** for all future purposes.

**AFFIDAVIT**
I, Aranapurna Parida, W/o-Nirmal Chandra Biswal, resident of At-Flat No.207, Sekhar Palace, Behera Sahi, Nayapalli, Bhubaneswar, Dist- Khordha, Pin-751012, Odisha declare by this affidavit No.76, dated- 14/01/2024 that now onwards I shall be known as **ANNAPURNA PARIDA** for all future purposes.

**LOST**
ମୁଁ ପ୍ରମୋଦ ଶର୍ମା ପିତା ଗଣପତ ରାୟ ଶର୍ମା କ୍ଷେତରାଜପୁର ନିବାସୀ ଅଟେ ଗତ 24.12.23 ରିଖ ଦିନ ମୋ ଘରୁ ସମଲେଶ୍ୱରୀ ମନ୍ଦିର ଯାଉଥିବାବେଳେ ମୋର ଇ ରେଜିଷ୍ଟ୍ରେସନ ସେଲ ଡିଡ଼ ଯାହାର ନମ୍ବର 11622000839 dt. 27.2.2020 ଅଟେ କୁଆଡେ ପଡିଗଲା। ବହୁତ ଖୋଜାଖୋଜି ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଇଲିନାହିଁ ତେଣୁ ଗତ 02.01.24 ରିଖ ଦିନ କ୍ଷେତରାଜପୁର ଥାନାରେ ଲିଖିତ ହିସାବରେ ମଧ୍ୟ ଜଣାଇଅଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି ଡିଡ଼ ଟି ପାଆନ୍ତି ତାହେଲେ ଏହି ଫୋନ ନମ୍ବର ରେ 7008156108 ଯୋଗାଯୋଗ କରିବା ପାଇଁ ଅନୁରୋଧ।

# ସ୍କୁଟର-ଅଟୋରିକ୍ସା ଧକ୍କା; ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଦେବଗଡ଼, ୧୫।୧(ସମିସ)

ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ଖଡିନାଳୀ ଛକରେ ଏକ ସ୍କୁଟର ସହ ଅଟୋ ରିକ୍ସା ମୁହାଁମୁହିଁ ଧକ୍କା ହେବାରୁ ସ୍ୱାମୀଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୌଭାଗ୍ୟ କ୍ରମେ ଅଟୋ ରିକ୍ସା ଚାଳକ ଓ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୂର୍ବାହ୍ନରେ ବାହାଡାପୋଶି ଗ୍ରାମର ବୃନ୍ଦାବନ ପାତ୍ର ଓ ତାଙ୍କ ସ୍ତ୍ରୀ ଟୁନି ପାତ୍ର ଏକ ସ୍କୁଟର ଯୋଗେ ମାଣପୁର ଗ୍ରାମକୁ ଯାଉଥିବା ବେଳେ ଖଡିନାଳୀ ଛକରେ ସେମାନଙ୍କୁ ଏକ ଅଟୋରିକ୍ସା ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ସେମାନଙ୍କୁ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ବୃନ୍ଦାବନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତାଙ୍କ ସ୍ତ୍ରୀ ଟୁନୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ବାରକୋଟ ଥାନା ପୁଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏଥିସହ ବାରକୋଟ ଥାନାରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟର ଓ ଅଟୋ ରିକ୍ସାକୁ ଜବତ କରି ଅଧିକ ତଦନ୍ତ କରୁଛି।

## ମକରସଂକ୍ରାନ୍ତି ଅବସରରେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼

**ଝାରସୁଗୁଡ଼ା, ୧୫।୧(ସମିସ):** ମକର ସଂକ୍ରାନ୍ତି ଅବସରରେ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଶିଳ୍ପନଗରୀ ଝାରସୁଗୁଡ଼ା ସହରର ବିଭିନ୍ନ ମନ୍ଦିରରେ ପବିତ୍ର ମକରସଂକ୍ରାନ୍ତି ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଆଜି ସହରର ଝାଡେଶ୍ୱର ଶିବ ମନ୍ଦିର, ପାହାଡି ଶିବ ମନ୍ଦିର ସରବାହାଲ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର, ତ୍ରିନାଥ ମନ୍ଦିର, ରାମ ମନ୍ଦିର, କନକ ଦୁର୍ଗା ମନ୍ଦିର, ବେହରାମାଲ ଦୁର୍ଗା ମନ୍ଦିର, ତାରିଣୀ ମନ୍ଦିର, ବିଟିଏମ ଶିବ ମନ୍ଦିର, ଝଣାଛକ ହନୁମାନ ମନ୍ଦିର ଓ ସାଇ ମନ୍ଦିର ସମେତ ବିଭିନ୍ନ ଦେବାଳୟରେ ଭୋର୍ ଚାରିଟାରୁ ଭକ୍ତମାନେ ମନ୍ଦିରରେ ଜଳାଭିଷେକ ସମେତ ପୂଜାପାଠ କରିଥିଲେ। ଅନ୍ୟପଟେ ସହରର ସରବାହାଲ ହନୁମାନ ମନ୍ଦିରରେ ପୂଜକ ଅଜୟ ମିଶ୍ର ପୂଜାର୍ଚ୍ଚନା ସମେତ ହୋମଯଜ୍ଞ କରିବା ସହିତ ବ୍ରାହ୍ମଣମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ହୋଇଥିଲା। ଠିକ୍ ସେହିପରି ସରବାହାଲ ତ୍ରିନାଥ ମନ୍ଦିରରେ ପୂଜକ ଭଜମନ ପାଣିଗ୍ରାହୀ ତ୍ରିନାଥ ମେଳା ପଠନ କରଥିଲେ। ଭରତ ଜେନା, ନିମାଇଁ ଚରଣ ବେହେରା, ଅନିଲ କୁମାର ମିଶ୍ର, ସୁଧୀର ମିଶ୍ର, ସୂର୍ଯ୍ୟ ମିଶ୍ର, ଗୋବିନ୍ଦ ପଟେଲଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ। ଦୋକାନରେ ଗୁଡ଼ି ବିକ୍ରି ହେଉଥିବାବେଳେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ସଟ୍ଟା ଖେଳି ଜଣେ ଗିରଫ

**ଝାରସୁଗୁଡ଼ା, ୧୫।୧(ସମିସ) :** ଝାରସୁଗୁଡ଼ା ମନମୋହନ ଏମଇ ସ୍କୁଲ ପଡ଼ିଆରେ ବେନିୟମ ଭାବରେ ସଟ୍ଟାଖେଳ ଚାଲୁଥିବାବେଳେ ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ଉ ହୋଇଥିଲା। ପୁଲିସ ଘଟଣାସ୍ଥଳରୁ ଜଣକୁ ଗିରଫ କରିଥିବାବେଳେ ୩୩୦୦ ଟଙ୍କା ଜବତ କରିଛି।

## ଜୟପିଚ୍ଛୁଳାରେ ଘର ଭାଙ୍ଗିଲା ଦନ୍ତା

**ଦେବଗଡ଼, ୧୫।୧(ସମିସ):** ଗତକାଲି ରାତ୍ରିରେ ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ଜୟପିଚ୍ଛୁଳା ଗ୍ରାମରେ ଏକ ଦନ୍ତାହାତୀ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା



ଜଣାପଡ଼ିଛି। ଗତକାଲି ରାତ୍ରିରେ ଏକ ଜଙ୍ଗଲୀ ଦନ୍ତା ହାତୀ ଜୟପିଚ୍ଛୁଳା ଗାଁ ଭିତରେ ପଶି ଜଗନ୍ନାଥ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଘର ଭିତରେ ଥିବା ଧାନ, ଚାଉଳ ଆଦି ଖାଇ ଦେଇଥିଲା। ଏଥିସହ ଘରର ବହୁ ଆସବାବପତ୍ର ମାଡି ଦଳି ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ବନବିଭାଗ କର୍ମଚାରୀମାନେ ଆଜି ସକାଳେ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡ଼ିଛି।

## ବିଭିନ୍ନ ଦାବି ନେଇ ଖଣି ଅଧିକାରୀଙ୍କୁ ସମିତି ସଭ୍ୟାଙ୍କ ଦାବିପତ୍ର

**ବ୍ରଜରାଜନଗର, ୧୫।୧ (ସମିସ):** କୁଦୋପାଲି ଗ୍ରାମପଞ୍ଚାୟତ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏମସିଏଲ ଓରିଏଣ୍ଟ କ୍ଷେତ୍ର ଡେପୁଟି ଜେନେରାଲ ମ୍ୟାନେଜରଙ୍କୁ ସମିତି ସଭ୍ୟା ରଶ୍ମିତା



ପ୍ରଧାନ ଏକ ଦାବିପତ୍ର ଦେଇଛନ୍ତି। ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେଲେନକଛାରର ପୋଖରୀ ଉନ୍ନତିକରଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଖଣି ମୁଖ୍ୟ ଗେଟ୍‌ରୁ ବଳରାମ ପଧାନ ଛକ ପର୍ଯ୍ୟନ୍ତ ରାସ୍ତା ସଫା କରିବା ଆଦି ସମସ୍ୟାର ସମାଧାନ ପାଇଁ ସମିତି ସଭ୍ୟା ଅନୁରୋଧ କରିଛନ୍ତି। କୁଦୋପାଲି ପଞ୍ଚାୟତ ଅଞ୍ଚଳ କୋଇଲା ଖଣି ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହେଉଛି।

## ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଫକୀରମୋହନ ଜୟନ୍ତୀ

**କୋଲାବିରା, ୧୫।୧(ସମିସ):** ପ୍ରଖ୍ୟାତ ଔପନ୍ୟାସିକ, ଓଡିଆ କଥା ସାହିତ୍ୟର ଜନକ ତଥା ଭାଷା ଆନ୍ଦୋଳନର ଜାଗ୍ରତପ୍ରହରୀ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ଝାରସୁଗୁଡା ଜିଲ୍ଲା କୋଲାବିରା ସ୍ଥିତ ସଂସଦର ଅସ୍ଥାୟୀ ସଭା ଗୃହରେ ପାଳିତ ହୋଇଯାଇଛି। ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବରେ ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଶ୍ୟାମସୁନ୍ଦର ସାହିତ୍ୟ ସଂସଦର ସଭାପତି ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ସ୍ୱରଝଙ୍କାର ସାହିତ୍ୟ ସଂସଦର ସମ୍ପାଦକ ପିଙ୍କୁ ଦାସ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଶଚୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂସଦର ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡିଆ ଭାଷା ସାହିତ୍ୟକୁ ସୁରକ୍ଷା ଓ ସମାଜ ସଂସ୍କାର କ୍ଷେତ୍ରରେ ଫକୀରମୋହନଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବିରଞ୍ଚି କୁମାର ପଟେଲ, ଲଳିନ୍ଦ୍ର ଗୋଖରା, ଅଶୋକ କୁମାର ବେହେରା, ସ୍ମୃତି ରଞ୍ଜନ ରାଏ, ଯୋଗେନ୍ଦ୍ର ରାଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

**କୋଲାବିରା, ୧୫।୧ (ସମିସ):** ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତର କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଝାରସୁଗୁଡା ବିଧାୟିକା ସୁଶ୍ରୀ ଦିପାଳୀ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ସମ୍ମାନିତ ଅତିଥି ସମ୍ପାଦକ ମଦନ ମୋହନ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ସାହୁ, ସ୍ଥାନୀୟ ସରପଞ୍ଚ କରୁଣାକର ସେଟ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସଚ୍ଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମୀରେଖା ପଟେଲ, ଅଞ୍ଜଳି ପଟେଲ, ସନ୍ଧ୍ୟାରାଣୀ ଚୌଧୁରୀ, ଆଶାମଞ୍ଜରୀ ଚୌଧୁରୀ, ମଞ୍ଜୁ ସାହୁ, ଭଗବତୀ ବଗାର, ସୁନନ୍ଦ ପଟେଲ, ମନୋଜ ମିର୍ଦ୍ଧା, ପ୍ରଶ୍ନ ବଗାର, ରୀନା କିସାନ, କୈଳାଶ ସେନାପତି, ଗୋବର୍ଦ୍ଧନ ବଗାର, ଫୁଲତୁଲି ବେରିହା, ମିତା ମାଝି, ସୁମିତ୍ରା କିଶାନ, ଭୀଷ୍ମଦେବ ପଟେଲ, ଦୀଲିପ ସେନାପତି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ ପାଇଁ ସ୍ଥିର କରାଯାଇଛି। ବିଦ୍ୟାଳୟରେ ଏକ ଡାଇନିଂ ହଲ ଆବଶ୍ୟକତା ରହିଥିବା ଦୃଷ୍ଟିରୁ ବିଧାୟିକା ତା'ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ସରବାହାଲ ରେଳ ଫାଟକ ବନ୍ଦ ନ କରିବାକୁ ଦାବି

**ଝାରସୁଗୁଡ଼ା, ୧୫।୧(ସମିସ) :** ସରବାହାଲ ରେଳ ଫାଟକ ବନ୍ଦ ନ କରିବାକୁ ଦାବି ଉଠିଛି। ଶିଳ୍ପନଗରୀ ଝାରସୁଗୁଡ଼ା ସହରର ସରବାହାଲ ଓଭରବ୍ରିଜ ଆଉ କିଛି ଦିନ ପରେ ଉଦ୍‌ଘାଟନ ହେବାକୁ ଥିବା ବେଳେ ସରବାହାଲ ରେଳ ଫାଟକ ବନ୍ଦ ନ କରିବାକୁ ଦାବି ହେଉଛି। ସହରରେ ୬ଟି ରେଳ ଫାଟକ ଥିବା ବେଳେ ସରବାହାଲ ରେଳ ଫାଟକ ଅନ୍ୟତମ। ଏହି ଫାଟକ ଦେଇ ପ୍ରତିଦିନ ସରବାହାଲ ସରକାରୀ ହାଇସ୍କୁଲ, ଏମଇ ସ୍କୁଲ, ସରସ୍ୱତୀ ଶିଶୁବିଦ୍ୟାଳୟ ସମେତ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଯାଇଥାନ୍ତି। ଉକ୍ତ ରେଳଫାଟକ ବନ୍ଦ ହୋଇଗଲେ ଛାତ୍ରଛାତ୍ରୀଙ୍କ ଯିବା ଆସିବାରେ ଅସୁବିଧା ଦେଖାଦେବ। ସୁନାରିମୁଣ୍ଡା ରେଳ ଫାଟକ ନିକଟ ଓଭରବ୍ରିଜ ଦେଇ ଛାତ୍ରଛାତ୍ରୀ ଯିବାଆସିବା କଲେ ତାଙ୍କୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ସରବାହାଲର ଗୋଟିଏ ପାର୍ଶ୍ୱରେ କିସାନପଡ଼ା, ଗୌଡପଡ଼ା, ତଳିପଡ଼ା, କୁମ୍ଭାରପଡ଼ା ଓ ଚମାରପଡ଼ା ଥିବାବେଳେ ଲୋକେ ସହରକୁ ଯିବା ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଏଥିପ୍ରତି ରେଳ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।




### ବେଲପାହାଡ଼ ମକର ମେଳା

## ହରି ଓ ହରଙ୍କ ମିଳନ ଦେଖିଲେ ଭକ୍ତ

**ଝାରସୁଗୁଡ଼ା, ୧୫।୧ (ସମିସ):** ବେଲପାହାଡ଼ସ୍ଥ ଆର୍ତ୍ତତ୍ରାଣ କ୍ଷେତ୍ର ଭାବରେ ପରିଚିତ ଗୁମାଡେରା ଜଗନ୍ନାଥ ମନ୍ଦିରରେ ମକର ମେଳାରେ ହରି ଓ ହରଙ୍କ ମିଳନ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିରରୁ ସୁସଜ୍ଜିତ ବିମାନରେ ହରିଙ୍କୁ ମାଉସୀ ମା' ମନ୍ଦିରକୁ ଅଣାଯାଇଥିବା ବେଳେ ଗୁମାଡେରା ଗୌରୀ ଶଙ୍କର ମନ୍ଦିରରୁ ହରଙ୍କୁ ବିମାନରେ ଅଣାଯାଇ ବାଟ ମଙ୍ଗଳାରେ ହରି ଓ ହରଙ୍କ ମିଳନ ହୋଇଥିଲା। ଏଥିରେ ଗୁମାଡେରା ଜଗନ୍ନାଥ ମନ୍ଦିର ପୂଜକ ବ୍ରଜସୁନ୍ଦର ଶତପଥୀ, ରଙ୍ଗାଧର ପଣ୍ଡା, ଗୌରୀଶଙ୍କର ମନ୍ଦିର ପୂଜକ ଦିଲୀପ ପଣ୍ଡା, ମା' ବାଟ ମଙ୍ଗଳା ଓ କନକ ଦୁର୍ଗା ମନ୍ଦିର ପୂଜକ ସୁରେଶ ସାହୁ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଯାତ୍ରା ସମୟରେ ଖଏରକୁନି ଗ୍ରାମରୁ ଆସିଥିବା ସମ୍ପ୍ରଦା ଦଳ ପକ୍ଷରୁ ସମ୍ପ୍ରଦା ପରିବେଷଣ କରାଯାଇଥିଲା। ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ମକର ମେଳାରେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଜମିଦାର ବ୍ରଜ କିଶୋର ସିଂଦେଓଙ୍କ ସମେତ କୁଳମଣି ବଗାର, କହ୍ନେଇ ସେଠ, ଏସ.କେ. ମହାପାତ୍ର, ବନମାଳୀ ପଣ୍ଡା, ସଚ୍ଚିଦାନନ୍ଦ



ପଣ୍ଡା, ବୈଶିଧର ମହାନ୍ତି, ବାବୁଲି ସେଣ, ଯୁଧିଷ୍ଠିର ପ୍ରଧାନ, ଗଜେନ୍ଦ୍ର ନାଏକ, ନରହରି ଦାଶ, କୁନୁ ଭୋଇ, ସୁଖଦେବ ଓରାମ, ଜେନାମଣି ସେଠ, ରମାକାନ୍ତ ତ୍ରିପାଠୀ, ପୀତବାସ ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଗଜେନ୍ଦ୍ର ପଣ୍ଡା, ନରହରି ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ସମୀର ବାରିକ, ସୁଶାନ୍ତ ଲେଙ୍କା ପ୍ରମୁଖ ସାମିଲ ରହିଥିଲେ।

## ସପ୍ତମ ମକର ଯାତ୍ରା ଓ ଦିନିକିଆ ଫୁଟ୍‌ବଲ ପ୍ରତିଯୋଗିତା

**ବ୍ରଜରାଜନଗର, ୧୫।୧ (ସମିସ):** ଝାରସୁଗୁଡ଼ା ସଦର ବ୍ଲକ ଲୋଇସିଂ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିକ୍ତିମାଲ ଗ୍ରାମଠାରେ ସପ୍ତମ ମକର ସଂକ୍ରାନ୍ତି ଯାତ୍ରା ସହିତ ଦିନିକିଆ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରେ ପୂଜାକାର୍ଯ୍ୟ ଆରମ୍ଭ ହୋଇ ୧୨ଟାରେ ମକର ମିଳନ ଓ ଗୋଟାଏରେ ପ୍ରସାଦସେବନ ସହ ଅପରାହ୍ନ ୪ଟାରୁ ମକର ଯାତ୍ରା ଆରମ୍ଭ ହୋଇଥିଲା। ଏହି ଉପଲକ୍ଷେ ଗ୍ରାମରେ ୮ଟି ଦଳକୁ ନେଇ ଏକଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଗଣପତି କ୍ଲବ୍ କଟାପାଲି ଦଳ ୨-୦ରେ ହିନ୍ଦ୍ କ୍ଲବ ନୂଆଡ଼ିହି ଦଳକୁ ହରାଇ ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେ ଲୋଇସିଂ ସରପଞ୍ଚ ସନାତନ ରୋହିଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ହେମନ୍ତ ପଟେଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମକର ଯାତ୍ରା ପଡ଼ିଆରେ ମଧାହ୍ନ ୧୨ଟାରୁ ଏକ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ପରି ଏଥର ମଧ୍ୟ ନିକ୍ତିମାଲ୍‌ଠାରେ ମୀନାବଜାର ଲାଗିଛି। କାର୍ଯ୍ୟକ୍ରମ ପରିଚାଳନାରେ ସମୀର ଭଇଁସାଲ, ବୈକୁଣ୍ଠ ରାଉତ, ପ୍ରଦୀପ ଭୋଇ, ସଞ୍ଜୀବ କରାଲି, ସୁନିଲ କିଶାନ, ସନ୍ତୋଷ ନାଏକ, ଜୟଦେବ ନାଏକ, ଚମ୍ପୁ କିଶାନ, ବୀରେନ ଭଇଁସା ପ୍ରମୁଖ ସହଯୋଗ କରିଥିଲେ।



## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: ଆୟୋଜକ ଡିଡିସି ଚାମ୍ପିଅନ

**ଦେବଗଡ଼, ୧୫।୧(ସମିସ):** ତିଲେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତ ସଦର ମହକୁମାରେ ଡିଡିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। କଲଣ୍ଡାର ଫ୍ରେଣ୍ଡସ କ୍ଲବକୁ ୮ ଉଇକେଟରେ ପରାସ୍ତ କରି ଆୟୋଜକ ଡିଡିସି କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ମ୍ୟାଚକୁ ଅମ୍ପାୟାର ଭାବେ ଜନସନ ସ୍ୱାଇଁ ଓ ବେଞ୍ଜାମିନ ସ୍ୱାଇଁ ପରିଚାଳନା କରିଥିଲେ। ଟୁନା ସ୍ୱାଇଁ ଓ ବିକ୍ରମ ପ୍ରଧାନ ସ୍କୋରର ଥିବା ବେଳେ ଭାଷ୍ୟକାର ଭାବେ ରାଜନ ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଡିଡିସି କ୍ରିକେଟ କ୍ଲବର ସଭାପତି ରୂପେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାବଗ୍ରାହୀ ପ୍ରଧାନ ଓ ଲକ୍ଷ୍ମଣ ଯୋଗ ଦେଇଥିଲେ। ଆୟୋଜକ ଡିଡିସି କ୍ରିକେଟ କ୍ଲବର ସମ୍ପାଦକ ତରୁଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ସଦସ୍ୟ ନୀଳାଞ୍ଚଳ ପ୍ରଧାନ, ପିଙ୍କୁଲ ବେହେରା, ସାଜନ ପ୍ରଧାନ, ହଲିନ ସ୍ୱାଇଁ ଓ ବାପୁନ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରାଜପୁର ଶନି ମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ

**ବ୍ରଜରାଜନଗର, ୧୫।୧ (ସମିସ) :** ମକରସଂକ୍ରାନ୍ତି ଅବସରରେ ରାଜପୁର ରାଣୀବନ୍ଧ ସ୍ଥିତ ଶନି ମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରୀତିନୀତି ଅନୁଯାୟୀ ରାଜପୁରୋହିତ ପ୍ରଦୀପ ପାଟଯୋଶୀ, ପଣ୍ଡିତ ବାସୁଦେବ ଦାସ, ପଣ୍ଡିତ ମୋତିଲାଲ ମିଶ୍ର, ଆକାଶ ଦାସ, ଶୈଳେଶ ଦାସ ସକାଳୁ ପ୍ରଥମେ ଶନିଶ୍ଚର ଦେବଙ୍କ ବିଗ୍ରହକୁ ପଞ୍ଚାମୃତ ଓ ପରେ ତୈଳ ଅଭିଷେକ କରିଥିଲେ। ଦେବତା ଆବାହନ, ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ ସହିତ ମଧାହ୍ନରେ ହବନ ସହିତ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ଶନି ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ବାସୁଦେବ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜା କର୍ମରେ ପୂର୍ବତନ ବ୍ରଜରାଜନଗର ବିଧାୟକ ଅନୁପ କୁମାର ସାଏ ଏବଂ ସୁଷମା ଦେଓ କର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ। ଗୋପାଳ ସିଂହ, ବିଜୟ ବେହେରା, ଅମୀୟ ପଟେଲ, କୃଷ୍ଣ ମେହେର, ଶଙ୍କର ବାଗ, ଘନଶ୍ୟାମ ବାଗ, ସରୋଜ ସା, ବରୁଣ ସା, ଆନନ୍ଦ ତୁରୀ, ରଞ୍ଜିତ ସାହୁ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶନି ମନ୍ଦିର ଦ୍ୱାଦଶ ବାର୍ଷିକୋତ୍ସବରେ ସ୍ଥାନୀୟ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ପ୍ରାୟ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।



## ଦେବଗଡ଼ରେ ପ୍ରତିଷ୍ଠା ହେବ ପମ୍ପ ଷ୍ଟୋରେଜ ପ୍ରକଳ୍ପ

**ଭୁବନେଶ୍ୱର, ୧୫।୧(ସମିସ):** ଆଗାମୀ ଦିନରେ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ଜଳଭଣ୍ଡାରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନୂଆ ପମ୍ପ ଷ୍ଟୋରେଜ୍ ପ୍ରକଳ୍ପ ସ୍ଥାପନ ହୋଇପାରେ। ମେସର୍ସ ଏନଏଚ୍‌ପିସି ଲିମିଟେଡ ଏନେଇ ଆଗ୍ରହ ପ୍ରକାଶ କରିଥିବା ବେଳେ ଉକ୍ତ କମ୍ପାନୀକୁ ପ୍ରି-ଫିଜିବିଲିଟି ସର୍ଭେ ପାଇଁ ଅନୁମତି ଦେବାକୁ ଜଳ ସମ୍ପଦ ବିଭାଗ ଆପାତତଃ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ ଯେ ରାଜ୍ୟକୁ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷେତ୍ରରେ ନିବେଶ କରିବାକୁ ନିବେଶକମାନେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି କ୍ରମରେ ମେସର୍ସ ଏନଏଚ୍‌ପିସି ଲିମିଟେଡ ରେଙ୍ଗାଲି ଜଳଭଣ୍ଡାରର ଅପ୍-ଷ୍ଟ୍ରିମ, ଜଳଭଣ୍ଡାରର ତଳମୁଣ୍ଡ ଏବଂ ଅପର ଜଳଭଣ୍ଡାରର ଗୁରାଣ୍ଡିଖୋଲ ନିକଟରେ ପମ୍ପ ଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛି। ସୂଚନା ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଭାବେ ଉକ୍ତ କମ୍ପାନୀକୁ ସର୍ଭେ କରିବାକୁ ଅନୁମତି ପ୍ରଦାନ କରାଯିବ। ସର୍ଭେ ପରେ ଯଦି କମ୍ପାନୀ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୁଏ, ତାହେଲେ ଏହା ସବୁଜ ଶକ୍ତି କ୍ଷେତ୍ରରେ ଆଉ ଏକ ସଫଳତା ହେବ ବୋଲି କୁହାଯାଉଛି।

## ଡିଏଭିରେ ବ୍ୟାସକବି ଫକୀରମୋହନ ଜୟନ୍ତୀ

**ଝାରସୁଗୁଡ଼ା, ୧୫।୧(ସମିସ):** ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଓଡ଼ିଆ ଉପନ୍ୟାସ ଜଗତର ଶ୍ରେଷ୍ଠ ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡିଏଭି ପରିବାର ତରଫରୁ ଫକୀରମୋହନଙ୍କ ପ୍ରତିକୃତୀରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତଭାଷଣ ଦେଇ ଫକୀରମୋହନଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ସାହିତ୍ୟ ସାଧନା, ସୁଦୂରପ୍ରସାରୀ ବିଚକ୍ଷଣ ଚିନ୍ତାଧାରା, ଜାତିପ୍ରେମ ଓ ସ୍ୱାଭିମାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସତ୍ୟନାରାୟଣ ଜେନା ଫକୀରମୋହନଙ୍କ ଜୀବନବୃତ୍ତାନ୍ତ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ମିଶ୍ର, ସୁମନ୍ତ ବେହେରା, ନୀଳିମା ପଟେଲ, ମକ୍ସୁମ ସାହୁ, ପବିତ୍ର ମୋହନ କବି, ତାପସ ସାହୁ, ଚନ୍ଦନ ପଣ୍ଡା, ସୁଶୋଭନ ଭୌମିକ, ବିଜୟ ଦାଶ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ସଭା ସଞ୍ଚାଳନ କରିଥିବାବେଳେ ଶିକ୍ଷକ ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



### ୨୦ତମ ରାଜ୍ୟସ୍ତରୀୟ ରାଧାକୃଷ୍ଣ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବଲାଙ୍ଗିରକୁ ପରାସ୍ତ କରି ସମ୍ବଲପୁର ଚାମ୍ପିଅନ

ଦେବଗଡ଼, ୧୫।୧(ସମିସ)

ରିଆମାଳ ବ୍ଲକ କଣ୍ଢାବାହାଳ ପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୦ତମ ରାଜ୍ୟସ୍ତରୀୟ ରାଧାକୃଷ୍ଣ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଲାଙ୍ଗିରର ବିସିଏକୁ ୯ ଉଇକେଟରେ ପରାସ୍ତ କରି ସମ୍ବଲପୁରର ଏମ୍‌ଏମ୍‌ସିସି ଚାମ୍ପିଅନ ହୋଇଛି। ବଲାଙ୍ଗିରର ବିସିଏ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବାସହ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ଏମ୍‌ଏମ୍‌ସିସି ୧୨.୧ ଓଭରରେ ଆବଶ୍ୟକ ଲକ୍ଷ୍ୟ ପୂରଣ କରିବାସହ ୯ ଓଇକେଟରେ ବିଜୟୀ ହୋଇଥିଲା। ମ୍ୟାଚକୁ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର କେ. ଇନ୍ଦ୍ରଜିତ ପ୍ରସାଦ ଓ ଦେବାଶିଷ ଗୁପ୍ତା ପରିଚାଳନା କରିଥିଲେ। ଅନୀଲ ନାୟକ ଓ ଅମୀୟ ସାହୁ ସ୍କୋରର ଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ କ୍ଲବର ସଭାପତି ବିକାଶ ବେହେରାଙ୍କ ସବାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ଜିଲା ବିଜେପି ସଭାପତି ଅରୁଣ ସାହୁ ଓ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଯୋଗ ଦେଇଥିବା ବେଳେ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ବଲାଙ୍ଗିର ବିସିଏର ଖେଳାଳି ରାହୁଲ ଟପୋଙ୍କୁ ମ୍ୟାନ ଅଫ୍ ଦ ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ସରପଞ୍ଚ ସଂଘର ସଭାପତି ତଥା ଓଡ଼ିଶା ସରପଞ୍ଚ ମହାସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ପାଣି, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ଜିଲା ବିଜେଡି ସଭାପତି ଇଂ ଚିତରଞ୍ଜନ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ନିର୍ମଳ ଦାସ, ମୁନସୁନ ସାହୁ, କୁବେର ପ୍ରଧାନ, ଶରତଚନ୍ଦ୍ର ପ୍ରଧାନ, ସୁକାନ୍ତ ପ୍ରଧାନ ଓ ଗୌପ୍ୟନାରାୟଣ ଗଡ଼ନାୟକ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଇକ ଚୋର ଓ ପୁରୁଣା ୱାରେଣ୍ଟି ଗିରଫ

**ପଦ୍ମପୁର ୧୫ ।୧ (ସମିସ):** "ପଦ୍ମପୁର ପୋଲିସ ପକ୍ଷରୁ ବାଇକ ଚୋର ଓ ପୁରୁଣା ୱାରେଣ୍ଟି ଧର ପକଡ କରାଯାଉଛି ।ଗତ ୧୪ ।୧ ଉପ ଖଣ ଚିକିତ୍ସାଳୟ ପରିସରରୁ ଏକ ବାଇକ ଓଡି ୧୭ ବି ୩୨୯୮କୁ କେହି ଜଣେ ଅଜଣାବ୍ୟକ୍ତି ଚୋରି କରି ଫେରାର ହୋଇଥିଲା ।ଅମାମୁଣା ଗ୍ରାମର ସୌମ୍ୟଜିତ ହାତୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଖୋଲତାଡ ଆରମ୍ଭ କରିଥିଲା ।ସିସି ଟିଭି ଫୁଟେଜ ଓ ମୋବାଇଲ ଟ୍ରାକିଂ ଅନୁସାରେ ଅଭିଯୁକ୍ତ ତେଣାପଦର ଗ୍ରାମର ଖଗେଶ୍ୱର ମହାକୁଡକୁ କେନ୍ଦୁମୁଣା ଠାରେ କାବୁ କରିଥିଲେ ।ଚୋରି କରିଥିବା ବାଇକ ମଧ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ସେହି ପରି ଥାନା ଅଧିକାରୀ ମମତା ନାଏକଙ୍କ ନିର୍ଦ୍ଦେଶକ୍ରମେ ୩ଟି ପୁରୁଣା ୱାରେଣ୍ଟିକୁ ଧରାଯାଇଛି ।ସେମାନେ ହେଲେ ଜମଲାର ରମେଶ ଡୁଙ୍ଗୁରି, ଫଟାମୁଣାର ଚିତ୍ତରଞ୍ଜନ ଗିରି, ଚାରପାଲିର ମୁକେଶ ମେହେର ।

## ଥୁଆପାଲିରେ ମକରସଂକ୍ରାନ୍ତି

**ଥୁଆପାଲି, ୧୫।୧(ସମିସ):** ବରଗଡ଼ ଜିଲ୍ଲା ସଂକ୍ରିଡା ପଞ୍ଚାୟତର ସଂକ୍ରିଡା ବିନ୍ଧ୍ୟବାସିନୀ ପିଠ ଠାରେ ମକରସଂକ୍ରାନ୍ତି ଉପଲକ୍ଷେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ମାଁ ବିନ୍ଧ୍ୟବାସିନୀ ଙ୍କ ନିକଟରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଲକ୍ଷ୍ୟ ପୂରଣ ତଥା ମନୋସ୍କାମନା ପୂର୍ଣ୍ଣ ପାଇଁ ଝଂକର ଉଦ୍ଧବ ଧରେଇ ଓ ପଣ୍ଡିତ ଶଙ୍କର ପ୍ରସାଦ ବେହେରା ପୂଜାର୍ଚ୍ଚନା କରିଥିଲେ । ଏହି ମକରସଂକ୍ରାନ୍ତି ଦିନ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସି ନିଜର ପୂଜାର୍ଚ୍ଚନା କରିଥିଲେ ।

## ସାମ୍ପ୍ରତିକ ଭାରତୀୟ ସମାଜ ଓ ମନୁସ୍ମୃତି ସମ୍ପର୍କିତ ଆଲୋଚନା

**ପଦ୍ମପୁର, ୧୫।୧(ସମିସ):** ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ସୋମବାର ନିଜସ୍ୱ କଲ୍ୟାଣ ମଣ୍ଡପରେ ମନୁସ୍ମୃତି ସମ୍ପର୍କିତ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାହ୍ନୁଚରଣ ଦାଶ ଓ ରଘୁନାଥ ତ୍ରିପାଠୀଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ଡଃ ବାଞ୍ଛାନିଧି ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆଡ୍‌ଭୋକେଟ୍ ଅଜିତ ଶତପଥୀ ଭାରତୀୟ ମନୁସ୍ମୃତି ପରିପ୍ରେକ୍ଷୀରେ ଦଣ୍ଡବିଧି ଆଇନ୍ ଓ ଡଃ ଖ୍ୟାତିମୟ ତ୍ରିପାଠୀ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥା ଉପରେ ତୁଳନାତ୍ମକ ଆଲୋଚନା କରିଥିଲେ । ତ୍ରିବିକ୍ରମ ପାଣିଗ୍ରାହୀ ଓ ଡଃ ଶର୍ମିଳା ପଣ୍ଡା ଉଭୟ ସତ୍ରରେ ସଭାପତିତ୍ୱ କରିଥିବାବେଳେ ଜୟନାରାୟଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ଦିବ୍ୟ କିଶୋର ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆଲୋଚନାଚକ୍ରରେ ବ୍ରାହ୍ମଣ ସମାଜର ପଚାଶ ଜଣ ସଭ୍ୟ ସଭ୍ୟା ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ୱଇନର ବ୍ରାଇଟ ସ୍କୁଲ୍ ପ୍ରଯୋଜନା କରିଥିଲେ ।



### ବିଜେପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

## ବାସୁଦେବ ସଭାପତି, ସୌମ୍ୟରଞ୍ଜନ ସମ୍ପାଦକ

**ବିଜେପୁର, ୧୫।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏମଗଣ୍ଡପାଲି ସ୍ଥିତ ଗୁରୁବାରୀ ମିର୍ଦ୍ଧା ଷ୍ଟାଡିୟମରେ ଆୟୋଜିତ ସମାରୋହରେ ବରିଷ୍ଠ ଶିକ୍ଷକ ହିମାଂଶୁ ଶେଖର ସାହୁ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଭାଗବତ ସାହୁ, ସମ୍ପାଦକ ବାଲାଜୀ ରାଓମୋରେ, ଗୌତମ ବାରିକ, ପଙ୍କଜିନୀ ସାହୁ, ନାରାୟଣ ମେହେର, ନବୀନ ପଧାନ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ ।ଅକ୍ଷୟ ଦାଶ ସରସ୍ୱତୀ ବନ୍ଦନା ଗାନ କରିଥିଲେ । ଭାଗବତ ସାହୁ ସମାରୋହର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ସଂଘର ନିୟମାବଳୀ ବାବଦରେ ପୃଥ୍ୱୀରାଜ ବାରିକ ସମସ୍ତଙ୍କୁ ଅବଗତ କରିଥିଲେ । ପରେ ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବାସୁଦେବ ପଧାନ ସଭାପତି, ଜୟଦେବ ଧରୁଆ ଉପସଭାପତି, ସୌମ୍ୟରଞ୍ଜନ ପଧାନ ସମ୍ପାଦକ, ଶଶିଭୂଷଣ ସାହୁ ସହସମ୍ପାଦକ, ପ୍ରେମରାଜ ପଧାନ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ସେହିପରି ସୀତାରାମ ଦୀପ, ନବୀନ କୁମାର ସାହୁ, ପ୍ରଭାତ ରଞ୍ଜନ ସାହୁ, ସୁନନ୍ଦ ମିଶ୍ର, ପ୍ରଶାନ୍ତ ପଣ୍ଡା, ପ୍ରକାଶ ମାହାଣା, ରାମଚନ୍ଦ୍ର ଭୋଇ, ହୃଦମଣି ସାହୁ, ରାଜେଶ୍ୱର ବେହେରା, ଶାନ୍ତନୁ ମେହେର, ବିଡିଓ ସାହୁ, ସୁବ୍ରତ ନାମଦେଓ, ବିଭୂତି ଭୂଷଣ ସାହୁ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ନବନିର୍ବାଚିତ ସଦସ୍ୟଗଣ ଶପଥ ପାଠ କରିଥିଲେ । ଶିକ୍ଷକ ସୁମନ୍ତ କୁମାର ଗଡ଼ତୀୟା ସଭାକୁ ସଂଯୋଜନା କରିଥିଲେ । ସନ୍ତୋଷ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ଉଦ୍‌ଘାଟିତ ହେବ ହସ୍ତତନ୍ତ ମେଳା

**ବରଗଡ଼, ୧୫।୧(ସମିସ):** ବରଗଡ଼ ଧନୁଯାତ୍ରା ପାଇଁ ଆସନ୍ତା କାଲିଠାରୁ ଆରମ୍ଭ ହେବ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା । ବରଗଡ଼ ମିନି ଷ୍ଟାଡିୟମରେ ୧୬ ଜାନୁଆରୀରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ଏହା ଚାଲିବ । ଉଦ୍‌ଘାଟନୀ ସମାରୋହରେ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବୟନିକା ଏମ୍‌ଡି ପ୍ରଣତି ଛୋଟରାୟ, ଜିଲ୍ଲାପାଳ ମନୀଷା ବାନାର୍ଜୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଯୁବନେତା ସମ୍ବିତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଉତ୍ତର ପ୍ରଦେଶ, ହରିୟାଣା, ଆସାମ, ହରିୟାଣା, ଗୁଜୁରାଟ, ପଣ୍ଡିଚେରୀ, ପଞ୍ଜାବ ସମେତ ବାହାର ରାଜ୍ୟର ବହୁ ବୁଣାକାର ଭାଇମାନେ ନିଜ ନିଜର ଷ୍ଟଲ୍‌ରେ ପ୍ରଦର୍ଶନୀ ସହ ବିକ୍ରି କରିବେ । ଓଡ଼ିଶାର ସମ୍ବଲପୁରୀ ବସ୍ତ୍ରାଳୟ, ବୟନିକା, ଅମ୍ଳାନ ଇତ୍ୟାଦି ବହୁ ରାଜ୍ୟ ଭିତର ଷ୍ଟଲ୍‌ଗୁଡ଼ିକ ଲଗାଇଛନ୍ତି । ବୟନିକା ଅନୁଷ୍ଠାନର ସଂଗ୍ରାମ ମାଝୀ, ପ୍ରବୀଣ କୁମାର ମହାନ୍ତି, ଶ୍ରୀନିବାସ ଖଟୁଆ ପ୍ରମୁଖ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।





## ଦହିତାରେ କିଶୋରୀ ମେଳା

**ଦହିତା, ୧୫।୧(ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ହାଇସ୍କୁଲ ପଡ଼ିଆରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି । ସୁପରଭାଇଜର ସୁଶୀଳା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବାଳିକା ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ପାଣ୍ଡେ, ଦହିତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କିଶୋରୀମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା, ପୁଷ୍ଟିହୀନତା ସଚେତନତା ବିଷୟରେ ଆଲୋଚନା କରାଯାଇଥିଲା । ଏଏନ୍‌ଏମ୍ ସନ୍ତୋଷିନୀ ଭୋଇ ତୁଳସୀ ସେଠ, ସୀତା ମେହେରଙ୍କ ସମେତ ସମସ୍ତ ଅଙ୍ଗନୱାଡି ଆଶାକର୍ମୀ ଏଥିରେ ସହଯୋଗ କରିଥିଲେ ।

### ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ୍ କପ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ଏମ୍‌ଏମ୍‌ସିସି ସମ୍ବଲପୁର

**ପଦ୍ମପୁର, ୧୫।୧(ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡ଼ିଆ ଠାରେ ବୋରାସମ୍ବର ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ଆଜି ତୃତୀୟ ଦିବସରେ ୟୁନିଅନ ସ୍ପୋର୍ଟିଂ କଟକ ଓ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ମ୍ୟାଚ ଆରମ୍ଭରେ ପ୍ରଥମେ କଟକ ଦଳ ଟସ୍ ଜିଣି ବ୍ୟାଟିଂ କରିଥିଲେ । କଟକ ଦଳ ୨୧.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୧ ରନ୍ ସଂଗ୍ରହ କରିଥିଲା । କଟକ ଦଳରୁ ବିନାୟକ ସାହୁ ସର୍ବାଧିକ ୪୩ ରନ କରିଥିଲେ । ଜବାବରେ ସମ୍ବଲପୁର ଦଳ ୯ ୱିକେଟ ହରାଇ ୧୧୬ ରନ ସଂଗ୍ରହ କରି ୧ ୱିକେଟ୍‌ରେ ବିଜୟୀ ହୋଇ ସମ୍ବଲପୁର ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ସମ୍ବଲପୁର ଦଳ ପକ୍ଷରୁ ୱାଲ୍ଟର ଟପ୍ପୁ ୩୮ ରନ କରିଥିଲେ । ସମ୍ବଲପୁର ଦଳର ଦୀନ ଦାଶ ୧୭ ରନ୍‌ରେ ୪ ୱିକେଟ୍ ନେଇଥିଲେ । ପୁରସ୍କାର ବିତରଣ ଅବସରରେ ଅତିଥି ଭାବରେ ପଦ୍ମପୁର ବସ ମାଲିକ ସଙ୍ଘର ସଦସ୍ୟ ଭକ୍ତହରି ମେହେର ଓ ଶିଶୁପାଳ ଦାଶ ଯୋଗଦାନ କରି ଦୀନ ଦାଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କାର ପ୍ରଦାନ କରିଥିଲେ । ଅମ୍ପାୟାର୍ ଶ୍ୟାମସୁନ୍ଦର ପଣ୍ଡା ଓ ବିଶ୍ୱାମ୍ବର ମହାକୁଡ଼ ଖେଳ ପରିଚାଳନା କରିଥିଲେ । ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ୍ ଜୟକିସନ, କୁମାର ଆନନ୍ଦ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ରାଉରକେଲା ଓ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।



## ଅଞ୍ଚଳ କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ

**ପଦ୍ମପୁର, ୧୫।୧ (ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପ୍ରରିକ୍ରମା ପ୍ରକଳ୍ପର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶକ୍ତିସ୍ୱରୁପା ପଣ୍ଡା ସଙ୍ଗୀତ ଗାନ କରିଥିଲେ । ପରେ ଅଧ୍ୟାପକ ଡକ୍ଟର ସରୋଜ କୁମାର ନାଏକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଡକ୍ଟର ପ୍ରମୋଦ କୁମାର ପାଢ଼ୀ, ସମ୍ମାନିତ ଅତିଥି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନା କରିଥିଲେ । ସଭାରେ ଡକ୍ଟର ବିରଞ୍ଚି ସାହୁ, ଖଗେଶ୍ୱର ମହାପାତ୍ର, ତାରା ଶତପଥୀ, ପ୍ରଭାତ ମହାପାତ୍ର, ଶର୍ମିଳା ପଣ୍ଡା, ଜୟ କୁମାର ଭୋଇ, ରୀନା ଧର୍ମ ବିନାଏକ, ମମତାମୟୀ ଗୁରୁ, ସୁରେଶ୍ୱରୀ ପାଣ୍ଡେ ଓ ଛାତ୍ରୀ ଛାତ୍ର ସହଯୋଗ କରିଥିଲେ । ଅଧ୍ୟାପିକ ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।



## ଗାଁକୁ ଗାଁ ବୁଲୁଛି ଅର୍ପଣ ରଥ; ମିଳୁଛି ଗୁଆ ଓ ଅକ୍ଷତ ଚାଉଳ

**ଖପ୍ରାଖୋଲ, ୧୫।୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ନାନ୍ଦୁପଲା ପଞ୍ଚାୟତର ବିଭିନ୍ନ ଗାଁରେ ଜୟଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି । ଏହି ଅବସରରେ ଦୁଡୁମଦର୍ହା ଗାଁରେ ଜୟଜଗନ୍ନାଥ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ସମାରୋହରେ ନାନ୍ଦୁପଲା ପଞ୍ଚାୟତର ସରପଞ୍ଚ ନିଳାଦ୍ରୀ ପୂଜାରୀ, ପିଇଓ କ୍ଷୀରଧର ବରିହା, ସିଆରପି ଡଲି ବିଶ୍ୱାଳ, ଉମେଶ ପୂଜାରୀ, ୱାର୍ଡ ସଭ୍ୟ ଭୁବନେ ଧରୁଆ, ରୋହିତ ଭୋଇ, ଗଜିନ୍ଦ୍ର ପଧାନ, ଗୋପାଳ ପାତ୍ର, କୁଶ ମାଝୀ ଉପସ୍ଥିତ ଥିଲେ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କୀର୍ତ୍ତନ ମଣ୍ଡଳୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ଗ୍ରାମର ପ୍ରତ୍ୟେକ ଲୋକ ଗୋଟେ ମୁଠା ଅରୁଆ ଚାଉଳ ଆଉ ଗୁଆ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ । ଏହି ରଥ ପ୍ରାୟ ଦୁଇ ଦିନ ଧରି ପଞ୍ଚାୟତର ପ୍ରତି ଗାଁରେ ପରିକ୍ରମା କରିବ । ଆଉ ପ୍ରତ୍ୟେକ ଘରୁ ଅରୁଆଚାଉଳ ଓ ଗୁଆ ସଂଗ୍ରହ କରି ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଠାଯିବାର କାର୍ଯ୍ୟକ୍ରମ ରହିଛି ।

**କଣ୍ଟାବାଞ୍ଜି:** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ 'ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ' ଲୋକାର୍ପଣ ଉତ୍ସବ ଅବସରରେ ତୁରେକେଲା ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି । ଏହାଛଡ଼ା ଢୋଲମାନ୍ଦଳ ପଞ୍ଚାୟତରେ ଅର୍ପଣ ରଥକୁ ପୂଜାର୍ଚ୍ଚନା କରି ପଞ୍ଚାୟତର ସମସ୍ତ ଗ୍ରାମକୁ ପହଞ୍ଚିଛି । ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଏହି ଉତ୍ସବରେ ଢୋଲମାନ୍ଦଳ ସମିତି ସଭ୍ୟା ଗୋଲାପୀ ମାଝୀ ଏବଂ ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ ସାମିଲ ଥିଲେ ।



## ଜଳସମ୍ପଦ ବିଭାଗ ଡାକବଙ୍ଗଳାର ଭିତ୍ତିପ୍ରସ୍ତର ସ୍ଥାପନ

**ଟିଟିଲାଗଡ଼, ୧୫।୧(ସମିସ):** ଟିଟିଲାଗଡ଼ ଡିଏଭି କଲେଜ ନିକଟସ୍ଥ ଜଳସମ୍ପଦ ବିଭାଗ ପରିସରରେ ବିଧାୟିକା ତଥା ବାଣିଜ୍ୟ, ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏକ ନୂତନ ଡାକବଙ୍ଗଳାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଏହି ଡାକବଙ୍ଗଳା ନିର୍ମାଣରେ ୧କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୧ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସଂଯୁକ୍ତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ଗୀତ ବିଶି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାରତ ତାଣ୍ଡି, ପୂର୍ବତନ ସରପଞ୍ଚ ଲଳିତ ସାହୁ, ବିଜେଡିର ବରିଷ୍ଠ ନେତା କିଶୋର ସାହୁ, ରାଜେଶ ପ୍ରଧାନ ଓ କାଉନସିଲର ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ସ୍କୁଲରେ ଉନ୍ମତ୍ତକାଣ୍ଡ କରି ଯୁବକ ଗିରଫ

**ଟିଟିଲାଗଡ଼, ୧୫।୧(ସମିସ):** ଟିଟିଲାଗଡ଼ ଥାନା ଅନ୍ତର୍ଗତ ବାଙ୍କେଲ ଗାଁ ସ୍କୁଲରେ ଜଣେ ନିଶାସକ୍ତ ଯୁବକର ଛାତ୍ରମାନଙ୍କୁ ଆକ୍ରମଣ କରି ପୁଲିସ ଦ୍ୱାରା ଗିରଫ ହୋଇଛି । ଅପରାହ୍ନ ୧ ଟା ସମୟରେ ଗାଁର ସୁରେନ୍ଦ୍ର କୁମ୍ଭାର ସ୍କୁଲ ଭିତରକୁ ଆସି ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ମାଡ଼ ମାରି ଫେରାର ହେଇଯାଇଥିଲା । ଛଅ ଜଣ ଛାତ୍ରଙ୍କୁ ଟିଟିଲାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ଜଣେ ଛାତ୍ରର ହାତ ଭାଙ୍ଗିଥିବା ବେଳେ ଅନ୍ୟ ଜଣେ ଛାତ୍ରର କାନରୁ ରକ୍ତସ୍ରାବ ହୋଇଥିଲା । ଏହି ଘଟଣା ନେଇ ଗାଁରେ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଛି । ଟିଟିଲାଗଡ଼ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁରେନ୍ଦ୍ରକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି ।



# ପୋଲରୁ ବାଇକ୍ ଖସି ଝିଅାରୀ ମୃତ, ଦାଦା ଗୁରୁତର

**ଷଠିପୁର,୧୫ ।୧(ସମିସ):** ବାଇକ୍ ସହ ପୋଲ ତଳକୁ ଖସି ପଡ଼ିଲେ ଦାଦା-ଝିଅାରୀ । ଯାଜପୁର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ମାଧପୁର ପୋଲ ନିକଟରେ ଏହି ଅଘଟଣ ଘଟିଛି । ଏଥିରେ ଝିଅାରୀର ମୃତ୍ୟୁ ହୋଇଥିବା ବେଳେ ଦାଦା ଗୁରୁତର ଆହତ ହୋଇଛି । ମୃତ ନାବାଳିକା ହେଲା, ଷଠିପୁର ଅଞ୍ଚଳର ଦୀପୁ ମୁଣ୍ଡାଙ୍କ ଝିଅ ତାରିଣୀ ମୁଣ୍ଡା (୭) । ଦାଦା ବାଙ୍ଗୁରୁ ମୁଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଦାଦା-ଝିଅାରୀ କୋରେଇ ବ୍ଲକ୍ ରାମେଶ୍ୱର ବୁଲିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ଅବଶିଷ୍ଟାଂଶ...

### ବେଦଜ୍ଞଙ୍କ ଦେବ...

ବୈଷ୍ଣବାଗ୍ନି ସଂସ୍କାର କରାଯାଇ ଆରମ୍ଭ ହୋଇଥିଲା ମହାଯଜ୍ଞ । ଅଗ୍ନି ସଂସ୍କାର ପରେ ଗୋଟିଏ କୁଣ୍ଡରୁ ଅନ୍ୟ ଗୁଣ୍ଡମାନଙ୍କୁ ବୈଷ୍ଣବାଗ୍ନି ନିଆଯାଇଥିଲା । ମୁଖ୍ୟ ଯଜ୍ଞ କୁଣ୍ଡରେ ୪ ଜଣ ଓ ଅନ୍ୟ ଚାରିପାର୍ଶ୍ୱ ଯଜ୍ଞ ଗୁଣ୍ଡରେ ଜଣେ ଲେଖାଏଁ ଆହୁତି ପ୍ରଦାନ କରିଥିଲେ । ପରେ ବରଣ ବ୍ରାହ୍ମଣଙ୍କ ଦ୍ୱାରା ଆରତି, ପୁଷ୍ପାଞ୍ଜଳି ଓ ପ୍ରଦକ୍ଷିଣ କରାଯାଇଥିଲା ।

ଅନ୍ୟପକ୍ଷରେ ସୋମବାରଠାରୁ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାଠ ଆରମ୍ଭ ହୋଇଛି । ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମଣ୍ଡପରେ ୬୦ ଜଣ ବେଦଜ୍ଞ ପଣ୍ଡିତ ବେଦ ପାଠ କରୁଛନ୍ତି । ପୂର୍ବ ବା ସିଂହଦ୍ୱାରରେ ଋକ୍ ବେଦ, ପଶ୍ଚିମ ଦ୍ୱାରରେ ସାମ୍ ବେଦ, ଉତ୍ତର ଦ୍ୱାରରେ ଅଥର୍ବ ବେଦ ଓ ଦକ୍ଷିଣ ଦ୍ୱାରରେ ଯଜୁର୍ବେଦ ପାଠ କରାଯାଉଛି । ପ୍ରତ୍ୟେକ ମଣ୍ଡପରେ ୧୫ ଜଣ ଲେଖାଏ ବେଦ ପାଠ କରୁଛନ୍ତି । ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସଙ୍କୀର୍ତ୍ତନ ଆରମ୍ଭ ହୋଇଛି । ଅନ୍ତଃପ୍ରଦକ୍ଷିଣ ପଥରେ ପ୍ରାୟ ୧୦୦ ଜଣ ନାମ ସଂକୀର୍ତ୍ତନ କରି ଏକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି କରିଛନ୍ତି । ସେହିପରି ଶିଳାନ୍ୟାସ ଫଳକର ଦକ୍ଷିଣ ପାର୍ଶ୍ୱରେ ରହିଥିବା ଲୋକାର୍ପଣ ଫଳକର ସଂସ୍କାର କରି ଏହାକୁ କନା ଦ୍ୱାରା ଆବୃତ୍ତ କରାଯାଇଛି ।

ମହାଯଜ୍ଞର ଦ୍ୱିତୀୟ ଦିନରେ ମଙ୍ଗଳବାର ସକାଳ ସାଢେ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳ ପୂଜା, ହବନ, ଆରତି, ପୁଷ୍ପାଞ୍ଜଳି ଓ ପ୍ରଦକ୍ଷିଣ, ସକାଳ ସାଢେ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଙ୍କୀର୍ତ୍ତନ କରାଯିବ ।

### ସମସ୍ତଙ୍କ ସହଯୋଗ...

କାମନା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିକଳ୍ପନାର ଉଦ୍ଦେଶ୍ୟ ସମ୍ପର୍କରେ ଶ୍ରୀ ପାଣ୍ଡିଆନ ସମସ୍ତଙ୍କୁ ଅବଗତ କରିଛନ୍ତି । ପରିକ୍ରମା ହେଉଛି ପାପକ୍ଷୟ କରିବାର ଏକ ସୁନ୍ଦର ତଥା ଶ୍ରେଷ୍ଠ ଉପାୟ । ପୂର୍ବରୁ ଶ୍ରଦ୍ଧାଳୁଙ୍କ ପାଇଁ ଏହିସବୁ ସୁବିଧା ନ ଥିଲା । ଏହି ପ୍ରକଳ୍ପ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଶ୍ରଦ୍ଧାଳୁମାନେ ନାମ, ସଂକୀର୍ତ୍ତନ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିପାରିବେ । ସେହିପରି ରଥଯାତ୍ରା, ସୁନାବେଶ ସମେତ ମହାପ୍ରଭୁଙ୍କର ବହୁ ପର୍ବପର୍ବାଣିରେ ଶ୍ରଦ୍ଧାଳୁମାନେ ପରିକ୍ରମା ପ୍ରକଳ୍ପରେ ବସି ନୂଆ ଅନୁଭୂତି ପାଇପାରିବେ ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ । ଏହାଦ୍ୱାରା ଶ୍ରୀମନ୍ଦିରର ସୁରକ୍ଷା ସୁନିଶ୍ଚିତ ହୋଇ ପାରିବ ବୋଲି ସେ ଉଲ୍ଲେଖ କରି ଶ୍ରୀସେତୁ, ଶ୍ରୀମାର୍ଗ ଉପରେ ମଧ୍ୟ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଛନ୍ତି । ଏଣିକି ଭକ୍ତମାନେ ସହଜରେ ଶ୍ରୀମନ୍ଦିରରେ ପହଞ୍ଚି ପାରିବେ ବୋଲି ସେ କହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ସମ୍ପର୍କରେ ରାଜ୍ୟସଭା ସାଂସଦ ମାନସ କୁମାର ମଙ୍ଗରାଜ କହିଛନ୍ତି ଯେ ଆସନ୍ତା ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି । ଏହାର ଅବ୍ୟବହିତ ପୂର୍ବରୁ ବରିଷ୍ଠ ସେବାୟତ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅଧିକାରୀଙ୍କ ସହ '୫-ଟି' ଅଧ୍ୟକ୍ଷ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଆଲୋଚନା ବେଶ୍ ସକରାତ୍ମକ ହୋଇଛି । ମହାପ୍ରଭୁଙ୍କର ଏତେବଡ଼ କାମରେ ସମସ୍ତେ ସହଯୋଗ କରିବେ ବୋଲି ସହମତି ଦେଇଛନ୍ତି । ତେବେ ଏହି ଅବସରରେ ଗଣମାଧ୍ୟମର ସମସ୍ତ ପ୍ରତିନିଧିଙ୍କୁ ମହାପ୍ରଭୁଙ୍କ କାମରେ ସହଯୋଗ ପାଇଁ ଅନୁରୋଧ କରିଛନ୍ତି ରାଜ୍ୟସଭା ସାଂସଦ ଶ୍ରୀ ମଙ୍ଗରାଜ ।

### ୨୫୯୮ କୋଟିରେ...

ଅର୍ଥ ଯୋଗାଇ ଦିଆଯିବ । ୨୦୨୩-୨୪ରୁ ୨୦୨୭-୨୮ ବର୍ଷ ମଧ୍ୟରେ ସମୁଦାୟ ୨୫୬୭୯.୩୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ସରକାର ବଜେଟ ଅନୁଦାନରୁ ୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଗର୍ଭବତୀ ମହିଳା, ବାଳିକା, ୬ ବର୍ଷରୁ କମ୍ ବୟସର ଶିଶୁଙ୍କଠାରେ ଅପପୁଷ୍ଟି ଦୂର ପାଇଁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ସରକାରଙ୍କ ନିକଟରେ ପ୍ରସ୍ତାବ ଆଗତ କରିଥିଲା । ଯୋଜନା ଅନୁସାରେ ହିତାଧିକାରୀଙ୍କୁ ସ୍ୱତନ୍ତ୍ର ପୁଷ୍ଟି ପ୍ୟାକେଜ ଦିଆଯିବ । ଗର୍ଭବତୀ, ରୋଗଗ୍ରସ୍ତ ମହିଳା ମାନଙ୍କ ପାଇଁ ଅତିରିକ୍ତ ରାସନ ଦିଆଯିବ । ସେହିପରି କମ୍ ଓଜନ ଥିବା ଶିଶୁଙ୍କ ପାଇଁ ଗୋଷ୍ଠୀ ପରିଚାଳନା ଜରିଆରେ ଖାଦ୍ୟ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଛି । ହିତାଧିକାରୀଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲିକାଭୁକ୍ତ କରାଯିବ । ଓମ୍ବାଡସି ପାଣ୍ଠିରୁ ୭୮ଟି ଆଇସିଡିଏସ୍ ପ୍ରକଳ୍ପରେ ସମୁଦାୟ ୧୬୧୫୫୦ ବାଳିକା, ୧୮୪୦୦୦ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା ଏବଂ ୬୦୦୦ ପୁଷ୍ଟିହୀନ ଶିଶୁଙ୍କୁ ସାମିଲ କରାଯିବ । ପୂର୍ବରୁ ୧୫ରୁ ୧୯ ବର୍ଷର କିଶୋରୀମାନଙ୍କ ପାଇଁ ୩୩୮ ଆଇସିଡିଏସ୍ ପ୍ରକଳ୍ପରେ କାର୍ଯ୍ୟକାରୀ ହେଉଥିବା କିଶୋରୀ ମେଳା ଜାରି ରହିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ଜାତୀୟସ୍ତରରେ ୫ ବର୍ଷ ବୟସ ପର୍ଯ୍ୟନ୍ତ ୩୨% ଶିଶୁ ଅପପୁଷ୍ଟିର ଶିକାର ଥିବା ବେଳେ ଓଡ଼ିଶାରେ ଏହି ହାର ୨୯.୭% ରହିଛି । ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ କାର୍ଯ୍ୟାନ୍ୱୟନରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି । ତେବେ ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, ରାୟଗଡ଼ା, ନୂଆପଡ଼ା, ବଲାଙ୍ଗିର ଆଦି ଜିଲ୍ଲାରେ ଅପପୁଷ୍ଟି ହାର ଅଧିକ ରହିଛି । ଅପପୁଷ୍ଟି ଦୂର ପାଇଁ ରାଜ୍ୟର ୭୩ ହଜାର ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି । ଏହା ସହିତ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ମାନଙ୍କ ମାଧ୍ୟମରେ ଶିଶୁ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଜର ରଖାଯାଉଛି ।

### ଦୁଇ ବର୍ଷରେ...

ବୃଦ୍ଧି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ନିକଟରେ ସୁପ୍ରିମ୍ କୋର୍ଟ କହିଛନ୍ତି । ସୋଲାସିୟମ୍ ଫଣ୍ଡ ରାଶି ପାଇବା ଲାଗି ଆବେଦନ ଅବଧି ୬ ମାସ ଥିବା ବେଳେ ସରକାର ଏହାକୁ ୧ ବର୍ଷକୁ ବୃଦ୍ଧି କରିଛନ୍ତି ।

ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦଙ୍କ କହିବା ଅନୁସାରେ ଅଜଣା ଗାଡ଼ି ଧକ୍କାରେ ମୃତାହତଙ୍କୁ କ୍ଷତିପୂରଣ ଦେବା ଲାଗି ସରକାର ବ୍ୟବସ୍ଥା କରିଛନ୍ତି । କିନ୍ତୁ ହିତାଧିକାରୀଙ୍କ ପାଖରେ ଏହି ସୁବିଧା ପହଞ୍ଚି ପାରୁ ନାହିଁ । ଏହାର ବଡ଼ କାରଣ ହେଉଛି ଏହି କ୍ଷତିପୂରଣ ରାଶି ସମ୍ପର୍କରେ ସୂଚନାର ଅଭାବ । ଦୁର୍ଘଟଣା ପରେ ମୃତାହତଙ୍କ ସମ୍ପର୍କିୟଙ୍କୁ ସୋଲାସିୟମ୍ ଫଣ୍ଡ ସମ୍ପର୍କରେ ପୁଲିସ୍ ସୂଚନା ଦେବାର ଅବହେଳା କରୁଛି । ସେହିପରି କୌଣସି ସ୍ଥାନରେ ବି ଏହି ସୁବିଧା ସମ୍ପର୍କରେ ଗୋଟିଏ ବି ସୂଚନା ଫଳକ ନାହିଁ । ଡାକ୍ତରଖାନାରେ ମଧ୍ୟ ହିତାଧିକାରୀଙ୍କୁ ଏହି ଯୋଜନା ସମ୍ପର୍କରେ ସୂଚନା ଦିଆଯାଉ ନାହିଁ । ଅପରପକ୍ଷେ ହିଟ୍ ଆଣ୍ଡ ରନ୍ ମାମଲାର ଆବେଦନ ଗ୍ରହଣ ଠାରୁ ନେଇ ତଦନ୍ତ ରିପୋର୍ଟ ଦେବା ପର୍ଯ୍ୟନ୍ତ ଦାୟିତ୍ୱ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି । କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଧିକାରୀ ନିୟମ ସମ୍ପର୍କରେ ଜାଣି ନାହାନ୍ତି । ସେହିପରି ସେମାନଙ୍କ ଉପରେ ବ୍ୟାପକ କାର୍ଯ୍ୟଭାର ରହୁଥିବାରୁ ଆବେଦନ ଉପରେ ଅନୁସନ୍ଧାନ ଓ ରିପୋର୍ଟ ପ୍ରସ୍ତୁତ କରିବାରେ ବହୁ ବିଳମ୍ବ ହେଉଛି । ତେଣୁ ବିଧିବ୍ୟବସ୍ଥାରେ ପରିବର୍ତ୍ତନ କରିବା ସହିତ ଲୋକଙ୍କୁ ଏତେ ଭଲ ଯୋଜନା ସମ୍ପର୍କରେ ଅବଗତ କରାଯିବା ଜରୁରୀ ବୋଲି ଶ୍ରୀ ନନ୍ଦ କହିଛନ୍ତି ।

# ଆଜିଠାରୁ ପାଣି ପଞ୍ଚାୟତ ପକ୍ଷ ପାଳନ

- ଜାନୁଆରୀ ୩୦ ଯାଏଁ ଚାଲିବ କାର୍ଯ୍ୟକ୍ରମ
- ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ତୁଲାଉଛି ଗୁରୁତ୍ୱପୂର୍ଣ୍ଣ ଭୂମିକା

**ଭୁବନେଶ୍ୱର,୧୫ ।୧(ସମିସ):** ରାଜ୍ୟରେ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୪ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ରାଜ୍ୟରେ ଥିବା ବୃହତ୍, ମଧ୍ୟମ, କ୍ଷୁଦ୍ର ଏବଂ ଉଠା ଜଳସେଚନ ଅନ୍ତର୍ଭୁକ୍ତ ୧୧୭ଟି ଜଳସେଚନ ଡିଭିଜନରେ ଡିଭିଜନସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଆସନ୍ତା ୨୪ ତାରିଖରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଓ ୩୦ ରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସମ୍ପର୍କରେ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ସୂଚନାଯୋଗ୍ୟ ଯେ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ଓ କୃଷକମାନଙ୍କର ମୂଲ୍ୟବାନ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିବାରେ ପାଣି ପଞ୍ଚାୟତ ପକ୍ଷ ସୁଯୋଗ ପ୍ରଦାନ କରୁଛି ।

ସୂଚନା ଅନୁଯାୟୀ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ପାଣି ପଞ୍ଚାୟତ ସମବେଶ, ସୂଚନା, ଶିକ୍ଷା ଓ ଯୋଗାଯୋଗ, ଜଳର ସାମାଜିକ ବ୍ୟବହାରିକ ପରିବର୍ତ୍ତନ ଆଦି ସମ୍ପର୍କିତ କାର୍ଯ୍ୟକ୍ରମକୁ ନେଇ ପ୍ରଦର୍ଶନୀ, ପାଣି ପଞ୍ଚାୟତ ରଥ ପରିଭ୍ରମଣ ଜରିଆରେ ସୂଚନା ପ୍ରଦାନ ଓ ସଚେତନତା ବାର୍ତ୍ତା ଆଦିର ପ୍ରଚାର ପ୍ରସାର ବ୍ୟାପକ ଭାବେ କରାଯିବ । ପୁସ୍ତିକା ବଣ୍ଟନ, ବ୍ୟାନର ଓ ଲୋଗୋ ପ୍ରଦର୍ଶନ, ସ୍ଲୋଗାନ, ଟ୍ୟାଗ୍ ଲାଇନ୍ ବ୍ୟବହାର ସହ, ସଙ୍ଗୀତ, ଶପଥ ପାଠ ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

ସୂଚନାଯୋଗ୍ୟ ଯେ ୧୯୯୫-୨୦୦୨ ମସିହାରେ ରାଜ୍ୟରେ ପ୍ରାୟ ୭୦୦ଟି ଜଳ ଉପଭୋକ୍ତା ସଂଘ ଥିବା ବେଳେ ଏବେ ଗଠିତ ୩୯, ୨୮୯ରୁ ଅଧିକ ପାଣି ପଞ୍ଚାୟତକୁ ନେଇ ରାଜ୍ୟରେ ପାଣି ପଞ୍ଚାୟତ ଆନ୍ଦୋଳନ ବହୁ ଆଗକୁ ବଢ଼ିଛି । ଇତିମଧ୍ୟରେ ଓଡ଼ିଶା ପାଣି ପଞ୍ଚାୟତ ଆଇନ, ୨୦୦୨ରେ ସଂଶୋଧନ କରାଯାଇ ଏଥିରେ କିପରି ଅଧିକରୁ ଅଧକରୁ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ମଧ୍ୟରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ପାଣି ପଞ୍ଚାୟତ ଗଠନ; ପାଣି ପଞ୍ଚାୟତରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ଚାଷ ଜମି ଥିବା କୃଷକଙ୍କ ଜୀବନସାଥୀଙ୍କୁ ଅନ୍ତର୍ଭୁକ୍ତ କରିବା ଇତ୍ୟାଦି ରହିଛି । ଜଳ ସମ୍ପଦ ବିଭାଗରେ ପାଣି ପଞ୍ଚାୟତର ସଠିକ୍ କାର୍ଯ୍ୟକାରିତା ଏବଂ କ୍ଷେତ୍ର ପ୍ରଣାଳୀ ଭଳି ଭିତ୍ତିଭୂମିର ରିଅଲ ଟାଇମ୍ ମନିଟରିଂ ପାଇଁ ଆରମ୍ଭ ହୋଇଥିବା ୱେବ୍ ଏବଂ ମୋବାଇଲ ଆପ୍ ଆଧାରିତ ଆପ୍ଲିକେସନ୍ ଇ-ସିଏଡି ସେଚାଞ୍ଚଳରେ ଜଳ ବ୍ୟବହାର ତଥା ଜଳ ପରିଚାଳନାକୁ ସହଜ କରିବା ସହିତ ବ୍ୟବସ୍ଥାରେ ଉନ୍ନତି ଆଣିଛି ।

**ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ**

# ଓଡ଼ିଆ ଭାଷା, ଜାତୀୟ ଜୀବନର ବିକାଶ ପାଇଁ ଉତ୍ସର୍ଗୀକୃତ ଥିଲେ ଫକୀରମୋହନ



**ଭୁବନେଶ୍ୱର,୧୫ ।୧ (ସମିସ):** ବ୍ୟାସକବି ଫକୀରମୋହନ ସେନାପତି ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି, ଓଡ଼ିଆ ସାମାଜିକ ଜୀବନର ବିକାଶ ତଥା ଓଡ଼ିଆର ନିଜସ୍ୱ ପରିଚୟ ସୃଷ୍ଟି ପାଇଁ ଆଜୀବନ ସଂଗ୍ରାମ କରିଥିଲେ । ଏକାଧାରେ ସେ ଜଣେ କୃତୀ ଶିକ୍ଷକ, ପାଠ୍ୟପୁସ୍ତକ ରଚୟିତା, ପତ୍ରିକା ସମ୍ପାଦକ ଏବଂ ସାହିତ୍ୟସ୍ରଷ୍ଟା ଥିଲେ । ସମସ୍ତ ଜୀବନକାଳ ସେ ଓଡ଼ିଆ ଭାଷା, ଓଡ଼ିଆ ଜାତୀୟଜୀବନର ବିକାଶ ପାଇଁ ଉତ୍ସର୍ଗ କରିଥିଲେ । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଜୟଦେବଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରଫୁଲ୍ଲ ସାମଲ କହିଲେ ଯେ ଫକୀରମୋହନ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ । ମୌଳିକ ଚିନ୍ତା, ମୌଳିକ ସୃଷ୍ଟି, ଓଡ଼ିଆ ଜନଜୀବନର ବାସ୍ତବ ଚିତ୍ର, ଚରିତ୍ର ଓ ଭାଷାକୁ ଏକାଠି କରି ସେ ଯେଉଁ ଅନବଦ୍ୟ ସାହିତ୍ୟକୃତି ସୃଷ୍ଟି କରିଯାଇଛନ୍ତି, ସେଥିପାଇଁ ସେ ଏ ଜାତିର ଚିରନମସ୍ୟ ହୋଇ ରହିବେ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବ୍ୟାସକବି ଫକୀରମୋହନ କେବଳ ଓଡ଼ିଆ ସାହିତ୍ୟ ନୁହେଁ, ଭାରତୀୟ ସାହିତ୍ୟରେ ଏକ ବିରଳ ଦୃଷ୍ଟାନ୍ତ । ତାଙ୍କର ସାହିତ୍ୟ ସୃଷ୍ଟି ଆଜି ଭାରତର ବିଭିନ୍ନ ଭାଷାରେ ଅନୁଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି । ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ସଂଘମିତ୍ରା ମିଶ୍ର, ସଂସଦର ସାଧାରଣ ସମ୍ପାଦକ ଡ. ବିଜାଜ ମୋହନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଓ ସଂସଦର ସଭାପତି ଜୀବନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ସୂଚନା ଅଧିକାରୀ ତନୁଜା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଆବାହକତ୍ୱରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭାଗର ଅଧିକାରୀଙ୍କ ସହ କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।


**CBSE BOARD EXAMINATION (2023-24)**
**PROBABLE QUESTION PAPER**
**CLASS-X, SUB: SOCIAL SCIENCE**

**SECTION-A**

1. The resolution of Purna Swaraj was adopted at which congress session?
(a) Bombay (b) Lahore. (c) Karachi (d) Madras
2. Khilafat Committee was formed in 1919 in the city of
(a) Bombay (b) Calcutta (c) Lucknow (d) Amritsar
3. The first great revolution which gave the clear idea of nationalism with its core words: 'Liberty, Equality and Fraternity' was:
(a) The Russian Revolution (b) The French Revolution
(c) The American Revolution (d) India's First War of Independence
4. The French revolutionaries declared that the mission and destiny of the French nation was
(a) to conquer the people of Europe.
(b) to liberate the people of Europe from despotism.
(c) to strengthen absolute monarchies in all the countries of Europe.
(d) to propagate the ideals of liberty, equality, and fraternity in every part of the world
5. The main theme of the book 'Chhoteaur Bade Ka Sawal' written by Kashibaba, a Kanpur mill worker, was:
(a) The life of the elite upper castes.
(b) The link between caste and class exploitation.
(c) Restrictions on the Vernacular Press.
(d) Injustices of the caste system.
6. The Civil Code of 1804 in France is usually known as:
(a) The French Revolutionary Code (b) Napoleonic Code
(c) European Imperial Code (d) The French Civil Code
7. Power sharing is desirable because it helps:
(a) To increase pressure on government. (b) To reduce possibilities of conflicts.
(c) To generate awareness among people. (d) To increase percentage of voters.
8. In federalism, power is divided between various constituent units and:
(a) central authority (b) states
(c) both (a) and (b) (d) none of the above
9. Mobilising and securing political support has brought new consciousness among the lower castes.
(a) A and C (b) A and D (c) B and C (d) B and D
10. Which of these values have the moral and legal sanctions in a democracy?
(a) Gender equality (b) Caste-based equality
(c) Economic equality (d) Both (a) and (b)
11. Assertion (A): In a democracy, everyone has voice in the shaping of public policies.
Reason: India has federal system.
(a) Both A and R are true and R is the correct explanation of A.
(b) Both A and R are true , but R is not the correct explanation of A
(c) A is true, but R is false
(d) A is false, but R is true
12. The famous Beej Bachao Andolan took place in ___.
(a) Maharashtra (b) Madhya Pradesh
(c) Uttarakhand (d) Punjab
13. Which of the following statements is true regarding renewable resources?
(a) Renewable resources are replenished by the nature over a period of time.
(b) Renewable resources are available only in the developed nations.
(c) Renewable resources are in abundance.
(d) They are fixed and are bound to get exhausted.
14. Which of the following indicators is not used to calculate the Human Development Index?
(a) Life expectancy (b) Education
(c)Health status of people (d) Social inequality
15. Assertion - Rabi crops are sown at the start of the winter and harvested in spring.
Reason – Rabi crops are grown in Punjab, Haryana, Himachal Pradesh.
(a) Both A and R are true and R is the correct explanation of A.
(b) Both A and R are true , but R is not the correct explanation of A
(c) A is true, but R is false
(d) A is false, but R is true
16. Assertion- Rohan works five days a week receives his salary on the last day of each month and gets medical benefits from his firm.
Reason –Rohan is working in an organised sector.
(a) Both A and R are true and R is the correct explanations of A
(b) Both A and R are true , but R is not the correct explanation of A
(c) A is true but R is false
(d) A is false but R is true
17. Which one of the following is the newer way of providing loans to the rural poor , particularly women ?
(a) Cooperative banks (b)Grameen banks
(c) Self Help Groups f (d) Money lenders
18. Limestone is the basic raw material of ___
(a) Paper Industry (b) Cement Industry
(c)Textile Industry (d) Sugar Industry
19. Underground tanks seen in Rajasthan to store rainwater for drinking is called
(a) Tankas (b) Khadin (c) Ponds (d) Kuls
20. Which of the following activity is in the tertiary sector?
(a) Banking (b) Farming (c) Industrial (d) Animal husbandry

**SECTION - B (2 Marks)**

21. Explain 2 ways to reduce industrial pollution .
22. Explain the term feminist.
23. Describe the role of Alluri Sitaram Raju in Andhra Pradesh during the 1920s.
24. Highlight the inherent problem in double coincidence of wants.
25. Explain the term liberalisation.

**SECTION-C (3 Marks)**

26. Legislative powers between the Union Government and the State Governments. Who can make laws on the subjects which are not covered under these lists and what name has been given to such subjects?
27. Highlight the role of Otto Von Bismarck in the making of Germany.
28. Elaborate the adverse effects and limitations of multipurpose projects.
29. Explain any 3 characteristics of plantation agriculture.

**SECTION-D (5 Marks)**

30. There is an urgent need to develop a sustainable path of energy development. Explain it.
31. Name the Indian Industry with the highest employment rate .Why it only contributes a quarter of the nation's GDP?
32. Explain any three consequences of the majoritarian policies adopted by the Sri Lankan government.
33. Explain how print culture assisted the growth of nationalism in India.

**SECTION-E (4 Marks)**

34. **Read the given text and answer the following questions:**
The biological loss is strongly correlated with the loss of cultural diversity. Such losses have increasingly marginalized and impoverished many indigenous and other forest-dependent communities, who directly depend on various components of the forest and wildlife for food, drink, medicine, culture, spirituality, etc. Within the poor, women are affected more than men. In many societies, women bear the major responsibility of collection of fuel, fodder, water and other basic subsistence needs. As these resources are depleted, the drudgery of women increases and sometimes they have to walk for more than 10 km to collect these resources. This causes serious health problems for women and negligence of home and children because of the increased hours of work, which often has serious social implications.
The indirect impact of degradation such as severe drought or deforestation-induced floods, etc. also hits the poor the hardest.
(i)Mention the importance of forests in our life. (2)
(ii) How does biological loss of forest and wildlife correlate with the loss of cultural diversity? (2)
35. **Read the given text and answer the following questions:**
For comparing countries, their income is considered to be one of the most important attributes. Countries with higher income are more developed than others with less income. This is based on the understanding that more income means more of all things that human being needs. Whatever people like, and should have, they will be able to get with greater income. So, greater income itself is considered to be one important goal. The total income of a country is the income of all the residents of the country. However, for comparison between countries total income is not such a useful measure. Since countries have different population, comparing total income will not tell us what an average person is likely to earn. Are people in one country better off than others in a different country? Hence, we compare the average income which is the total income of a country divided by its total population. The average income is also called per capita income.
(i) What is the most important attribute for comparing development of different countries? (1)
(ii) Analyse the cause of ineffectiveness of national income as a measure to compare development of countries. (2)
(iii) How can per capita income be derived? (1)
36. **Read the given text and answer the following questions:**
Current forms of currency include paper notes and coins. Unlike previous forms of currency, modern money is not made of precious metals such as gold, silver, and copper. Additionally, it is not a commodity like grain or cattle that has practical use. Modern currency has little intrinsic value. However, it is accepted as a medium of exchange because it is authorized by the government.
In India, the Reserve Bank of India is responsible for issuing currency notes on behalf of the government. According to Indian regulations, no other individual or organization is allowed to issue currency. Furthermore, the law recognizes the use of the rupee as a form of payment that cannot be refused in India. No individual in India can legally reject a payment made in rupees. Therefore, the rupee is widely accepted as a medium of exchange.
A cheque is a written document instructing the bank to transfer a specific amount from the account of the individual to the person named on the cheque. Therefore, it is evident that demand deposits possess the essential characteristics of currency. The availability of checks against demand deposits enables the settlement of payments without the direct use of physical currency.
(i) What do you understand by demand deposit in Bank ? (2)
(ii) How demand deposit and cheque system are interlink to each other. Explain (2)

***** *All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1.b | 2.a | 3. b | 4.b | 5.b | 6. b | 7.b | 8. a | 9.a | 10. d |
| 11. c | 12.c | 13. a | 14.d | 15.b | 16.a | 17.c | 18.b | 19.a | 20.a |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

## ଆଜିର ଇତିହାସ

- ୧୭୬୧: ଇଂରେଜମାନେ ଫ୍ରାନ୍ସ କବ୍‌ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ ।
- ୧୯୩୮ : ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ ।
- ୧୯୮୯: ସୋଭିଏତ ସଂଘ ଦ୍ୱାରା ମଙ୍ଗଳ ଗ୍ରହ ପାଇଁ ଦୁଇ ବର୍ଷ ମାନବ ଅଭିଯାନ ଯୋଜନା ଘୋଷଣା କଲା ।
- ୨୦୦୩: ଦ୍ୱିତୀୟ ଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା ।

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ । ଆପଣଙ୍କ ପାଇଁ ସମୟ ବହୁତ ଭଲ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଧନ ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି । କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କ ଠାରୁ ପ୍ରଶଂସିତ ହେବେ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ଆର୍ଥିକ ମାମଲାରେ ସାବଧାନ ରହିବେ । କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ । ଅକସ୍ମାତ୍ ଧନ ଲାଭ ଯୋଗ ରହିଛି । ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ । ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ । ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି ।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ । ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ । ସମୟର ସଦୁପଯୋଗ କରନ୍ତୁ । ମାତାପିତାଙ୍କ କଥାକୁ ପାଳନ କରନ୍ତୁ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ । ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ । ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ । ପିଲାମାନେ ଖେଳକୁଦରେ ସମୟ ବିତାଇବେ । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ । ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି । ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ । ଦିନଟି ବେଶ୍ ହସଖୁସିରେ ବିତିବ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ । ଆର୍ଥିକ ସମସ୍ୟା ରହିବନି । ଅନ୍ୟକୁ ଉଧାର ଦେଇ ଠକି ଯାଇପାରନ୍ତି । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।



## କ୍ଷତିକାରକ ରୁମ୍‌ହିଟର୍

ଥଣ୍ଡାରୁ ରକ୍ଷା ପାଇବା ପାଇଁ ଏବେ ଲୋକମାନେ ଘରେ ରୁମ୍ ହିଟର, ବ୍ଲୋୟର୍ ଲଗାଉଛନ୍ତି । ତେବେ ଏସବୁ ସ୍ୱାସ୍ଥ୍ୟ ପ୍ରକ୍ଷେ ଆଦୌ ହିତକର ନୁହେଁ । ସେଥିରୁ କାର୍ବନ ମନୋକସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ତା'ସହ ଧୀରେ ଧୀରେ ଘରୁ ଅମ୍ଳଜାନ ସ୍ତର ହ୍ରାସ ପାଇଥାଏ । କେବଳ ସେତିକି ନୁହେଁ, ଏହି ଗ୍ୟାସ୍ ଶ୍ୱାସକ୍ରିୟା ମାଧ୍ୟମରେ ରକ୍ତରେ ମିଶି ହିମୋଗ୍ଲୋବିନ୍ ସ୍ତର ହ୍ରାସ କରିଥାଏ । ସେହିପରି ଘରେ ନିଆଁ ଜାଳିବା ଦ୍ୱାରା ସେଥିରୁ କାର୍ବନ ମନୋକ୍‌ସାଇଡ୍ ବୃଦ୍ଧି ପାଏ । ଯାହାକି ସିଧାସଳଖ ମସ୍ତିଷ୍କ ଉପରେ ପ୍ରଭାବ ପକାଏ ଏବଂ ଶ୍ୱାସକ୍ରିୟା ମାଧ୍ୟମରେ ଏହି ଗ୍ୟାସ୍ ଶରୀର ଭିତରକୁ ପ୍ରବେଶ କରେ । ପରବର୍ତ୍ତୀ ସମୟରେ କାର୍ବନ ରକ୍ତରେ ମିଶି ଧୀରେ ଧୀରେ ଅମ୍ଳଜାନ ମାତ୍ରା ହ୍ରାସ ପାଇ ବ୍ୟକ୍ତି ଅଚେତ୍ ହୋଇପଡ଼େ । ବେଳେବେଳେ ଜୀବନ ମଧ୍ୟ ଚାଲିଯାଇଥାଏ । ଅନ୍ୟପଟେ ଦୀର୍ଘ ସମୟ ଧରି ଘରେ ବ୍ଲୋୟର ତଥା ହିଟର ଜାଳିବା ଦ୍ୱାରା ରୁମ୍‌ର ତାପମାତ୍ରା ବୃଦ୍ଧିପାଏ । ଏହି ପରିବେଶ ଶ୍ୱାସରୋଗୀଙ୍କ ପାଇଁ ଅତ୍ୟନ୍ତ ବିପଦଜନକ ହୋଇଥାଏ । ତେଣୁ ଶୀତଦିନେ ଘରେ ରୁମ୍ ହିଟର୍ ତଥା ବ୍ଲୋୟର୍ ଲଗାଉଥିଲେ, ଶୋଇବା ପୂର୍ବରୁ ସେସବୁକୁ ବନ୍ଦ କରି ଶୋଇବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

## ଚାଇନା ସ୍କୁଲ ପିଲାଙ୍କ ଅଭିନବ ସ୍ୱଚ୍ଛତା ଶିକ୍ଷା

ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ସକାରାତ୍ମକ ଭିଡିଓ ସେୟାର୍ କରିଥାନ୍ତି । ଏହି ଭିଡିଓ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟକୁ ଛୁଇଁଥିବାବେଳେ ଏବେ ତାଙ୍କ ଦ୍ୱାରା ସେୟାର କରାଯାଇଥିବା ଚୀନ୍‌ର ଏକ ସ୍କୁଲର ଭିଡିଓ ଅନେକଙ୍କ ପାଇଁ ଶିକ୍ଷଣୀୟ ହୋଇଛି । ଏହି ଭିଡିଓରେ ଏପରି କିଛି କଥା ଅଛି, ଯାହା ସମାଜର ଅନେକଙ୍କୁ ସ୍ୱଚ୍ଛତା ବିଷୟରେ ଶିକ୍ଷା ଦେଇପାରିବ । ଚୀନ୍‌ର ଏକ ସ୍କୁଲରେ ପିଲାମାନଙ୍କ ଆସିବା ପୂର୍ବରୁ ଶିକ୍ଷକ ଏଣେତେଣେ ସାମଗ୍ରୀ ଫିଙ୍ଗି ଦେଉଛନ୍ତି । ଏହାପରେ ଯେତେବେଳେ ପିଲାଙ୍କୁ ଶ୍ରେଣୀ ଗୃହ ମଧ୍ୟକୁ ଅଣାଯାଉଛି । ସେମାନେ ତଳେ ପଡ଼ିଥିବା ସମସ୍ତ ସାମଗ୍ରୀକୁ ଉଠାଇ ନିର୍ଦ୍ଦିଷ୍ଟ ସ୍ଥାନରେ ରଖୁଛନ୍ତି । ପିଲାଙ୍କ ସାଇତି ରଖିବା ଓ ସଜେଇ ରଖିବା କୌଶଳରେ ଶ୍ରେଣୀଗୃହ ପୂରା ସଫା ହୋଇଯାଇଛି । ସ୍କୁଲ ପିଲାଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଅନେକଙ୍କ ହୃଦୟକୁ ଛୁଇଁ ଥିବାବେଳେ ଏହାକୁ ଅନେକ ଲୋକ ପସନ୍ଦ କରିଛନ୍ତି । ଆନନ୍ଦ ଏହି ଭିଡିଓର କ୍ୟାପସନ୍ ଲେଖିଥିଲେ ଏହି ପ୍ରକାର ସ୍ୱଚ୍ଛତା, ସଫାସୁତୁରା ଏବଂ ସହଯୋଗ ଆମର ସ୍ୱଭାବରେ ସାମିଲ କରାଯାଇପାରିବ । ଏହାକୁ ଭାରତୀୟ ପ୍ରାଥମିକ ବିଦ୍ୟାଳୟରେ ମାନକ ହିସାବରେ ସାମିଲ କରାଯାଇପାରିବ । ଏହାକୁ ଦେଖି ଜଣେ ଲେଖିଛନ୍ତି, ଏହି ଉପାୟ ଯଦିଓ ବହୁତ ଭଲ, ତେଣୁ ଏହାକୁ ପ୍ରଥମେ ସ୍କୁଲ ନୁହେଁ, ଘରେ ଆରମ୍ଭ କରିବା ଦରକାର ।



## 'ସଫର୍'ରେ ସଲମାନ୍-ସନ୍ନି

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ୍ ଅନେକ ଦିନରୁ ଲାଇମ୍ ଲାଇଟ୍‌ରୁ ଦୂରେଇ ଯାଇଥିଲେ । ତାଙ୍କ କ୍ୟାରିୟର୍ ଏକପ୍ରକାର ଶେଷ ହୋଇଗଲା ବୋଲି ତାଙ୍କ ପ୍ରଶଂସକମାନେ ଭାବୁଥିଲେ । ଏହି ସମୟରେ 'ଗଦ୍ଦର-୨' ଫିଲ୍ମ ରିଲିଜ୍ ହୋଇଥିଲା । ଏହି ଫିଲ୍ମ ଆୟ ମାମଲାରେ ଇତିହାସ ରଚିଲା । ସନ୍ନି ପୁଣି ଥରେ ନିଜକୁ ସୁପରଷ୍ଟାର୍ ଭାବେ ପରିଚିତ କରାଇଲେ । ଏବେ ପୁଣି ଥରେ ସନ୍ନିଙ୍କ ନୂଆ ଫିଲ୍ମକୁ ନେଇ ଚର୍ଚ୍ଚା ହେଉଛି । ଫିଲ୍ମର ନାଁ 'ସଫର୍' ରହିଛି । ତେବେ ସନ୍ନିଙ୍କ ସହ ଏହି ଫିଲ୍ମରେ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଦେଖାଯିବେ । ଫିଲ୍ମର ସୁଟିଂ ଆରମ୍ଭ ହୋଇଯାଇଛି । ଆଉ ଅଳ୍ପ ଦିନର ସୁଟିଂ ବାକି ଅଛି । ବିଶାଲ ରାଣା ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ଏହି ଫିଲ୍ମ ଚଳିତବର୍ଷ ରିଲିଜ୍ ହେବ । 'ସଫର୍' ବ୍ୟତୀତ ସନ୍ନି 'ଲାହୋର୍ ୧୯୪୭', 'ବାପ'ରେ କାମ କରୁଛନ୍ତି । ସେହିଭଳି ନୀତେଶ ତିୱାରୀଙ୍କ 'ରାମାୟଣ'ରେ ସେ ହନୁମାନ ଭୂମିକାରେ ଅଭିନୟ କରିପାରନ୍ତି ବୋଲି ଆଲୋଚନା ହେଉଛି ।



## ବିଲେଇ ପାଇଲେ ଲକ୍ଷେ !

ବେଳେବେଳେ କୌଣସି ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସୂଚନା ପାଇଁ ତାଙ୍କ ସମ୍ପର୍କୀୟ ଆର୍ଥିକ ପୁରସ୍କାର ଘୋଷଣା କରିଥାନ୍ତି । କିନ୍ତୁ ଏବେ ଗୋଟିଏ ପୋଷା ବିଲେଇର ହଜିଯିବା ଯେତିକି ଚର୍ଚ୍ଚାରେ ନାହିଁ, ଏହା ପାଇଁ ଘୋଷଣା କରାଯାଇଥିବା ପୁରସ୍କାର ରାଶି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ସାମାଜିକ ଗଣମାଧ୍ୟମରେ ଏହାର ଏକ ଫଟୋ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏଭଳି ଏକ ଅଜବ ଘଟଣା ନୋଏଡ଼ାରେ ଦେଖିବାକୁ ମିଳିଛି । ଏଠାରେ ସେକ୍ଟର ୬୨ରେ ରହୁଥିବା ଅଜୟ କୁମାରଙ୍କର ଗୋଟିଏ ପୋଷା ବିଲେଇ ଥିଲା । ଯାହାର ନାଁ 'ଚିକୁ' । ତେବେ ଡିସେମ୍ବର ୨୪ରୁ ସେ କୁଆଡ଼େ ପଳାଇଛି । ବହୁତ ଖୋଜାଖୋଜି ପରେ ତା'ର ପତ୍ତା ମିଳୁନାହିଁ । ବିଲେଇକୁ ନ ପାଇବାରୁ ଏବେ ତାକୁ ଠାବ କରିବା ପାଇଁ ଅଜୟ ଲକ୍ଷେ ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି । ଏନେଇ ସେ ନୋଏଡ଼ାର ବିଭିନ୍ନ ସ୍ଥାନରେ ପୋଷ୍ଟର୍ ମଧ୍ୟ ଲଗାଇଛନ୍ତି । ଯେଉଁଥିରେ ବିଲେଇର ଫଟୋ ସହ ତା' ବେକରେ ଧଳା ଲୋମ ଥିବା କଥା ସେଥିରେ ଉଲ୍ଲେଖ କରିଛନ୍ତି । ତା'ସହ ଅଜୟ ନିଜର ଯୋଗାଯୋଗ ନମ୍ବର ଦେଇ ଲକ୍ଷେ ଟଙ୍କା ପୁରସ୍କାର ଦେବା କଥା ବି ସେଥିରେ ଉଲ୍ଲେଖ କରିଛନ୍ତି । ଏହି ବିଲେଇଟି ପର୍ସିୟନ ପ୍ରଜାତିର ହୋଇଥିବା ବେଳେ ଏହାକୁ ଅଜୟଙ୍କର ଜଣେ ବନ୍ଧୁ ଉପହାର ସ୍ୱରୂପ ଦେଇଥିଲେ ।




## ମାଛ ରୋଗର ସୂଚନା ଦେବ ରିପୋର୍ଟ ଫିସ୍ ଡିଜିଜ୍



ଆମ ଦେଶର କେତେକ ଲୋକ ବିଭିନ୍ନ ପ୍ରକାର ଚାଷ ସହିତ ମତ୍ସ୍ୟଚାଷ କରିଥାନ୍ତି । ମତ୍ସ୍ୟଚାଷରେ ଚାଷୀଙ୍କୁ ରୋଗ, ଖାଦ୍ୟ, ପୋଖରୀ ପରିଚାଳନା ଆଦି ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ଜଳ ମଧ୍ୟରେ ମାଛ ଶରୀରରେ ରୋଗ ଚିହ୍ନଟ ପାଇଁ ନାନା ସମସ୍ୟା ହେଉଥିବାବେଳେ (ଏନ୍‌ଏସପିଏଏଡି) ପରିଯୋଜନା ସହଯୋଗରେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିସେରିଜ୍ ଟେକ୍ନୋଲୋଜି (ସିଆଇଏଫ୍‌ଟି) ଜଳୀୟ ଉଦ୍ଭିଦ ତଥା ମାଛ ରୋଗ ବିଷୟରେ ସତର୍କ କରାଇବାକୁ 'ରିପୋର୍ଟ ଫିଶ୍ ଡିଜିଜ୍' ମୋବାଇଲ୍ ଆପ୍ଲିକେଶନ ବିକଶିତ କରିଛନ୍ତି । ଏହି ଆପ୍ ସୂଚନା କେନ୍ଦ୍ର ରୂପେ କାମ କରିଥାଏ; ଯାହା ଚାଷୀଙ୍କୁ ମାଛ ଶରୀରରେ ରୋଗ ବ୍ୟାପିବା ପୂର୍ବରୁ ସୂଚନା ପ୍ରଦାନ କରେ । ଏହାଦ୍ୱାରା ମାଛମୃତ୍ୟୁ ହାରକୁ ରୋକାଯାଇପାରିବ । ଏହି ଆପ୍ଲିକେଶନ ଜରିଆରେ ଚାଷୀ ଘରେ ବସି ରୋଗିଣା ମାଛର ଫଟୋ ଏବଂ ପୋଖରୀ ପାଣିର ପରୀକ୍ଷା ରିପୋର୍ଟକୁ ଦାଖଲ କଲେ ଏହା ନିର୍ଭୁଲ ଭାବେ ମାଛର ରୋଗର ପ୍ରକାରକୁ ସୂଚାଇଥାଏ ଚାଷୀକୁ ନିଦାନ ବତାଇଥାଏ । ଏନ୍‌ଏସପିଏଏଡି ଅନୁଯାୟୀ ଏହି ଆପ୍ ମାଛଚାଷୀଙ୍କୁ ବେଶ୍ ସାହାଯ୍ୟ ହେବ । ଚାଷୀ ଘରେ ବସି ବିନା ଖର୍ଚ୍ଚରେ ମୋବାଇଲ୍‌ରେ ରିପୋର୍ଟ ପାଇପାରିବା, ଏହି ଆପ୍ଲିକେଶନର ମୁଖ୍ୟ ଉଦ୍ଦେଶ୍ୟ । ସୂଚନା କେନ୍ଦ୍ର ଭାବେ କାମ କରୁଥିବା ଏହି ଆପ୍ ଦ୍ୱାରା ଚାଷୀ ରୋଗର ପ୍ରକାର, ଉପଚାର ଏବଂ ସର୍ବୋତ୍ତମ ଜଳୀୟ କୃଷି ପ୍ରଥାରେ ମୂଲ୍ୟବାନ୍ ସୁବିଧା ପାଇପାରିବେ ।

## ଲେମନ୍ ମ୍ୟାନ୍
### ଆୟ ବଢ଼ାଇଛି ଲେମ୍ବୁ ଚାଷ

**କମ୍ପାନୀ ଚାକିରି କରୁଥିଲେ । ବାର୍ଷିକ ୬ଲକ୍ଷ ଟଙ୍କା ତାଙ୍କର ପ୍ୟାକେଜ ଥିଲା । କିନ୍ତୁ ୨୦୧୬ ମସିହାରେ ସେ ଚାକିରି ଛାଡ଼ି ଚାଷ ଆରମ୍ଭ କରିଥିଲେ । ଏବେ ଲେମ୍ବୁ ଚାଷରୁ ସେ ବାର୍ଷିକ ୯ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି । ଲେମନ୍ ମ୍ୟାନ୍ ଭାବେ ପରିଚିତ ଏହି ବ୍ୟକ୍ତି ଜଣକ ହେଉଛନ୍ତି ଉତ୍ତରପ୍ରଦେଶ ରାୟବରେଲିର ଆନନ୍ଦ ମିଶ୍ରା ।**



ଚାକିରି ଛାଡ଼ି ସେ ପ୍ରଥମେ ଗହମ ଓ ଧାନ ଚାଷ କରିଥିଲେ । ଏଥିରୁ ଲାଭ ନ ମିଳିବାରୁ ସେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥିଲେ । ଶେଷରେ ସେ ଲେମ୍ବୁଚାଷ ଆରମ୍ଭ କଲେ । ଏହି ଚାଷରେ ଥରେ ଗଛ ଲଗାଇବା ଦ୍ୱାରା ୨୫ ବର୍ଷ ଧରି ଫଳ ମିଳିଥାଏ । ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ । ବିକ୍ରି କରିବାକୁ କୌଣସି ସମସ୍ୟା ନ ଥିବାରୁ ଆନନ୍ଦ ଦୁଇ ଏକର ଜମିରେ ସାତଟି ଉନ୍ନତ କିସମର ପ୍ରାୟ ୪୦୦ରୁ ଅଧିକ ଲେମ୍ବୁ ଗଛ ଲଗାଇଥିଲେ । ସିଡଲେସ୍ ଥାଇ ଲେମ୍ବୁ, ଏନଆରସିସି-୮, ପ୍ରାମାଳିନୀ ଏବଂ କାଗଜୀ ଆଦି କିସମ ନେଇ ସେ ଚାଷ କରୁଛନ୍ତି । ଲେମ୍ବୁ ଗଛ ଲଗାଇବା ସମୟରେ ଗଛରୁ ଗଛ ଦୂରତା ୧୦ ଗୁଣନ ୨୦ ଫୁଟ ରଖିବା ଦରକାର । ଥାଇ କିସମର ଲେମ୍ବୁ ଲଗାଇବା ଦ୍ୱାରା ଏହା ମାତ୍ର ଦୁଇବର୍ଷ ମଧ୍ୟରେ ଅମଳ ଦେଇଥାଏ ବୋଲି କୁହନ୍ତି ଆନନ୍ଦ । ଲେମ୍ବୁ ଚାଷରେ ଅଧିକ ରୋଗପୋକର ଭୟ ନଥିବାରୁ ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ । ଥାଇ କିସମ ଲେମ୍ବୁଚାଷରୁ ଆନନ୍ଦଙ୍କୁ ଅଧିକ ଲାଭ ମିଳୁଥିବାବେଳେ ସେ ଲେମ୍ବୁଚାଷରୁ ବାର୍ଷିକ ୯ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଅଧିକାଂଶ ସମୟରେ ବ୍ୟବସାୟୀମାନେ ତାଙ୍କ ଖେତରୁ ଲେମ୍ବୁ କିଣି ନେଇ ଯାଆନ୍ତି । ତେଣୁ ଲେମ୍ବୁ ଚାଷରେ ବିକ୍ରି ପାଇଁ ସମସ୍ୟା ନାହିଁ, ଏହି ଚାଷରୁ ଯେକୌଣସି ବ୍ୟକ୍ତି ଆୟ ବୃଦ୍ଧି କରିପାରିବେ ବୋଲି କୁହନ୍ତି ଆନନ୍ଦ ।






## ଶୀତଦିନିଆ ପିଆଜ ଚାଷ

**ପିଆଜ ଏକ ଲାଭଜନକ ଫସଲ । ରବି ଋତୁରେ ପିଆଜ ଚାଷ କରାଯାଉଥିବାବେଳେ ଆମ ରାଜ୍ୟରେ ପିଆଜ ଉତ୍ପାଦନ ବଢ଼ାଇବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିଦେଲେ ଓଡ଼ିଶାର ଜଳବାୟୁ ପିଆଜ ଚାଷ ପାଇଁ ବେଶ୍ ଅନୁକୂଳ । ତେବେ ଶୀତ ଦିନେ ଦେଶୀ ପିଆଜ ଓ ଓଲି ପିଆଜ ଉତ୍ପାଦନ ଭଲ ହେଉଥିବାରୁ ପିଆଜ ରୁଆ ନେଇ କେତେକ କଥା ଜାଣିବା ଦରକାର ।**



ମୃଦୁ ନାତିଶୀତୋଷ୍ମ ଜଳବାୟୁ ପିଆଜ ଚାଷ ପାଇଁ ଉପଯୁକ୍ତ । ସେହିପରି ଅତ୍ୟଧିକ ଥଣ୍ଡା, ଗରମ, ବର୍ଷା ବା ଖରା ପିଆଜ ଚାଷ ପାଇଁ ଅନୁପଯୁକ୍ତ । ପିଆଜ ଫସଲ ଭଲ ବୃଦ୍ଧି ପାଇଁ ଶତକଡ଼ା ୭୦ ଭାଗ ଆର୍ଦ୍ରତା ଆବଶ୍ୟକ ହେଉଥିବାବେଳେ ଉନ୍ନତ କିସମ ପୁଷାରେଡ୍, ପୁଷା ରତନାର, ଅର୍କା ପ୍ରଗତି, ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ପୁଷା ହ୍ୱାଇଟ ରାଉଣ୍ଡ, ପୁଷା ହ୍ୱାଇଟ୍ ଫାଟ୍, ଅର୍କା ପୀତାମ୍ବର ଆଦି କିସମ ସର୍ବୋତ୍ତମ । ଦୋରସା ପଟୁମାଟିରେ ପିଆଜ ଭଲ ହୋଇଥାଏ ।

ତେବେ ନଭେମ୍ବର ମାସରୁ ପିଆଜ ବିହନ ଲଗା ଯାଇଥିବାବେଳେ ବର୍ତ୍ତମାନ ତଳି ରୋଇବା ପାଇଁ ଉପଯୁକ୍ତ ସମୟ । ପିଆଜ ରୋଇବା ପାଇଁ ବିଲକୁ ଭଲଭାବେ ଚାଷ କରି ମାଟିକୁ ଗୁଣ୍ଡ କରିଦିଅନ୍ତୁ । ପିଆଜ ଲଗାଇବାର ଛଅ ସପ୍ତାହ ପରେ ଏକର ପ୍ରତି ୨୦ କିଗ୍ରା ପଟାସ ପ୍ରୟୋଗ କରିବା ଜରୁରି । ଏହି ସମୟରେ ରୁଆ କାର୍ଯ୍ୟ କରାଯାଏ । ତେବେ ପଟି ଏପରି କରନ୍ତୁ ଯେଭଳି ଅନ୍ୟ ଚାଷ ସହଜ ହୋଇପାରିବ । ଧାଡ଼ିକୁ ଧାଡ଼ିକୁ ୬ ଇଞ୍ଚ ଓ ଗଛକୁ ଗଛ ୩ ଇଞ୍ଚ ବ୍ୟବଧାନରେ ତଳି ରୋଇବା ଦରକାର । ରୁଆପରେ ହାଲୁକା ଜଳସେଚନ କରିପାରିବେ ।

ପିଆଜ ଧରିବା ପାଇଁ ତାପମାତ୍ରା ୨୦ଡିଗ୍ରୀରୁ ୨୩ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବା ଆବଶ୍ୟକ । ଏମିତିବି ଅତି କମ୍ ଉତ୍ତାପରେ ପିଆଜରୁ ଶଣ୍ଢା ବାହାରିଆସେ । ଆଉ ତାପମାତ୍ରା ହଠାତ୍ ବଢ଼ିଗଲେ ପିଆଜ ଶୀଘ୍ର ପାକଳ ହୋଇଯାଏ ଓ ପିଆଜ ଆକାର ସାନ ହୋଇଯାଏ । ତେବେ ଶୀତଋତୁରେ ଚାଷ କରାଯାଉଥିବା କିସମ ଗୁଡ଼ିକ ପାଇଁ ୧୨ରୁ ୧୩ ଘଣ୍ଟାର ସୂର୍ଯ୍ୟକିରଣ ଦରକାର ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଲାଗିଥିବା କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡ଼ାଇ ରଖନ୍ତୁ ।
- ତଳି ଭଲ ବଢ଼ିବା ଏବଂ ଚେର ମାଟିକୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ ।
- ଗଜା ଧାନକୁ କାଦୁଅ ଜମିରେ ଡ୍ରମସିଡର କିମ୍ବା ଛଟାବୁଣା କରି ଦିଅନ୍ତୁ ।
- ମହୁମାଛିକୁ ସୁରକ୍ଷା ଦେବା ପାଇଁ ଅପରାହ୍ନ ୩ଟା ପରେ କୀଟନାଶକ ସିଞ୍ଚନ କରିବା ଜରୁରି ।
- ବନ୍ଧାକୋବିରେ ପତ୍ରଛନ୍ଦା ପୋକ ଓ ଧୂଆଁପତ୍ର ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଫସଲକୁ ଝିଣ୍ଟିକା କାଳ

**ଚାଷକାର୍ଯ୍ୟରେ ମଧ୍ୟମ ଓ ବଡ଼ ଆକାରର ଝିଣ୍ଟିକା ଦଳଗତ ଭାବେ ଫସଲକୁ କ୍ଷତି ପହଞ୍ଚାଇଥାନ୍ତି । ତେଣୁ ଫସଲରୁ ଝିଣ୍ଟିକା ଦୂର ପାଇଁ ଏହି ବ୍ୟବସ୍ଥା କରନ୍ତୁ ।**

ଦଳଗତ ଝିଣ୍ଟିକା ଫସଲକୁ ଅଧିକ ନଷ୍ଟ କରିଥାନ୍ତି । ଅମଳ ଭଲ ହୁଏନି । ଏହା ପତ୍ର, ଫୁଲ, ଗଛ, ଡାଳ ଓ ଅଙ୍କୁର ସବୁକିଛି ଖାଇଦିଅନ୍ତି । ଦିନରେ ଝିଣ୍ଟିକା ଉଡ଼ିବୁଲିଥିବାବେଳେ ରାତିରେ ଫସଲକୁ ନଷ୍ଟ କରିଥାନ୍ତି । ଗୋଲାପି ରଙ୍ଗର ଝିଣ୍ଟିକା ପରିପକ୍ୱ ଅବସ୍ଥାରେ ହଳଦିଆ ରଙ୍ଗର ହୋଇଥାନ୍ତି । ଏହି ପ୍ରକାର ଝିଣ୍ଟିକା ଅଣ୍ଡା ଦେବାରେ ସକ୍ଷମ ହୋଇଥାନ୍ତି । ଏମାନେ ଅଣ୍ଡା ଦେବା ସହ ଦଳବଳ ହୋଇ ୩ରୁ ୪ଦିନ ରହିଥାନ୍ତି । ଅଣ୍ଡାରୁ ବାହାରି ଉଡ଼ିବାକୁ ଲାଗନ୍ତି । ତେଣୁ ଝିଣ୍ଟିକାଙ୍କୁ ଚିହ୍ନଟ କରି ଏମାନଙ୍କ ଦଳ ନିୟନ୍ତ୍ରଣ ଜରୁରି । ଯେଉଁସ୍ଥାନରେ ଝିଣ୍ଟିକା ଅଣ୍ଡା ଦେଇଥାନ୍ତି, ସେଠାରେ ୨୫ କିଗ୍ରା ୧.୫ ପ୍ରତିଶତ କ୍ୱିନାଲଫସ୍ ମିଶାଇ ଏକ ହେକ୍ଟର ପିଛା ସିଞ୍ଚନ କରିପାରିବେ । ଦଳଗତ ଝିଣ୍ଟିକା ଉପରେ ୨୦ ପ୍ରତିଶତ ଇସି କ୍ଲୋରୋପାଇରିଫସ ୧ ଲିଟର ଔଷଧକୁ ୮୦୦ରୁ ୧୦୦୦ ଲିଟର ପାଣିରେ ମିଶାଇ ପ୍ରତି ହେକ୍ଟର ପିଛା ପ୍ରୟୋଗ କରନ୍ତୁ । ୪୦ ମିଲି ନିମ୍ବ ତେଲକୁ ୧୦ ଗ୍ରାମ୍ ସର୍ଫ ସହ ମିଶାଇ ଘୋଳ ବ୍ୟବହାର କରିପାରିବେ ।

## ଭୋଣ୍ଡ୍ରୋଉସୋଭା, ମୁରେ ପ୍ରଥମ ରାଉଣ୍ଡରୁ ବିଦା

ମେଲବୋର୍ଣ୍ଣ, ୧୫।୧(ଏଜେନ୍ସି): ବିଶ୍ୱର ଦୁଇ ପ୍ରତିଷ୍ଠିତ ଖେଳାଳି ତଥା ମହିଳା ବିଭାଗ ୱିମ୍ବଲଡନ ଚାମ୍ପିଅନ ମାର୍କେଟା ଭୋଣ୍ଡ୍ରୋଉସୋଭା ଓ ପୁରୁଷ ବିଭାଗରେ ପୂର୍ବତନ ନଂ-୧ ଖେଳାଳି ଆଣ୍ଡି ମୁରେ ଏଠାରେ



ଚାଲିଥିବା ଅଷ୍ଟ୍ରେଲିଆନ ଓପନର ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ୟୁକ୍ରେନର ମହିଳା କ୍ୱାଲିଫାୟର ଦାୟାନା ୟେଷ୍ଟ୍ରେମସ୍କାର ଚମତ୍କାର ଖେଳ ପ୍ରଦର୍ଶନ କରି ୬-୧, ୬-୨ ସିଧାସଳଖ ସେଟ୍‌ରେ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାର ୭ମ ସିଡ ଖେଳାଳି ଚେକ୍ ପ୍ରଜାତନ୍ତ୍ରର ଭୋଣ୍ଡ୍ରୋଉସୋଭା ଏହି ମୁକାବିଲାକୁ ଏକତରଫା ହାରିଯାଇଛନ୍ତି। ବିଜୟୀ ୟେଷ୍ଟ୍ରେମସ୍କା ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସର ବାର୍ବରା ଗ୍ରାଚେଭାଙ୍କୁ ଭେଟିବେ। ପୁରୁଷ ବିଭାଗରେ ଶୀର୍ଷ ଫର୍ମକୁ ଫେରିବା ଲାଗି ସଂଘର୍ଷ କରୁଥିବା ୫ଥରର ଫାଇନାଲିଷ୍ଟ ବ୍ରିଟେନରଆଣ୍ଡିମୁରେମଧ୍ୟପ୍ରଥମରାଉଣ୍ଡରେହାରିଯାଇଛନ୍ତି। ଅର୍ଜେଣ୍ଟିନାର ଟମାସ ମାର୍ଟିନ ୟେଚଭେରୀ ୬୧ ମିନିଟ୍‌କାଳ ଲଢ଼େଇରେ ୬-୪, ୬-୨, ୬-୨ ସେଟ୍‌ରେ ମୁରେଙ୍କୁ ହରାଇଥିଲେ। ଏହି ପରାଜୟ ଫଳରେ ତୃତୀୟ ରାଉଣ୍ଡରେ ସେ ନୋଭାକ ଜୋକୋଭିଚ୍‌ଙ୍କ ସହ ମୁକାବିଲା କରିବାକୁ ଯେଉଁ ଆଶା ବାନ୍ଧିଥିଲେ ତାହା ଧୂଳିସାତ ହୋଇଯାଇଛି। ଗତ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୟେଚେଭେରୀ ଦ୍ୱିତୀୟ ରାଉଣ୍ଡରେ ଫ୍ରାନ୍ସର ଅଭିଜ୍ଞ ଖେଳାଳି ଗେଲ ମନଫିଲ୍‌ସଙ୍କୁ ଭେଟିବେ।

ପୁରୁଷ ବିଭାଗ ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ ଡାନିଲ ମେଦେଭେଦେଭ ୱାକ୍‌ଓଭର ପାଇଛନ୍ତି। ୭ମ ସିଡ୍ ଗ୍ରୀସ୍‌ର ଷ୍ଟିଫାନସ ସିତସିପାସ, ୯ମ ସିଡ ପୋଲାଣ୍ଡର ହବର୍ଟ ହୁକ୍ରାଜ୍, ୧୦ମ ସିଡ୍

### ଅଷ୍ଟ୍ରେଲିଆନ ଓପନ ଟେନିସ

ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୫ତମ ସିଡ୍ କାରେନ ଖାଚାନୋଭ ପ୍ରଥମ ରାଉଣ୍ଡରେ ବିଦାୟ ନେଇଛନ୍ତି। ସିତସିପାସ ଓ ଜର୍ମାନୀର ଜିଜୋଉ ବର୍ଗସଙ୍କ ମଧ୍ୟରେ ମୁକାବିଲା ଜୋରଦାର ହୋଇଥିଲା। ଜିଜୋଉ ପ୍ରଥମ ସେଟ୍‌କୁ ୭-୫ରେ ଜିତିନେବା ପରେ ସିତସିପାସ ପରବର୍ତ୍ତୀ ୩ଟି ସେଟ୍‌କୁ ସହଜରେ ଜିତିନେଇଥିଲେ। ଏହି ମ୍ୟାଚ୍‌କୁ ସେ ୫-୭, ୬-୧, ୬-୧, ୬-୩ ସିଧାସଳଖ ସେଟ୍‌ରେ ଜିତିଥିଲେ। ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କ ସହ ସିତସିପାସ ମୁକାବିଲା କରିବେ। ସେହିପରି ୯ମ ସିଡ୍ ହୁକ୍ରାଜ ୭-୬, ୬-୪, ୬-୨ ସେଟ୍‌ରେ ଅଷ୍ଟ୍ରେଲିଆର ଆଉ ଜଣେ ଖେଳାଳି ଓମାର ଜାସିକାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଜାକୁବ ମେନସିକଙ୍କ ସହ ହୁକ୍ରାଜଙ୍କର ମୁକାବିଲା ହେବ। ୧୦ମ ସିଡ୍ ଆଲେକ୍ସ ଡି ମିନାଉର ୱାକଓଭର ପାଇଛନ୍ତି। ସେ ୬-୭, ୬-୩, ୨-୦ରେ ଆଗୁଆ ଥିଲାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କାନାଡ଼ାର ମିଲୋସ ରାଓନିଚ୍ ମୁକାବିଲାରୁ ଓହରିଯାଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଡି ମିନାଉରଙ୍କ ସହ ଇଟାଲୀର ମାଟ୍ଟେଓ ଆର୍ଣ୍ଣାଲଡିଙ୍କର ମୁକାବିଲା ହେବ।

**ଓସାକାଙ୍କୁ ହରାଇଲେ ଗାର୍ସିଆ**

ମହିଳା ବିଭାଗରେ ସିଡେଡ ଖେଳାଳିଙ୍କ ମଧ୍ୟରେ ମିଶ୍ର ଫଳ ଦେଖିବାକୁ ମିଳିଛି। ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍, ନଂ-୧୯ ସିଡ୍ ଏଲିନା ଭିଟୋଲିନା, ୬ଷ୍ଠ ସିଡ୍ ମରୋକ୍କୋର ଓନର ଜାବେଉର, ୧୬ତମ ସିଡ୍ କାରୋଲିନ୍ ଗାର୍ସିଆ ଓ ୧୦ମ ସିଡ୍ ଦକ୍ଷିଣ ଆଫ୍ରିକାର ବିଏଟ୍ରିଜ୍ ହାଦାଦ ମାଇଆଙ୍କ ପରି ଖେଳାଳି ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ



କରିଛନ୍ତି। ମା' ହେବା ପରେ ଫର୍ମକୁ ଫେରିବାକୁ ସଂଘର୍ଷ କରୁଥିବା ପୂର୍ବତନ ନଂ-୧ ଖେଳାଳି ଜାପାନର ନାଓମି ଓସାକା ହାରିଯାଇଛନ୍ତି। ୧୬ତମ ସିଡ୍ ଗାର୍ସିଆ ୬-୪, ୭-୬ରେ ଓସାକାଙ୍କୁ ପରାସ୍ତ କରିଥିଲେ। କିନ୍ତୁ ସପ୍ତମ ସିଡ୍ ଭୋଣ୍ଡ୍ରୋଉସୋଭାଙ୍କ ପରି ଅନେକ ସିଡେଡ ଖେଳାଳି ମଧ୍ୟ ପରାଜିତ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୨୪ତମ ସିଡ୍ ଆନେଲିନା କାରୋଲିନା, ୧୫ତମ ସିଡ୍ ଭେରୋନିକା କୁଦେରମେଟୋଭା, ୨୧ତମ ସିଡ୍ ଡୋନା ଭେକିକ୍, ୧୭ତମ ସିଡ୍ ଏକଟାରାନା ଆଲେକ୍‌ଜାଣ୍ଡ୍ରୋଭା ପ୍ରମୁଖ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି।

● ଶୁଭ୍ରାଂଶୁ ସେନାପତି ଶ୍ରେଷ୍ଠ ଖେଳାଳି

## ମ୍ୟାଚ୍ ଡ୍ର: ଓଡ଼ିଶାକୁ ୩ ପଏଣ୍ଟ

କଟକ, ୧୫।୧(ସମିସ): ଇନ୍ଦୋରର ଏମେରାଲ୍ଡ ହାଇଟ୍ସ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ଓ ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ମ୍ୟାଚ୍ ଅମୀମାଂସିତ ରହିଛି। ଘରୋଇ ଦଳ ମଧ୍ୟପ୍ରଦେଶକୁ ଫଲୋଅନ ଦେବା ସହ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ୩ ପଏଣ୍ଟ ପାଇଛି। ମଧ୍ୟପ୍ରଦେଶ ମାତ୍ର ୧ ପଏଣ୍ଟରେ ସନ୍ତୁଷ୍ଟ ହୋଇଛି। ଆସନ୍ତା ୧୯ରୁ ଲିଗ ପର୍ଯ୍ୟାୟର ୩ୟ ମ୍ୟାଚ୍ ଆରମ୍ଭ ହେବ। ଟାଙ୍ଗିସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଜମ୍ମୁ ଓ କଶ୍ମୀରକୁ ଭେଟିବ ଓଡ଼ିଶା ଦଳ।

ଶକ୍ତିଶାଳୀ ମଧ୍ୟପ୍ରଦେଶ ବିପକ୍ଷରେ ଓଡ଼ିଶା ଦମଦାର ପ୍ରଦର୍ଶନ କରିଥିଲା। ଓଡ଼ିଶାର ପ୍ରଥମ ଇନିଂସ ୪୯୮ରନ ଜବାବରେ ରବିବାର ଖେଳ ଶେଷ ସୁଦ୍ଧା ମଧ୍ୟପ୍ରଦେଶ ୬ ୱିକେଟ ବିନିମୟରେ ୨୪୬ରନ କରିଥିଲା। ଏହି ସମୟରେ ହର୍ଷ ଗାୱଲି ୧୩୭ରନରେ ଅପରାଜିତ ଥିଲେ। ସୋମବାର ଚତୁର୍ଥ ତଥା ଶେଷଦିନ ଫଲୋଅନ ଏଡ଼ାଇବାକୁ ମଧ୍ୟପ୍ରଦେଶ ସମ୍ମୁଖରେ ୧୦୨ରନର ଟାର୍ଗେଟ ଥିଲା। ମାତ୍ର ୭୨ରନରେ ଦଳ ଅବଶିଷ୍ଟ ୪ ୱିକେଟ ହରାଇଥିଲା। ହର୍ଷ ୧୬୭ରନରେ ସୁନୀଲ କୁମାର ରାଉଳଙ୍କ ଶିକାର ହୋଇଥିଲେ।



କୁମାର କାର୍ତ୍ତିକେୟ ୦, କୁଲୱନ୍ତ ଖେଜରୋଲିୟା ୨୧ରନରେ ଆଉଟ ହୋଇଥିଲେ। ଅର୍ନ୍ତଜାତୀୟ ତାରକା ଭେଙ୍କଟେଶ ଆୟାର ୩ରନ କରିଥିବା ବେଳେ ରବିବାର ଆହତ ହୋଇ କ୍ରିଜ୍ ଛାଡିଥିଲେ। ସେ ପୁର୍ନବାର କ୍ରିଜକୁ ଆସିବା ସହ ମାତ୍ର ୧୭ରନରେ ଆଉଟ ହେବା ଯୋଗୁଁ ମଧ୍ୟପ୍ରଦେଶର ପ୍ରଥମ ଇନିଂସ ୩୧୮ରନରେ ପରିସମାପ୍ତି ଘଟିଥିଲା। ସୁନୀଲ କୁମାର ରାଉଳ ସର୍ବାଧିକ ୫ଟି, ଗୋବିନ୍ଦ ପୋଦ୍ଦାର ଓ ପ୍ରୟାସ ସିଂହ ୨ଟି ଲେଖାଏ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ସୁନୀଲଙ୍କର ଏହା ୩ୟ ପାଞ୍ଚ ୱିକେଟ ସଫଳତା।

ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ ନକରି ମଧ୍ୟପ୍ରଦେଶକୁ ଫଲୋଅନ ଦେଇଥିଲା। ଦ୍ୱିତୀୟ ଇନିଂସରେ ମଧ୍ୟପ୍ରଦେଶ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲା। ୟଶ ଦୁବେ ଓ ହିମାଂଶୁ ମନ୍ତ୍ରୀ ଓପନିଂ ଭାଗୀଦାରିରେ ୧୯୪ରନ ସଂଗ୍ରହ କରିଥିଲେ। ୟଶ ୯୧ରନରେ ଆଉଟ ହେବା ପରେ ୱିକେଟ କିପର ହିମାଂଶୁ ୧୧୯ ରନର ଦ୍ରୁତ ଶତକୀୟ ଇନିଂସ ଖେଳିଥିଲେ। ଶୁଭମ ଶର୍ମା ୪୮ ରନ, ଭେଙ୍କଟେଶ ଆୟାର ୧୬ରନ କରିଥିଲେ। ହର୍ଷ ଗାୱଲି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୪ ୱିକେଟ ହରାଇ ୨୯୧ରନ କରିଥିବା ବେଳେ ମଧ୍ୟପ୍ରଦେଶ ଦ୍ୱିତୀୟ ପାଳି ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ ଜୟନ୍ତ ବେହେରା ୨ଟି ୱିକେଟ ଅକ୍ତିଆର କରିଥିବା ବେଳେ ସୁନୀଲ ଓ ଗୋବିନ୍ଦଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ମ୍ୟାଚ୍‌ର ଅନ୍ତିମ ୧୦ ଓଭରରେ ଓଡ଼ିଶା ସମ୍ମୁଖରେ ୧୧୨ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଷ୍ଟମ୍ପ୍ ଅପସାରଣ ବେଳକୁ ଦଳ ଗୋଟିଏ ୱିକେଟ ବିନିମୟରେ ୩୮ରନ କରିଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ୦ରେ ଆଉଟ ହେବା ପରେ ଅଧିନାୟକ ଶାନ୍ତନୁ ମିଶ୍ର ୩୩ରନ ଏବଂ ୱିକେଟ କିପର ରାଜେଶ ଧୂପର ୫ରନରେ ଅପରାଜିତ ରହିଥିଲେ।

## ବିଶ୍ୱ ଦୌଡ଼କୁଦ ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧ (ସମିସ): ଓଡ଼ିଶାରେ ପ୍ରଥମଥର ଲାଗି ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ଲେଭଲ୍-୧) କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଲାଗି ସାରା ଦେଶରୁ ୨୫ଜଣ ପ୍ରଶିକ୍ଷକଙ୍କୁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ରହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ ଉପସ୍ଥିତ ରହିଥିଲେ।

## ସିକେ ନାଇଡୁ ଟ୍ରଫିରେ ରବିନ ଓ ସତ୍ୟଙ୍କ ଶତକ

କଟକ, ୧୫।୧(ସମିସ): ରବିନ ମିଞ୍ଜ୍ ଓ ସତ୍ୟ ସେତୁଙ୍କ ଅପରାଜିତ ଶତକ ବଳରେ ଓଡ଼ିଶା ବିପକ୍ଷ ସିକେ ନାଇଡୁ ଟ୍ରଫିରେ ଝାଡ଼ଖଣ୍ଡ ମଜଭୁତ ସ୍ଥିତିରେ ପହଞ୍ଚିଛି। ସମ୍ବଲପୁରରେ ଚାଲିଥିବା ଏହି ମ୍ୟାଚ୍‌ରେ ରବିନ ୧୭୧ ଓ ସତ୍ୟ ୧୩୫ ରନ୍ କରିବା ଫଳରେ ଝାଡଖଣ୍ଡ ପ୍ରଥମ ପାଳିରେ ୨ ୱିକେଟ ହରାଇ ୩୭୨ ରନ୍ କରିଛି। ଫଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଝାଡଖଣ୍ଡ ୨୦୪ ରନ୍‌ରେ ଆଗୁଆ ରହିଛି। ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ମାତ୍ର ୧୬୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା।

● ଇଣ୍ଡିଆନ ଓମେନ୍ସ ଲିଗ୍

## ପ୍ରଥମ ବିଜୟ ଲକ୍ଷ୍ୟରେ ସ୍ପୋର୍ଟ୍ସ ଓଡ଼ିଶା

ଭୁବନେଶ୍ୱର, ୧୫।୧ (ସମିସ): ଇଣ୍ଡିଆନ ଓମେନସ ଲିଗ୍‌ର ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ସ୍ଥାନୀୟ ଦଳ ସ୍ପୋର୍ଟ୍ସ ଓଡ଼ିଶା ଓ ଏଚ୍‌ଓପିଏସ୍ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ଚଳିତ ସିଜନରେ ଓଡ଼ିଶା ଦଳ ଏଯାଏ ଗୋଟିଏ ହେଲେ ମ୍ୟାଚ୍‌ରେ ବିଜୟୀ ହୋଇନାହିଁ। କିନ୍ତୁ ଏଚ୍‌ଓପିଏସ୍ ଏଫ୍‌ସି ୩ ପଏଣ୍ଟ ସଂଗ୍ରହ କରିସାରିଛି। ଏହି ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା




ପ୍ରଥମଥର ବିଜୟୀ ହୋଇ ପଏଣ୍ଟ ଖାତା ଖୋଲିବ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ଟି କ୍ୟାପିଟାଲ ଫୁଟବଲ ଆରେନାରେ ଖେଳାଯିବ। ଚଳିତ ସିଜନରେ ଓଡ଼ିଶା ଦଳ ଭଲ ଆରମ୍ଭ କରିନାହିଁ। ତଥାପି ଆମ ଦଳ ଏହି ମ୍ୟାଚ୍‌ରେ ଭଲ ଖେଳିବ ବୋଲି ପ୍ରଶିକ୍ଷକ ପାରୋମିତା ସିଟ କହିଛନ୍ତି। ଗତ ମୁକାବିଲାରେ ଆମେ ଭଲ ଖେଳିଥିଲୁ। କିନ୍ତୁ ଆମ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରି ନପାରିବା ଫଳରେ ବିଜୟୀ ହେବା ସମ୍ଭବ ହୋଇନଥିଲା। ଏହି ଦୁର୍ବଳତାକୁ ସୁଧାରିବା ଲାଗି ଆମେ ସମସ୍ତ ପ୍ରକାର ଚେଷ୍ଟା କରିଛୁ। ଏଣୁ ଦଳ ମଧ୍ୟରେ ସମନ୍ୱୟ ଆଣିବା ଓ ବିଜୟୀ ହେବା ଲାଗି ଆମେ ସମସ୍ତ ପ୍ରକାର ଉଦ୍ୟମ କରିବୁ ବୋଲି ସିଟ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମୁକାବିଲାରେ ଏଚ୍‌ଓପିଏସ୍ ଏଫ୍‌ସି ମଧ୍ୟ ବିଜୟୀ ହେବ ବୋଲି ଆଶା ରଖିଛି। ଗତ ମୁକାବିଲାରେ ଓଡ଼ିଶା ଏଫ୍‌ସିଠାରୁ ଅଳ୍ପକେ ହାରିଯାଇଥିଲା। ଏଥର ପୂର୍ବ ତ୍ରୁଟିକୁ ଦୋହରାଇବୁ ନାହିଁ

## ମୁମ୍ବାଇ, ଉତ୍ତରାଖଣ୍ଡ ବିଜୟୀ

ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ପ୍ରତିଯୋଗିତାର ୨ୟ ରାଉଣ୍ଡ ମୁକାବିଲା ସୋମବାର ଶେଷ ହୋଇଯାଇଛି। ଏଥିରେ ମୁମ୍ବଇ, ଉତ୍ତରାଖଣ୍ଡ ସହଜସାଧ୍ୟ ବିଜୟ ହାସଲ କରିଛନ୍ତି। ମୁମ୍ବଇର ଶରଦ ପାୱାର କ୍ରିକେଟ୍ ଏକାଡେମୀରେ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି ମୁକାବିଲାରେ ଘରୋଇ ମୁମ୍ବଇ ୧୦ ୱିକେଟ୍‌ରେ ବାଜିମାତ୍ କରିନେଇଥିଲା। ଆନ୍ଧ୍ର ପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୩୪ ରନର ଛୋଟିଆ ଲକ୍ଷ୍ୟକୁ ଅଜିଙ୍କ୍ୟା ରାହାଣେଙ୍କ ମୁମ୍ବଇ ଦଳ କୌଣସି ୱିକେଟ୍ ନ ହରାଇ ହାସଲ କରିନେଇଥିଲା। ଏହି ମ୍ୟାଚରେ ମୁମ୍ବଇ ପ୍ରଥମ ପାଳିରେ ୩୯୫ ରନ କରିଥିବାବେଳେ ଆନ୍ଧ୍ର ୧୮୪ ରନରେ ସୀମିତ ରହିଥିଲା। ୨୧୧ ରନ ପଛରେ ଥାଇ ଫଲୋଅନ ହୋଇଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ୨ୟ ପାଳିରେ ୨୪୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଆନ୍ଧ୍ରର ଉଭୟ ପାଳିରେ ଯଥାକ୍ରମେ ୬ ଓ ୪ ସହ ମୋଟ୍ ୧୦ ୱିକେଟ୍ ନେଇଥିବା ମୁମ୍ବଇର ବାମହାତୀ ସ୍ପିନର ସାମ୍ସ ମୁଲାନୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଲିଟ୍ ଗ୍ରୁପ୍-ଡି'ର ଏକ ମୁକାବିଲାରେ ଉତ୍ତରାଖଣ୍ଡ ୮୮ ରନରେ ଘରୋଇ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ଉତ୍ତରାଖଣ୍ଡ ପକ୍ଷରୁ ଧାର୍ଯ୍ୟ ୧୯୫ ରନର ଲକ୍ଷ୍ୟକୁ ପିଛା କରିଥିବା ହିମାଚଳ ପ୍ରଦେଶ ସୋମବାର ଅନ୍ତିମ ତଥା ୪ର୍ଥ ଦିବସରେ ୧୦୬ ରନରେ ଅଲ୍‌ଆଉଟ୍ ହୋଇଥିଲା।

କୁଚ୍ ବିହାର ଟ୍ରଫି ଫାଇନାଲ

## ପ୍ରଖରଙ୍କ ୪୦୪ ରନର ଐତିହାସିକ ପାଳି

ବେଙ୍ଗାଲୁରୁ, ୧୫।୧ (ଏଜେନ୍ସି): ଘରୋଇ କର୍ଣ୍ଣାଟକ ଓ ମୁମ୍ବଇ ମଧ୍ୟରେ ଏଠାରେ ଶେଷ ହୋଇଥିବା ୪ ଦିବସୀୟ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଫାଇନାଲରେ ଏକ ଐତିହାସିକ ପାଳି ଦେଖିବାକୁ ମିଳିଛି। କର୍ଣ୍ଣାଟକର ଯୁବ ବ୍ୟାଟର୍ ପ୍ରଖର ଚର୍ତୁବେଦୀ ୪୦୪ ରନର ଅପରାଜିତ ପାଳି ଖେଳି ଇତିହାସ ପୃଷ୍ଠାରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଆନୁକୂଲ୍ୟରେ ୧୯୪୫-୪୬ ସିଜନରୁ କୁଚ୍ ବିହାର ଟ୍ରଫି ଆରମ୍ଭ ହୋଇଥିବାବେଳେ ପ୍ରଥମ ଖେଳାଳି ଭାବେ ପ୍ରଖର ଏହି ପ୍ରତିଯୋଗିତାର ଫାଇନାଲରେ ୪୦୦ ରନର ପାଳି ଖେଳିଛନ୍ତି।

ମୁମ୍ବଇର ପ୍ରଥମ ପାଳି ସ୍କୋର ୩୮୦ ରନ ଜବାବରେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ସୋମବାର ଅନ୍ତିମ ତଥା ୪ର୍ଥ ଦିବସ ଶେଷ ସୁଦ୍ଧା ୨୨୩ ଓଭରରେ ୮ ୱିକେଟ୍ ବିନିମୟରେ ୮୯୦ ରନର ବିଶାଳ ସ୍କୋର ଠିଆ କରାଇଥିଲା। କର୍ଣ୍ଣାଟକ ପ୍ରଥମ ପାଳିରେ ୫୧୦ ରନର ଅଗ୍ରଣୀ ହାସଲ କରିଥିବାବେଳେ ଶେଷରେ ମ୍ୟାଚକୁ ଅମୀମାଂସିତ ଘୋଷିତ କରାଯାଇଥିଲା। ଫଳରେ ପ୍ରଥମ ପାଳିରେ ଅଗ୍ରଣୀଭିତ୍ତିରେ କର୍ଣ୍ଣାଟକକୁ ଚାମ୍ପିଅନ ଘୋଷିତ କରାଯାଇଥିଲା। ଘରୋଇ କର୍ଣ୍ଣାଟକ ପାଇଁ ପାଳି ଆରମ୍ଭ କରିଥିବା ପ୍ରଖର ମୋଟ୍ ୬୩୮ ବଲର ସାମ୍ନା କରି ୪୬ ଚୌକା ଓ ୩ ଛକା ବଳରେ ୪୦୪ ରନ କରି ମ୍ୟାଚର ଶେଷ ଦିନ ସୋମବାର ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଚାମ୍ପିଅନ କର୍ଣ୍ଣାଟକ ଦଳରେ ରାହୁଲ ଦ୍ରାବିଡ଼ଙ୍କ ପୁଅ ସମିତ ପ୍ରତିନିଧିତ୍ୱ କରୁଥିଲେ।

### ଯୁବରାଜଙ୍କ ୩୫୮ ରନ ପଛରେ ପଡ଼ିଲା

ଏହି ମ୍ୟାଚରେ ପ୍ରଖର ୪୦୪ ରନର ଅପରାଜିତ ପାଳି ଖେଳିବା ଅବସରରେ ଯୁବରାଜ ସିଂହଙ୍କ ୨୪ ବର୍ଷ ତଳର ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ୧୯୯୯ରେ କୁଚ୍ ବିହାର ଟ୍ରଫି ଫାଇନାଲରେ ଯୁବରାଜ ବିହାର ବିପକ୍ଷରେ ୩୫୮ ରନର ତ୍ରିଶତକୀୟ ପାଳି ଖେଳିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାର ଫାଇନାଲରେ ସର୍ବୋଚ୍ଚ ବ୍ୟକ୍ତିଗତ ପାଳି ଭାବେ ବିବେଚିତ ହେଉଥିଲା। କିନ୍ତୁ କୁଚ୍ ବିହାର ଟ୍ରଫି ଇତିହାସରେ ଓଭରଅଲ୍ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରକୁ ନଜର ପକାଇଲେ ମହାରାଷ୍ଟ୍ରର ବିଜୟ ଜୋଲ୍ ଶୀର୍ଷରେ ରହିଛନ୍ତି। ବିଜୟ ୨୦୧୧-୧୨ ସିଜନରେ ଆସାମ ବିପକ୍ଷରେ ୪୫୧ ରନର ଅପରାଜିତ ପାଳି ଖେଳିଥିଲେ। ଏହି ତାଲିକାରେ ପ୍ରଖରଙ୍କ ୪୦୪ ରନର ପାଳି ୨ୟ ସ୍ଥାନରେ ରହିଛି।



ପ୍ରଖର ଚର୍ତୁବେଦୀ

କଳିଙ୍ଗ ସୁପର୍ କପ୍

## ଜାମସେଦପୁରର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୧୫।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା 'କଳିଙ୍ଗ ସୁପର୍ କପ୍' ଫୁଟ୍‌ବଲ ପ୍ରତିଯୋଗିତାରେ ଜାମସେଦପୁର ଏଫ୍‌ସି ୨ୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ବି ମୁକାବିଲାରେ ଜାମସେଦପୁର ୩-୨ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ମୋଟ୍ ୫ଟି ଗୋଲରୁ ୩ଟି ପେନାଲ୍ଟି ଆକାରରେ ହୋଇଥିଲା। ଜାମସେଦପୁର ଏଫ୍‌ସିର ଚିମା ଚୁକ୍‌ୱୁ ଡବଲ୍ ଗୋଲ୍ ଦେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚର ୨୯ତମ ମିନିଟ୍‌ରେ କେରଳକୁ ଏକ ପେନାଲ୍ଟି କିକ୍ ମିଳିଥିଲା। ଏହି ସୁଯୋଗର ଭରପୁର ଫାଇଦା ଉଠାଇ ଦିମିତ୍ରିଓସ୍ ଡିଆମାନଟାକୋସ କେରଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ୩୩ତମ ମିନିଟ୍‌ରେ ଜାମସେଦପୁରର ଅଗ୍ରଭାଗ ଖେଳାଳି ଚିମା ଏହି ଗୋଲ୍‌ଟି ଶୁଝିଦେବାରୁ ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ରେ ବରାବର୍‌ସ୍ଥିତିକୁ ଆସିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୫୭ତମ ମିନିଟ୍‌ରେ ଚିମା ୨ୟ ଗୋଲ୍ ଦେଇ ଜାମସେଦପୁରକୁ ୨-୧ରେ ଆଗୁଆ କରାଇଥିଲେ। କିନ୍ତୁ ଏହାର ୫ ମିନିଟ୍ ପରେ କେରଳକୁ ଆଉ ଏକ ପେନାଲ୍ଟି ମିଳିଥିଲା ଏବଂ ଦିମିତ୍ରିଓସ୍ ପୁଣିଥରେ ଏହାକୁ ଗୋଲ୍‌ରେ




ରୂପାନ୍ତରିତ କରି ୨-୨ ସ୍ଥିତିକୁ ଆଣିଥିଲେ। ୬୮ତମ ମିନିଟ୍‌ରେ କିନ୍ତୁ ଜାମସେଦପୁରର ଜେରେମି ମନ୍‌ଜୋର ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରି ଦଳକୁ ୩-୨ରେ ଆଗୁଆ କରାଇବା ସହ ଜିତାଇଥିଲେ। ପୂର୍ବରୁ ଜାମସେଦପୁର ଏହାର ପ୍ରଥମ ମ୍ୟାଚରେ ୨-୧ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ହରାଇଥିଲା। ଏଥିସହ ଜାମସେଦପୁର ଏଫସି ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍‌ର ଶୀର୍ଷକୁ ଉଠିଛି। ଅପରପକ୍ଷରେ କେରଳ ଦ୍ୱିତୀୟ ମୁକାବିଲାରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ନର୍ଥଇଷ୍ଟ ୟୁନାଇଟେଡ୍ ୨-୧ ଗୋଲରେ ସିଲଂ ଲାଜଂ କ୍ଲବକୁ ହରାଇ ୩ ପଏଣ୍ଟ ଅର୍ଜନ କରିଥିଲା। ପ୍ରତିଯୋଗିତାରେ ନର୍ଥଇଷ୍ଟର ଏହା ପ୍ରଥମ ବିଜୟ ଥିଲା। ମଙ୍ଗଳବାର ଚେନ୍ନାଇନ ଏଫ୍‌ସି ଓ ଗୋକୁଲମ କେରଳା ଏବଂ ମୁମ୍ବାଇ ସିଟି ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯିବ।

ତମାଣ୍ଡୋ ପ୍ରିମିୟର ଲିଗ୍

## ବିହାରୀଲାଲ ଫାଇଟର୍ସ ବିଜୟୀ

ଭୁବନେଶ୍ୱର, ୧୫।୧ (ସମିସ): ଅଧିନାୟକ ବିଶ୍ୱଜିତ ମହାପାତ୍ରଙ୍କୁ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ତମାଣ୍ଡୋ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିନରେ ପୋଖରୀପୁଟର ବିହାରୀଲାଲ ଫାଇଟର୍ସ ୧୦୮ ରନ୍‌ରେ ନଁପୁଟର ଜେପି ସୁପରକିଙ୍ଗ୍‌ସକୁ ପରାସ୍ତ କରିଛି। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ଫ୍ରାଞ୍ଚାଇଜ୍‌ଭିତ୍ତିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ପ୍ରଥମେ ବ୍ୟାଟିଂ କରି ବିହାରୀଲାଲ ଫାଇଟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୨୬୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ବିଶ୍ୱଜିତ ୪୨ ବଲ୍‌ରେ ୭୦ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଜବାବରେ ୨୬୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଜେପି ସୁପରକିଙ୍ଗ୍‌ସ ୧୯.୧ ଓଭରରେ ୧୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କୌଣସି ବ୍ୟାଟର ଭଲ ସ୍କୋର କରିପାରି ନଥିଲେ। ବିଜୟୀ ଦଳର




ମନୋଜ ବେହେରାଙ୍କୁ ୨ଟି ୱିକେଟ ମିଳିଥିଲା। ଜେପି ସୁପରକିଙ୍ଗସ କ୍ରମାଗତ ଦୁଇ ଦିନରେ ୨ଟି ମ୍ୟାଚ୍‌ରେ ହାରିଯାଇଛି। ଏହି ମ୍ୟାଚ୍‌କୁ ଅମ୍ପାୟାର ଶରତ ଜେନା ଓ କମଳାକାନ୍ତ ଜେନା ପରିଚାଳନା କରିଥିଲେ। ମା' ଆଦିଶକ୍ତି ଭଣ୍ଡାରର ପ୍ରୋପାଇଟର ସୁକାନ୍ତ କୁମାର ବେହେରା ଅତିଥିଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ତୃତୀୟଦିନ ଖେଳ ତମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସ ଓ ଯାଆଁଳାର ରକ୍‌ଷ୍ଟାର ମଧ୍ୟରେ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକୁ ଅମ୍ବିକା ରାଇସ ମିଲ୍‌ର ବେଖାତିର

# ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ମିଲ୍ କାର୍ଯ୍ୟକ୍ଷମ

**ବୁର୍ଲା, ୧୫।୧(ସମିସ)**

ଖଗସିପାଲି ଠାରେ ଥିବା ଅମ୍ବିକା ରାଇସ ମିଲ୍ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗ ହୋଇଛି। ଘୁମସାଗର ନାଳାରେ ଅମ୍ବିକା ରାଇସ ମିଲର ପ୍ରଦୂଷିତ ପାଣି ଓ ବର୍ଜ୍ୟବସ୍ତୁ ଛାଡ଼ିବା ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସାମୟିକ

### ବୋର୍ଡ ସହ କଥା ସରିଛି: ମିଲ୍ ମାଲିକ

ଭାବେ ମିଲ ବନ୍ଦ କରିବା ପାଇଁ ଗତ ଜାନୁଆରୀ ୧୦ ତାରିଖ ଦିନ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ତ୍ତମାନ ମଧ୍ୟ ନିର୍ଦ୍ଦେଶନାମାକୁ ଅମ୍ବିକା ରାଇସ ମିଲ୍ ବେଖାତିର କରି ମିଲ୍ କାର୍ଯ୍ୟକ୍ଷମ କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣାରେ ମିଲ୍ କାର୍ଯ୍ୟକ୍ଷମ ନେଇ କୌଣସି ନୂଆଁ ନିର୍ଦ୍ଦେଶନାମା ଜାରି ହୋଇ ନଥିବା ପ୍ରଦୂଷଣ ବୋର୍ଡ କହିଥିବାବେଳେ ପ୍ରଦୂଷଣ ବିଭାଗ ସହ କଥାବାର୍ତ୍ତା କରି ମିଲ୍ କାର୍ଯ୍ୟକ୍ଷମ କରିଥିବା ମିଲ୍ ମାଲିକ କହିଛନ୍ତି। ସୂଚନା ଅନୁସାରେ ଅମ୍ବିକା ରାଇସ ମିଲ୍ ସ୍ଥାନୀୟ ଘୁମସାଗର ନାଳାରେ ପ୍ରଦୂଷିତ ପାଣି ତଥା ବର୍ଜ୍ୟବସ୍ତୁ ଛାଡୁଥିବା ନେଇ 'ସକାଳ'ରେ ଖବର ପ୍ରକାଶନ ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ବଲପୁର ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ୩ଜଣିଆ ଟିମ୍ ରାଇସ ମିଲ ଗସ୍ତ କରି ପ୍ରଦୂଷିତ ପାଣିର ନମୂନା ସଂଗ୍ରହ କରିଥିଲେ। ଏହାସହ




ୱାଟର ଟ୍ରିଟମେଣ୍ଟ ସହ ପ୍ରଦୂଷଣ ରୋକିବା ପାଇଁ ଅତ୍ୟାବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି ନା ନାହିଁ ତାହା ନିରୀକ୍ଷଣ କରିଥିଲେ। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକାରୀ ହେଉ ନଥିବା ସାଙ୍ଗକୁ ଏହା ଯଥେଷ୍ଟ ନୁହେଁ ଓ ବ୍ୟବହୃତ ଯନ୍ତ୍ରପାତି କାର୍ଯ୍ୟକ୍ଷମ ହେଉ ନଥିବା ନିରୀକ୍ଷଣ ସମୟରେ ଟିମ୍ ଜାଣିବାକୁ ପାଇଛି। ଉକ୍ତ ଯାଞ୍ଚ ସମୟରେ ଆଖିକୁ ଦୃଶ୍ୟମାନ ହେଉଥିବା ଭଳିଆ ବାୟୁପ୍ରଦୂଷଣ ହେଉଥିବା ଟିମ୍ ଜାଣିବାକୁ ପାଇଛି। ଏହା ସହିତ କୁଣ୍ଡା ପାଉଁଶ ରାଇସ ମିଲ୍ ବାହାରକୁ ମଧ୍ୟ ଫୋପଡ଼ା ଯାଇଥିବାବେଳେ ତାହା ମାଟିରେ ପୋତାଯାଇ ନାହିଁ। ପାଉଁଶ ଖୋଲା ଆକାଶରେ ନ ଉଡ଼ିବା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା ମଧ୍ୟ କରାଯାଇ ନଥିବା ଟିମ୍ ଦେଖିବାକୁ ପାଇଛି। ସେହିପରି ରାଇସ ମିଲ ଭିତରେ ପରିମଳ ତଥା ସଫାସୁତରା ସନ୍ତୋଷଜନକ ନୁହେଁ ବୋଲି ଟିମ୍ କହିଥିଲା। ତେବେ ଇଟିପି ବସା ଯାଇଥିବା ବେଳେ ତାହା ମଧ୍ୟ କାର୍ଯ୍ୟକ୍ଷମ ନୁହେଁ ବୋଲି ଜଣାପଡ଼ିଥିଲା। ଟିମ୍ ପ୍ରଦୂଷିତ ପାଣିର ନମୂନା ସଂଗ୍ରହ କରିଥିବା ବେଳେ ସେଥିରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଥିଲା। ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୧୯୭୪ର ୩୩ (ଏ) ଓ ୧୯୮୧ର ୩୧ (ଏ) ଆଧାରରେ ମିଲକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ମିଳିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ବୋର୍ଡ ପାଖରେ ତଥ୍ୟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା ବୋର୍ଡ। ତେବେ ଏହି ନିର୍ଦ୍ଦେଶନାମାକୁ ବେଖାତିର କରି ମିଲ୍ ବର୍ତ୍ତମାନ ମଧ୍ୟ କାର୍ଯ୍ୟକ୍ଷମ ହେଉଥିବା ଜଣାପଡ଼ିଛି। ଏ ନେଇ ପ୍ରଦୂଷଣ ବୋର୍ଡ ସହ କଥାବାର୍ତ୍ତା କରି ମିଲ୍ କାର୍ଯ୍ୟକ୍ଷମ କରିଥିବା ମାଲିକ ଆଶିଷ ବେରିଆଲ୍ କହିଛନ୍ତି। ଏହାସହ ପଛପଟେ ବଡ଼ ଗାତ ଖୋଲି ଦେବା ସହ ଇଟିପି କାର୍ଯ୍ୟକ୍ଷମ ଥିବା ନେଇ ମିଲ୍ ମାଲିକ ଯୁକ୍ତି ବାଢିଛନ୍ତି। ସେପଟେ ଏପରି କିଛି ଆଲୋଚନା ହୋଇ ନଥିବା ସମ୍ବଲପୁର ସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ 'ସକାଳ'କୁ ପ୍ରତିକ୍ରିୟା ଦେଇଛନ୍ତି। କୌଣସି ମୌଖିକ ଆଲୋଚନାରେ ମିଲ୍ ଚାଲି ପାରିବ ନାହିଁ ଓ ଏ ନେଇ ଯେଉଁ ନିର୍ଦ୍ଦେଶନାମା ଜାରି ହୋଇଥିଲା ତାହା ପାଳନ ନକଲେ ମିଲ୍ ବନ୍ଦ କରିବୁ ବୋଲି ସେ କହିଛନ୍ତି।

## ୱାର୍ଡ ନଂ ୫ରେ ବୁର୍ଲା ବିଜେଡିର ବୈଠକ



**ବୁର୍ଲା, ୧୫।୧(ସମିସ):** ବୁର୍ଲା ୱାର୍ଡ ନଂ ୫ ଅନ୍ତର୍ଗତ ବୋର୍ଡ କଲୋନୀ ଠାରେ ବୁର୍ଲା ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭନ୍ନ ଯୋଜନା ସମ୍ପର୍କିତ ଲୋକଙ୍କୁ କୁହାଯାଇଥିଲା। ୱାର୍ଡ ନଂ ୫ର ସର୍ବାଙ୍ଗୀନ ଉନ୍ନତି ସାଙ୍ଗକୁ ଏସ.ଏସ.ଜି ମହିଳାମାନଙ୍କ ବିକାଶ ତଥା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା, ଅବିବାହିତ ଝିଅଙ୍କୁ ମିଳୁଥିବା ଭତ୍ତା ପାଇବାରୁ ଯେଉଁମାନେ ବଞ୍ଚିତ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ କିଭଳି ଭତ୍ତା ପାଇବେ ସେ ଦିଗରେ ପଦକ୍ଷେପ ନେବାପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ବୈଠକରେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ମିଶ୍ର, ଶାନ୍ତିଲତା କର, ବୈଦ ଦଳେଇ, ଗୌତମ ବେହେରା, ଶ୍ୟାମ ନାୟକ, ସୁନିତା ଛେତ୍ରୀ, ତୁଳସୀ ରେଡି, ଜମ୍ମୁ ପାତ୍ର, ରୋଜି ସ୍ୱାଇଁ, ଅନିତା ପ୍ରଧାନ, ଶାନ୍ତି ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଗାମୀ ନର୍ବାଚନରେ ନବୀନ ପଟ୍ଟନାୟକଙ୍କ ହାତରେ ହାତ ମିଶାଇ ବିଜେଡିର ସମ୍ବଲପୁର ଲୋକସଭା ଏବଂ ବିଧାନସଭା ପାର୍ଥୀଙ୍କୁ ବହୁତ ମାତ୍ରାରେ ଭୋଟଦେଇ ବିଜୟୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ରକ୍ତଦାନ କରି ପାଳିଲେ ଜନ୍ମଦିନ

**ବୁର୍ଲା, ୧୫।୧(ସମିସ):** ସମ୍ବଲପୁର ମହାନଗର ନିଗମ ୱାର୍ଡ଼ ନମ୍ବର ୧ ଠାରେ ଥିବା ମେଜେଷ୍ଟା କେଫେରେ ରକ୍ତଦାନ ଶିବିର ଆୟୋଜନ କରି ଜନ୍ମଦିନ ପାଳନ କରାଯାଇଛି। ଚାଉଁରପୁର ବାସିନ୍ଦା କେଦାରନାଥ ମାଝୀ ଓରଫ କ୍ରିଷ୍ଣା ଏହି ନିଆରା ଆୟୋଜନ କରିଥିଲେ। ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଜନ୍ମଦିନ ଗିଫ୍ଟ ହିସାବରେ ବନ୍ଧୁମାନେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ସମ୍ବଲପୁରର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ଶାହା, ବିଜେଡି ନେତା ଦିଲ୍ଲୀପ ଦୂରିଆ, ସମ୍ବଳ ଅନୁଷ୍ଠାନର ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



## ଭବ୍ୟତା, ବିବିଧତା ସହ ପାଳିତ ହେଲା କାଇଟ୍ ଫେଷ୍ଟିଭାଲ୍

# ଫେସନ ସୋ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

**ସମ୍ବଲପୁର, ୧୫।୧(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସମ୍ବଲପୁର ୟୁଥ୍ ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ କାଇଟ୍ ଫେଷ୍ଟିଭାଲ୍ ଆୟୋଜିତ ହୋଇଯାଇଛି। ଗତକାଲି ରବିବାର ପ୍ରଥମ ଦିନରେ ଶିଶୁ କିଶୋର ଓ ଯୁବକ ଯୁବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା। ନୃତ୍ୟ, ସୁନ୍ଦରୀ ପ୍ରତିଯୋଗିତା, କ୍ରାଫ୍ଟ, ଚିତ୍ରାଙ୍କନ୍, ରଙ୍ଗୋଲି, ସେଲ୍‌ଫି ଭଳି ବିବିଧ କ୍ଷେତ୍ରରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ୫ଶହରୁ ଉର୍ଦ୍ଧ ପ୍ରତିଯୋଗୀ ବିବିଧ ପ୍ରତିଯୋଗିତା ମାନଙ୍କରେ ଅତି ଉତ୍ସାହ ସହକାରେ ଭାଗ ନେଇଥିଲେ। ଦ୍ୱିତୀୟ ଦିନ ତଥା ପବିତ୍ର ମକର ସଂକ୍ରାନ୍ତିରେ ସକାଳେ ବରଗଡ଼ ସାଂସଦ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୂଜା ପରେ ବହୁଭାଷୀ ନୃତ୍ୟ ସଂଗୀତ ସହ ସାମୁହିକ ବେଲୁନ ଓ ଗୁଡ଼ି ଉଡେଇ ଶୁଭ ଉଦଘାଟନୀ କରିଥିଲେ। ସନ୍ଧ୍ୟାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୂଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ବିବିଧ କ୍ଷତ୍ରରେ କୃତୀ ଅର୍ଜନ କରିଥିବା ସୁନାମଧାନ୍ୟ ସଙ୍ଗୀତଜ୍ଞ, ନୃତ୍ୟ ଶିଳ୍ପୀ, ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ୟୁଥ୍ ଆଇକନ୍ ଭାବରେ ଦୁର୍ଗା ପ୍ରସାଦ ଦାଶଙ୍କୁ ଲୋକ ନୃତ୍ୟ ଲୋକ ସଙ୍ଗୀତ ପ୍ରଚାର ପ୍ରସାର ପାଇଁ, ନବ ମହୋତ୍ତମଙ୍କୁ ଲୋକ ଗାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବରେ, ବିରୁପାକ୍ଷ ପ୍ରଧାନଙ୍କୁ ନାଟ୍ୟକାର ଓ ନିର୍ଦ୍ଦେଶନା ପାଇଁ ଓ ଦେବାଶିଷ ପ୍ରଧାନଙ୍କୁ ଚିତ୍ରକଳା ପାଇଁ ସମ୍ମାନୀତ କରାଯାଇଥିଲା। ସେହିପରି ସାମାଜିକ କ୍ଷେତ୍ରରେ ସମାଜ ସେବା ପାଇଁ ସମ୍ବଲ, ଯୁବ ଉଦୟନ ଓ ଏବିସିଡି ଚେରିଟେବୁଲ ଟ୍ରଷ୍ଟ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। କାଇଟ ଫେଷ୍ଟିଭାଲଙ୍କୁ ସଫଳତାର ସହିତ ଆୟୋଜନ କରିବା ପାଇଁ ସମ୍ବଲପୁର ୟୁଥ୍‌ର ସଭାପତି ରିକନ ପଟ୍ଟନାୟକଙ୍କ ସହିତ ପ୍ରେମାନନ୍ଦ ମହାକୁଡ, ଦଶରଥ ମେହେର, ବିକାଶ ଭୋଇ, ଅନିରୁଦ୍ଧ ଶର୍ମା, ରାହୁଲ୍ ଗୁପ୍ତା, ପର୍ଶୁରାମ ପଣ୍ଡା, ତାପସ ପଣ୍ଡା, ସ୍ୱାଗତ ଘଡେଇ, ରାମାସିଶ ତ୍ରିପାଠୀ, ମାନସ ରଞ୍ଜନ ବକ୍ସି, ସ୍ୱାଗତ ପାଢ଼ୀ, ପ୍ରିତିନନ୍ଦା କର ପ୍ରମୁଖ ବିଭିନ୍ନ ବିଭାଗର ସଂଯୋଜକ ଦାୟିତ୍ୱ ତୁଲାଇଥିଲେ। ଲିପୁନ ମହାପାତ୍ର, ତାପସ ପଣ୍ଡା, ଦେବାଶିଷ ପ୍ରଧାନ, ରାକେଶ ରାଉତ୍, ନୀଳକଣ୍ଠ ମେଶୁଆ, ସୁଜିତ୍ ବେହେରା, ଦେବେନ୍ଦ୍ର ସାହୁ ପ୍ରମୁଖ ଅନ୍ୟାନ୍ୟ ଦାୟିତ୍ୱରେ ସହଯୋଗ କରିଥିଲେ।



# ୧୯୮୩ ବ୍ୟାଚ ଜିଲ୍ଲା ସ୍କୁଲର ବାର୍ଷିକ ସମାବେଶ



**ସମ୍ବଲପୁର, ୧୫।୧ (ସମିସ):** ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୯୮୩ ମାଟ୍ରିକ ବ୍ୟାଚ ଛାତ୍ରଙ୍କର ବାର୍ଷିକ ସମାବେଶ ଗତକାଲି ଆୟୋଜିତ ହୋଇଯାଇଛି। ପୁରାତନ ଛାତ୍ରଙ୍କ ସମାବେଶ ହୀରାକୁଦ ବନ୍ଧର ଜିରୋ ପଏଣ୍ଟ ପାର୍ଶ୍ୱ ଜଳସେଚନ ବିଭାଗୀୟ ଡାକବଙ୍ଗଳାରେ ହୋଇଥିଲା। ସ୍କୁଲରେ ପାଠ ପଢ଼ିଥିବା ଛାତ୍ରମାନେ ଆଜି ବିଭିନ୍ନ ସ୍ଥାନର ଉଚ୍ଚ ପଦପଦବୀ କାର୍ଯ୍ୟ କରୁଥିବା ବେଳେ ଅନେକ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ସମାବେଶରେ ୪୦ ବର୍ଷ ତଳର ସ୍କୁଲ କଥା ମନେ ପକାଇଥିଲେ। ଏହି ସମାବେଶରେ ଡା. ସଞ୍ଜୟ ଦାସ, ପ୍ରଣବ ଭୋଳ, ଡା. ଗିରିଶ ବେହେରା, ସୂର୍ଯ୍ୟ ପାଣିଗ୍ରାହୀ, ଭାରତ ପ୍ରଧାନ, ବିଶ୍ୱଜିତ ନାୟକ, ଦାବିଦୁ ରେ‡ୀ, ଦିଲୀପ ପଣ୍ଡା, ସତ୍ୟଜିତ ରାଏ, ବିମଳେଶ ପତି, ଜୟନାରାୟଣ ଶତପଥି, ଅଶୋକ ଦାସ, ସୂର୍ଯ୍ୟ ପ୍ରଧାନ, ସଞ୍ଜୟ ମିଶ୍ର, ଚନ୍ଦ୍ର ଶେଖର ପାଢି, ଅଶୋକ ମହାନ୍ତି, ସୟଦ ଅବଦୁଲ ଶିରାଜ, ରାଜୀବ ଶତପଥି, ବୀରେନ୍ଦ୍ର ଗୁରୁ, ଅରବିନ୍ଦ ନାୟକ, ଫଣିଭୂଷଣ ମିଶ୍ର, ହରେଶ କର୍ଣ୍ଣ, ଅନିଲ ବେରିହା, ନିମେଇଁ ଚରଣ ସାହୁ, ରାମାନୁଜ କର ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡରିପାଲିରେ କୁଣହୁଁ ସମାଜର ଭବନ, ମନ୍ଦିର ଶିଳାନ୍ୟାସ

**ସମ୍ବଲପୁର, ୧୫।୧(ସମିସ):** ପଣ୍ଡରିପାଲି ଗ୍ରାମ ଜମାଦାରପାଲି ଠାରେ ସମ୍ବଲପୁର କୁଣହୁଁ ସମାଜ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ ଅବସରରେ ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଅନୁଦାନ ପ୍ରାପ୍ତ ପାଣ୍ଠିରୁ ତିହୁରା ଗଙ୍ଗାଘାଟ ଓ ଜୟ ଧାର୍ମେ ବେଲାୟ ଗଙ୍ଗା ମନ୍ଦିରର ଶିଳାନ୍ୟାସ ହୋଇଛି। ମୁଖ୍ୟ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପଧାନଙ୍କ ଦ୍ୱାରା ଶିଳାନ୍ୟାସ ହୋଇଛି। ଦମ୍ପତି ଜୟନ୍ତୀ ପ୍ରଧାନ ଓ ଧ୍ରୁବ କୁମାର ବାଘ ଜମିଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ପରିଷଦ ଉପ ସଭାପତି ମାଧବ ମିର୍ଦ୍ଧା, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଗଙ୍ଗାରମ ପ୍ରଧାନ ଅବସର ପ୍ରାପ୍ତ ଭାରତୀୟ ପ୍ରସାଶନିକ ଅଧିକାରୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଏବଂ ବକ୍ତା ଭାବେ ଚମାର ମିର୍ଦ୍ଧା, ବୈଜ୍ଞାନିକ ରମେଶ କିସାନ, ଗୁରଚରଣ କିସାନ, ରାମଚନ୍ଦ୍ର ମାଝୀ, ଚନ୍ଦ୍ରମଣି କିସାନ, ନବୀନ କିସାନ, ଛେଣ୍ଡ, ଯୁଧିଷ୍ଠିର ପଧାନ, ଦେବଗଡ଼ର ସଞ୍ଜୟ ମାଝୀ, ସୁନ୍ଦରଗଡ଼ ତହସିଲ ଟପ୍ପୋ, ମହେନ୍ଦ୍ର ବାଗ, ଖତୁନାଥ ପିଙ୍ଗ ନୀଳାଦ୍ରି ମିର୍ଦ୍ଧା ସଭାପତି ଗଜିନ୍ଦ୍ର ପ୍ରଧାନ ଓ ନେଗୀ ଶଙ୍କର ମିର୍ଦ୍ଧା, ଅର୍ଜୁନ କିସାନ, ଭବାନୀ ବାଗ, ସରୋଜ କୁମାର ପ୍ରଧାନ, ସମିତି ସଭ୍ୟ ତାଲବ ପଞ୍ଚାୟତ, ଲକ୍ଷ୍ମୀନ୍ଦ୍ର ମିର୍ଦ୍ଧା, ପ୍ରଦୀପ କୁମାର ବାଗ, ଝାରସୁଗୁଡାର ପ୍ରଶନ୍ନ ପଧାନ, ଜମନକିରାର ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ପକ୍ଷରୁ ମାଗଣାରେ ଚାଲୁଥିବା ଅନଲାଇନ ପାଠ୍ୟକ୍ରମରେ ୨୦୨୩ ବର୍ଷ ପାଇଁ ଆର୍ଥିକ ସାହାଯ୍ୟ କରିଥିବା ଶୁଭେଚ୍ଛୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଚନ୍ଦ୍ରମଣି ମିର୍ଦ୍ଧା, ଅନୁଷ୍ଠାନର ସମ୍ପାଦକ ଅନୁଷ୍ଠାନ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ମହିଳା ସଦସ୍ୟମାନେ ଅତିଥି ସମ୍ବର୍ଦ୍ଧନା କରିଥିଲେ। ପ୍ରଫୁଲ୍ଲ କୁମାର ମିର୍ଦ୍ଧା, ଲିପିଣ୍ଡା ସରପଞ୍ଚ ସଭା ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ଡା.ମହେନ୍ଦ୍ର ଏକ୍କା, ବୁଦ୍ଧଦେବ ବୁଡୁଲା, ଦିବ୍ୟାରାଜ ପଧାନ, ସୁଜିତ କିସାନ ଅଶୋକ ପିଙ୍ଗ, ପରଦେଶୀ କିସାନ, ଦିବ୍ୟାଶଙ୍କର ପଧାନ, ସନାତନ କେଛୁ, ରାମଚନ୍ଦ୍ର ବାଗ, କୈଳାସ ଡୁଡୁମ, ରାତ୍ର ମିର୍ଦ୍ଧା, ମାଣିକେଶ୍ୱରୀ ମାଝୀ, ମୁନମୁନ ମାଝୀ, କଲ୍ୟାଣୀ ପଧାନ, ଡାଜିଙ୍ଗ ପିଙ୍ଗ, ସାରଦା ପଧାନ, ସତ୍ୟବତୀ ଡୁଡୁମ, ସଂଜିତା କିସାନ, ସୁରଭି ପଧାନ, ବୈଷ୍ଣବୀ ବଲୁଆ, ଅଞ୍ଜଳି ମିର୍ଦ୍ଧା, ସୁଷମା ଡନସନା, ଯଶୋବନ୍ତି ମିର୍ଦ୍ଧା, ଆକାଶ ମିର୍ଦ୍ଧା ସହିତ କେସେଇବାହାଲ, ଯୌତୁକବାହାଲ, ଲଲୋବିରା, କୁଆଗୋଲା ଅଞ୍ଚଳରୁ ବିଭିନ୍ନ ନୃତ୍ୟ ଦଳ ଯୋଗଦାନ ଦେଇଥିଲେ। ଶେଷରେ ଇଂ କୁମାରମାଣି କିସାନ ଧନ୍ୟବାଦ ଦେଇଥିଲେ।



## ସିକେ ନାୟୁଡୁ ଟ୍ରଫି

# ରବିନ ଓ ସତ୍ୟସେତୁଙ୍କ ଧୂଆଁଧାର ଶତକ

**ସମ୍ବଲପୁର, ୧୫।୧(ସମିସ):** ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ ସିକେ ନାଇଡୁ ଟ୍ରଫିର ଆଜି ଦ୍ୱିତୀୟ ଦିନ ଖେଳ ହୋଇଛି। ଝାରଖଣ୍ଡ ଦଳ ଓପନିଂ ଯୋଡି ଶିଖର ମୋହନ ଓ ସରନ୍ଦିପ ସିଂ ପଡ଼ିଆକୁ ଓହ୍ଲାଇଥିଲେ। ହେଲେ ୨୧ବଲ ଖେଳି ସରନ୍ଦିପ ଆଉଟ ହୋଇ ଯାଇଥିଲେ। ପରେ ସତ୍ୟ ଏସ୍‌ସେତୁ

### ଝାରଖଣ୍ଡ ଦଳ ମଜବୁତ ସ୍ଥିତିରେ





ବ୍ୟାଟିଂ କରିବାକୁ ଆସିଥିଲେ। ଉଭୟଙ୍କ ଯୋଡି ମଧ୍ୟ ଅଧିକ ସମୟ ପଡ଼ିଆରେ ରହିପାରି ନଥିଲା। ଶିଖର ମୋହନ ଅର୍ଦ୍ଧଶତକ ୧୩୧ ବଲରେ ୫୬ ରନ କରି ଆଉଟ ହୋଇଯାଇଥିଲେ। ପରେ ଆଇପିଏଲ ଖେଳିବା ପାଇଁ ଚୟନ ହୋଇଥିବା ରବିନ ମିଞ୍ଜ ପଡ଼ିଆକୁ ଓହ୍ଲାଇଥିଲେ। ମାତ୍ର ୧୮୯ ବଲରେ ୧୯ ଚୌକା ୯ ବିଶାଳ ଛକ୍କା ସହିତ ମୋଟ ୧୭୧ ରନ ସଂଗ୍ରହ କରିଥିଲେ। ତାଙ୍କର ଏହି ଧୂଆଁଧାର ପାରି ଦେଖିବାକୁ ଦର୍ଶକଙ୍କ ଭିଡ ଲାଗି ରହିଥିଲା। ଝାରଖଣ୍ଡ ୯୩ ଓଭର ଖେଳି ୨ ୱିକେଟରେ ୩୭୨ ରନ କରି ମଜବୁତ ସ୍ଥିତିରେ ରହିଛି। ବିକାଶ ଭଟ୍ଟ, ରାକେଶ ଆର ଆମ୍ପିଆର ରହିଥିବା ବେଳେ ବିରାଜ ଦାଶ ଓ ସନ୍ଦିପ କୁମାର ଜି ସ୍କୋର ଦାୟିତ୍ୱ ତୁଲାଇଥିଲେ। ଗତକାଲି ଓଡ଼ିଶା ଦଳ ପ୍ରଥମେ ଟସ ଜିଣି ବେଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ସମସ୍ତ ୱିକେଟ ହରାଇ ଓଡ଼ିଶା ୮୧ ଓଭର ୩ ବଲରେ ମୋଟ ୧୬୮ ରନ ସଂଗ୍ରହ କରିଥିଲା। ଦଳର ଶୁଭ ଶର୍ମା ୯୨ ବଲରେ ୪୬ ରନ ସଂଗ୍ରହ କରିଥିଲେ। ଯାହା ଦଳର ସର୍ବାଧିକ ରନ ରହିଥିଲା। ଝାରଖଣ୍ଡ ଦଳର ସାହିଲ ରାଜ ଚମତ୍କାର ବୋଲିଂ କରିଥିଲେ। ୨୦ ଓଭରରେ ୭ ଓଭର ମେଡେନ ଦେଇଥିଲେ। ମୂଲ୍ୟବାନ ୫ ୱିକେଟ ନେଇ ଓଡ଼ିଶାର ଖେଳାଳିଙ୍କୁ ଧରାଶାୟୀ କରିଥିଲେ।

## ବହୁଜନ ସମାଜ ପାର୍ଟି ଆନୁକୂଲ୍ୟରେ ଜନକଲ୍ୟାଣକାରୀ ଦିବସ




**ସମ୍ବଲପୁର, ୧୫।୧(ସମିସ):** ବହୁଜନ ସମାଜ ପାର୍ଟି ସମ୍ବଲପୁର ଜିଲ୍ଲା ଆନୁକୂଲ୍ୟରେ ସାର୍କିଟ ହାଉସ ଠାରେ ଜନକଲ୍ୟାଣକାରୀ ଦିବସ ପାଳନ କରାଯାଇଥିଲା। ବହୁଜନ ସମାଜ ପାର୍ଟି ଜିଲ୍ଲା ସଭାପତି ଆଇନଜୀବୀ ଦିଲିପ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏସପି ରାଜ୍ୟ ସମ୍ପାଦକ ତଥା ସମ୍ବଲପୁର ସେକ୍ଟର ପ୍ରଭାରୀ ନାରାୟଣ ଭେସରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବିଏସପି ନେତା ତଥା କର୍ମୀ ଯୋଗ ଦେଇଥିଲେ। ଏହାସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଧାନସଭା ପ୍ରାର୍ଥୀ ଚୟନ କରାଯାଇ ବିଏସପି ସଫଳତା ପାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ବିଏସପି ମୁଖ୍ୟ ମାୟାବତୀ ଜୀଙ୍କ ଜନ୍ମଦିନ ପାଳନ ପାଇଁ ଜିଲ୍ଲା ସ୍ତରୀୟ ଜନକଲ୍ୟାଣ କାରୀ ଦିବସ ପାଳନ କରାଯାଇଥିଲା।

## ବ୍ୟବସାୟ ପାଇଁ ଏକାଠି ଦୁଇ ମହିଳା

# ମହିଳା ସଶକ୍ତିକରଣର ପ୍ରତୀକ ସାଜିଛନ୍ତି ଦୁଇ ଯାଆ

**ସମ୍ବଲପୁର, ୧୫।୧(ସମିସ)**

ଆଧୁନିକ ସମାଜରେ ପରିବାର କଳହ ଏକ ସାଧାରଣ କଥା। କେଉଁଠି ଭାଇ ଭାଇ ଭିତରେ ତ କେଉଁଠି ଜା' ମାନଙ୍କ ଭିତରେ ଝଗଡ଼ା ହୋଇଥାଏ। ଛୋଟ ଛୋଟ କଥାରେ ମଧ୍ୟ ମନୋମାଳିନ୍ୟ ହୋଇଯାଇଥାଏ। ହେଲେ ସମ୍ବଲପୁର ମହାନଗର ନିଗମ ବଡ଼ବଜାରର ଦୁଇ ଜା ରୁକ୍ମଣି ଓ ସିମିରନ ଏକାଠି ହୋଇ ଯେମିତି ଚଳୁଛନ୍ତି ତାହା ସମସ୍ତଙ୍କୁ ଆକର୍ଷିତ କରୁଛି। ଏକାଠି ଶାଢୀ ବ୍ୟବସାୟ କରି ଅନ୍ୟଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବଡ଼ବଜାର କୁଷ୍ଟାପଡ଼ାର ଦୁଇ ଜା'ଙ୍କ ଏହି ସମ୍ପର୍କ ସମାଜକୁ ଭିନ୍ନ ଚିତ୍ର ଦେଖାଉଛି। ଆଜି ମଧ୍ୟ ଯୌଥ ପରିବାର ଲାଭ କ'ଣ ରହିଛି ତାହା ପ୍ରମାଣିତ କରିଛନ୍ତି। ଦୁଇ ଭଉଣୀ ଭଳିଆ ରହି ପାଖ ପଡୋଶୀଙ୍କୁ ଏକ ବାର୍ତ୍ତା ଦେଉଛନ୍ତି। ବଡ଼ ଜା ରୁକ୍ମଣୀ ବାପ ଘରେ ଶାଢୀ ବ୍ୟବସାୟ କରୁଥିଲେ। ତେଣୁ ସେ ବିବାହ ପୂର୍ବରୁ ଶାଢୀ ବ୍ୟବସାୟରେ ପାରଙ୍ଗମ ଥିଲେ। ବାହାଘର କିଛିଦିନ ପରେ ଶାଢୀ ବିକ୍ରି କରି ରୋଜଗାର କରିବା ପାଇଁ ଯୋଜନା କରିଥିଲେ। ହେଲେ ଏକୁଟିଆ ବ୍ୟବସାୟ କରିବା ପାଇଁ ସାହସ ଜୁଟାଇ ପାରି ନଥିଲେ। ପରେ ସାନ ଜା' ସିମରନ ଆସିଥିଲେ। ଉଭୟ ଜା' କଥା ହୋଇ ସମ୍ବଲପୁରୀ ଶାଢୀକୁ ବ୍ୟବସାୟ କରିବାକୁ ସ୍ଥିର କରିଥିଲେ। ଏବେ ଅନ୍‌ଲାଇନ ମାଧ୍ୟମରେ ବ୍ୟବସାୟ ହୋଇପାରୁଛି। ତେଣୁ ଘରେ ରହି ବିକିବା ପାଇଁ ଦୁଇ ଜଣ ମନସ୍ଥ କରିଥିଲେ। ଘରେ ବିକ୍ରି କରୁଥିବା ସେମାନଙ୍କ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ସମ୍ବଲପୁରୀ ଶାଢୀ ଗୁଡ଼ିକର ଡିଜାଇନ, ରଙ୍ଗ ସବୁ ଭିଡ଼ିଓ କରି ପୋଷ୍ଟ କରୁଥିଲେ। ଫଳରେ ଲୋକେ ସେମାନଙ୍କୁ ବହୁତ ପସନ୍ଦ କରିଥିଲେ। ୮ ମାସ ହେଲା ଆରମ୍ଭ କରିଛନ୍ତି। ଏବେ ଘର ଭିତରେ ଦୋକାନ କରିଛନ୍ତି। ପ୍ରତିଦିନ ଅନେକ ଗ୍ରାହକଙ୍କ ଭିଡ଼ ଲାଗିରହୁଛି। ତା'ସହ ଅନ୍‌ଲାଇନରେ ମଧ୍ୟ ଶାଢୀ ବିକ୍ରି ହେଉଛି। ଗ୍ରାହକ ମାନେ ନିଜ ପସନ୍ଦରେ ବିଭିନ୍ନ ସାଇଟ୍‌ରୁ ଶାଢୀ ଗୁଡିକ ଡାଉନ୍‌ଲୋଡ କରି ସେଭଳିଆ ଶାଢୀ ଦେବାକୁ ଅର୍ଡର କରୁଛନ୍ତି। ଗ୍ରାହକଙ୍କୁ ସେଭଳିଆ ଶାଢୀ ବୁଣିକରି ଦିଆଯାଉଛି। ଅନ୍‌ଲାଇନରେ ବଜାର ସୁବିଧା ମଧ୍ୟ ଦିଆଯାଇଛି। ପସନ୍ଦ କରି ଟଙ୍କା ଜମା କରିବା ପରେ ଘରକୁ ପାର୍ସଲ କରି ଦିଆଯାଉଛି ବୋଲି କହିଛନ୍ତି।

